


କଲ୍‌କୀ-୨
ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା
▶ପୃଷ୍ଠା ୧୧ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-162 •MONDAY •8 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୬୨ •ସୋମବାର •୮ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ଆସନ୍ତାକାଲି ବାରବାଟୀ ଟି-୨୦

## ପହଞ୍ଚିଲେ ଖେଳାଳି; ଆଜି ଅଭ୍ୟାସ





■ କଟକ, ୭।୧୨ (ସମିସ): ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍। ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମୁକାବିଲା ହେବ। ଏହି ସିରିଜ ଓପନିଂ ମ୍ୟାଚ୍ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ରବିବାର ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ତୃତୀୟ ଦିନିକିଆ ଖେଳି ସାରିବା ପରେ ରବିବାର ଏକ ସ୍ୱତନ୍ତ୍ର ବିମାନଯୋଗେ ଦୁଇ ଦଳର ଖେଳାଳି ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ହୋଟେଲକୁ ଅଣାଯାଇଥିଲା। ସେଠାରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

**ଭୁବନେଶ୍ୱରରେ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଭବ୍ୟ ସ୍ୱାଗତ**

ଯଶପ୍ରୀତ୍ ବୁମ୍‌ରା, ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଭିନ୍ନ ଭିନ୍ନ ସମୟରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରବିବାର ବିଶ୍ରାମ ପରେ ସୋମବାର ଦୁଇ ଦଳର ଖେଳାଳି ବାରବାଟୀରେ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ ଟି-୨୦ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଖେଳାଳି ବାରବାଟୀକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ଭାରତ ଏବଂ ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ମ୍ୟାଚ୍ ପୂର୍ବରୁ ଶକ୍ତିପ୍ରଦର୍ଶନ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତ ଦଳ ଦିନ ୧.୩୦ରେ ▶ପୃଷ୍ଠା-୭

# ନାଇଟ୍ କ୍ଲବରେ ନିଆଁ: ୨୫ ଜୀବନ୍ତ ଦଗ୍ଧ

## ବାଣ ଫୁଟାଇବାରୁ ଅଗ୍ନିକାଣ୍ଡ: ମୁଖ୍ୟମନ୍ତ୍ରୀ



■ ପାନାଜୀ, ୭।୧୨ (ଏଜେନ୍ସି): ଗୋଆର ଏକ ନାଇଟ କ୍ଲବରେ ଗତ ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପର୍ଯ୍ୟଟକ, ୧୪ କର୍ମଚାରୀ ଅଛନ୍ତି। ଅନ୍ୟ ମୃତଦେହର ଚିହ୍ନଟ ହୋଇପାରି ନାହିଁ। ଏହି ଘଟଣାରେ କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗୋଆ ପୁଲିସ ଗିରଫ କରିଛି। ମାଲିକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଗିରଫ**

**ସଂକୀର୍ଣ୍ଣ ରାସ୍ତା; ବାହାରି ପାରିଲେନି ଲୋକେ**


**ଦୁର୍ଘଟଣା ନୁହେଁ; ହତ୍ୟାକାଣ୍ଡ ବୋଲି କହିଲେ ରାହୁଲ୍**

ରାଜଧାନୀ ପାନାଜୀ ଠାରୁ ୨୫ କିଲୋମିଟର ଦୂର ଅରପୋରା ଅଞ୍ଚଳର ବିଚି ସ୍ଥିତ ପ୍ରସିଦ୍ଧ ନାଇଟ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ'ରେ ଶନିବାର ବିଳମ୍ବିତ ରାତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଯାୟୀ, ନାଇଟ କ୍ଲବ୍‌ରେ 'ମେହବୁବା ମେହବୁବା' ଗୀତର ତାଳେ ତାଳେ ନାଚ ଜମି ଥିବା ବେଳେ ନିଆଁ ଲାଗି ▶ପୃଷ୍ଠା-୭

## ସାରା ରାଜ୍ୟରେ ପ୍ରବଳ ଶୀତ

### ୧୦ ଡିଗ୍ରୀ ତଳେ ୧୦ ସହର

■ ଭୁବନେଶ୍ୱର, ୭।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା। ପାରଦ ତଳମୁହାଁ ହେତୁ ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଶୀତର ପ୍ରଭାବ ଜାରି ରହିଛି। ସନ୍ଧ୍ୟା ୭ରୁ ତାପମାତ୍ରା ହ୍ରାସ ଆରମ୍ଭ ହୋଇ ରାତି ୧୦ ବେଳକୁ କାଲୁଆ ଶୀତ ପଡ଼ିଯାଉଛି। ଏମିତି କି ଖରା ନ ଆସିବା ଅର୍ଥାତ ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ ଶୀତ ଜାରି ରହୁଥିବାରୁ ସାରା ରାଜ୍ୟରେ ଜନଜୀନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ▶ପୃଷ୍ଠା-୭



ଶିମିଳିପାଳ ଅଭୟାରଣ୍ୟରେ ତୁହିନ ଆସ୍ତରଣ

## ରାସନ କାର୍ଡ ଅପେକ୍ଷାରେ ୪.୭୨ ଲକ୍ଷ

### ଆବେଦକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୭ ହଜାର

■ ଭୁବନେଶ୍ୱର, ୭।୧୨ (ସମିସ): ରାଜ୍ୟରେ ରାସନ୍ କାର୍ଡକୁ ଚାହିଁ ରହିଛନ୍ତି ୪ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ପରିବାର। ସରକାର କେବେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଓ ଏମାନେ ରାସନ ସାମଗ୍ରୀ ପାଇବେ ତାହା ଚାହିଁଚାହିଁ ଆଖିରୁ ପାଣି ମଲାଣି। ରାଜ୍ୟ ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ପ୍ରଦାନ ପାଇଁ ଘୋଷଣା କରୁଥିଲେ ମଧ୍ୟ ୪ ଲକ୍ଷ ୭୨ ହଜାର ୪୭୮ ଟି ଆବେଦନକୁ ଏଯାଏ ବିଚାରକୁ ନିଆଯାଇ ନାହିଁ।

ଗୋଟିଏ ପଟେ କେନ୍ଦ୍ର ସରକାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରାସନ୍ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ରାଜ୍ୟକୁ ସଂଦିଗ୍ଧ ହିତାଧିକାରୀ ତାଲିକା ପଠାଇଛନ୍ତି। ଏହି ତାଲିକାରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ କାର୍ଡ କାଟିବାକୁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାରେ ମଧ୍ୟ ଜୋରଦାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହା ସତ୍ତ୍ୱେ ପୁଣି ଥରେ ରାସନ୍‌କାର୍ଡ ହିତାଧିକାରୀ ଓ ଆବେଦକଙ୍କ ସଂଖ୍ୟାକୁ ନେଇ ସରକାରଙ୍କ ତଥ୍ୟ ଉପରେ ଉଠିଛିପ୍ରଶ୍ନ। ବର୍ତ୍ତମାନ ରାଜ୍ୟରେ ମୋଟ୍ ୯୮ ▶ପୃଷ୍ଠା-୭

■ **ବିଭିନ୍ନ ଆଳ ଦେଖାଇ କଟାଯାଉଛି ହିତାଧିକାରୀଙ୍କ କାର୍ଡ**

■ **ଯାଞ୍ଚରେ ଏଯାଏ କଟିଲାଣି ୩୩ ହଜାର ୧୨୮ କାର୍ଡ**


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KHELO INDIA UNIVERSITY GAMES 2025

CONGRATULATIONS
Making Odisha Proud

KIIT shines at KHELO INDIA UNIVERSITY GAMES (KIUG) 2025

Top Medal Holders in Eastern Region | 7th among 222 Universities | 3 Meet Records




KIIT MEN'S TENNIS TEAM WINS GOLD



KIIT MEN'S RUGBY TEAM WINS GOLD



KIIT WOMEN'S HOCKEY TEAM WINS GOLD



KIIT WOMEN'S RUGBY TEAM WINS GOLD



KIIT 4X100M RELAY MEN'S TEAM WINS GOLD



MAGANTI KEERTHI WINS GOLD IN WOMEN'S WEIGHTLIFTING (86KG)



SAMARDEEP SINGH GILL WINS GOLD IN MEN'S SHOT PUT



KIIT WOMEN'S VOLLEYBALL TEAM WINS SILVER




KIIT WOMEN'S SWIMMING TEAM WINS 10 MEDALS & 1ST RUNNERS UP



ISHA NEHI WINS GOLD IN WOMEN'S HEPTATHLON



KHOIROM REJIYA DEVI WINS GOLD IN WOMEN'S CYCLING INDIVIDUAL PURSUIT



RITHVIKA MITTAPALLI WINS GOLD IN WOMEN'S 50M BREASTSTROKE

21 MEDALS | 10 GOLD MEDALS | 3 SILVER MEDALS | 8 BRONZE MEDALS

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ୟୁକ୍ରେନ ଉପରେ ରୁଷ୍‌ର ୭୦୦ ଏୟାର୍ ଷ୍ଟ୍ରାଇକ୍

କିଭ୍/ମସ୍କୋ,୭ ।୧୨(ଏଜେନ୍ସି):'ଆର୍ମଡ ଫୋର୍ସ ଡେ' ପୂର୍ବରୁ ୟୁକ୍ରେନରେ ରୁଷ୍ ବଡ଼ ଧରଣର ଆକ୍ରମଣ କରିଛି। ଶନିବାର ୟୁକ୍ରେନ ଉପରେ ରୁଷ ୭୦୦ ବିମାନ ଆକ୍ରମଣ କରିଛି। ରୁଷିଆ

**ଭୁଲ୍‌ରେ ନିଜ ସହର ଉପରେ ୧୦୦୦ କେଜିର ବୋମା ପକାଇଲା**

୨୯ଟି ସ୍ଥାନକୁ ଲକ୍ଷ୍ୟ କରି ୬୫୩ ଡ୍ରୋନ୍ ଓ ୫୧ଟି କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ ବାୟୁସେନା କହିଛି। ଏଗୁଡିକ ମଧ୍ୟରୁ ୫୮୫ ଡ୍ରୋନ ଓ ୩୦ଟି କ୍ଷେପଣାସ୍ତ୍ରକୁ ମାରି ଖସାଯାଇଛି। ଏଥିରେ ୮ ଜଣ ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଏକାଧିକ ବିଦ୍ୟୁତ୍ କେନ୍ଦ୍ର ଓ ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମିରେ ଜାପୋରିଝିଆ ପରମାଣୁ କେନ୍ଦ୍ର ସାମିଲ ଅଛି। ଆକ୍ରମଣ ପରେ କିଛି ସମୟ ପାଇଁ ବିଦ୍ୟୁତ୍ ଚାଲିଯାଇଥିଲା। କିନ୍ତୁ ରିଆକ୍ଟରଗୁଡିକ ବନ୍ଦ ହେବା କାରଣରୁ କୌଣସି ବଡ଼ ବିପଦ ସୃଷ୍ଟି ହୋଇ ନ ଥିଲା। ୟୁକ୍ରେନ ମଧ୍ୟ ଆକ୍ରମଣ କରିଛି ବୋଲି ରୁଷିଆ ପାଲଟା ଅଭିଯୋଗ କରିଛି। ଗଣମାଧ୍ୟମଗୁଡିକର ସୂଚନା ଅନୁଯାୟୀ, ୟୁକ୍ରେନ ଉପରେ ଆକ୍ରମଣ କରିବା ବେଳେ ରୁଷିଆ ଏକ ବଡ଼ ତ୍ରୁଟି କରିଥିଲା। ୟୁକ୍ରେନ ସୀମାଠାରୁ ୪୦ କିମି ଦୂରରେ ଥିବା ନିଜ ସହର ବେଲଗୋରୋଡ୍ ଉପରେ ରୁଷ୍ ଭୁଲ୍‌ରେ ଏଫ୍‌ଏବି-୧୦୦୦ ନାମକ ଏକ ଉଚ୍ଚ ବିସ୍ଫୋରକ କ୍ଷମତା ସମ୍ପର୍ଣ୍ଣ ବୋମା ପକାଇଥିଲା। ଏହି ବୋମାର ମୋଟ ଓଜନ ୧୦୦୦ କେଜି ଥିଲା। ବୋମା ସମ୍ପୂର୍ଣ୍ଣ ଭାବେ ଫୁଟି ନ ଥିଲେ ମଧ୍ୟ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। କିନ୍ତୁ ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ସେପଟେ ଏହି ଆକ୍ରମଣ ପରେ ଯୁଦ୍ଧ ରୋକିବା ପାଇଁ ୟୁକ୍ରେନ ଓ ଆମେରିକା ମଧ୍ୟ ହୋଇଥିବା କଥାବାର୍ତ୍ତା ବିନା ଫଳାଫଳରେ ଶେଷ ହୋଇଯାଇଛି। ୟୁକ୍ରେନ ରୁଷ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି ବୋଲି ରୁଷ ଅଭିଯୋଗ କରିଛି।

# ସ୍ୱାଭାବିକ ହେଉଛି ଇଣ୍ଡିଗୋ ସେବା

## ୧୩୮ ରୁ ୧୩୭ ମାର୍ଗରେ ଉଡ଼ିଲା ୧୬୫୦ ବିମାନ

ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି):

ନିୟମ କୋହଳ ସତ୍ତ୍ୱେ ଭାରତର ବୃହତ ଏୟାର ଲାଇନ୍ ଇଣ୍ଡିଗୋର ସମସ୍ୟା ସମାଧାନ ହେବାର ନା ଧରୁନି। ରବିବାର ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଦିଲ୍ଲୀ, ଚେନ୍ନାଇ, ଜୟପୁର, ହାଇଦରାବାଦ, ଭୋପାଳ, ମୁମ୍ବଇ, ତ୍ରିଚି, କୋଲକାତା ଆଦି ବିମାନବନ୍ଦରରେ ଉଡ଼ାଣ ପ୍ରଭାବିତ ହୋଇଛି। ଅନେକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋର ଏହି ପରିଚାଳନା ଜନିତ ସମସ୍ୟା ପାଇଁ ଯାତ୍ରୀ ହଇରାଣ ହେଉଛନ୍ତି। ଏହା ପୂର୍ବରୁ ଶନିବାର ଇଣ୍ଡିଗୋର ୮୦୦ ବିମାନ, ଶୁକ୍ରବାର ୧୬୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା।

ଇଣ୍ଡିଗୋ ସଙ୍କଟ ମଧ୍ୟରେ ରବିବାର ସନ୍ଧ୍ୟା ସୁଦ୍ଧା ଏୟାରଲାଇନ ଯାତ୍ରୀଙ୍କୁ ୬୧୦ କୋଟି ଟଙ୍କା ଫେରାଇଛି। ଏହା ସହିତ ସାରା ଦେଶରେ ଯାତ୍ରୀଙ୍କ ୩ ହଜାରରୁ ଅଧିକ ବ୍ୟାଗେଜ ଫେରାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅର୍ଥ ଫେରସ୍ତ କିମ୍ବା ପୁନଃ-ବୁକିଂରେ କୌଣସି ଅତିରିକ୍ତ ଦେୟ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଡେସ୍କ ପ୍ରତିଷ୍ଠା




**୬୧୦ କୋଟି ଟଙ୍କା ଫେରାଇଲାଣି କମ୍ପାନୀ**
**୩ ହଜାର ବ୍ୟାଗେଜ ବି ଫେରାଗଲାଣି**
**ତଥାପି ୬୫୦ରୁ ଅଧିକ ବିମାନ ବାତିଲ**
**୯୫% ସ୍ୱାଭାବିକ ହେଲାଣି: ଇଣ୍ଡିଗୋ**

କରାଯାଇଛି। ଅନ୍ୟପଟେ ଇଣ୍ଡିଗୋର ପରିଚାଳନାରେ ସାମାନ୍ୟ ବୃଦ୍ଧି ଦେଖା ଦେଇଛି। ସମ୍ପୂର୍ଣ୍ଣ କ୍ଷମତାର ସହ ଘରୋଇ ଉଡ଼ାଣ ଚାଲିଥିବା କୁହାଯାଉଛି। ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଆଜି ୧୩୮ ରୁ ୧୩୭ ମାର୍ଗରେ ୧୬୫୦ ବିମାନ ପରିଚାଳନା କରାଯାଉଛି। ଅନ୍ ଟାଇମ ପରଫରମାନ୍ସ (ଓଟିପି) ୭୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି। ଶନିବାର ଏହା ୧୫୦୦ ଥିଲା। ସାଧାରଣତଃ ଏୟାରଲାଇନ ଦିନକୁ ୨୩୦୦ ଉଡ଼ାଣ ପରିଚାଳନା କରିଥାଏ। ଏହି ସେବା ଧିରେ ଧିରେ ସ୍ୱାଭାବିକ ହେଉଛି। ଆଗାମୀ ତିନି ଦିନ ମଧ୍ୟରେ ସ୍ଥିତିରେ ସ୍ଥିରତା ଆସିବ ବୋଲି ସେ କହିଛନ୍ତି।

ଇଣ୍ଡିଗୋର ଏହି ମହା ବିଭ୍ରାଟ ପାଇଁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି। ଏହି ମାମଲାରେ ସଂସଦୀୟ କମିଟି ଏୟାରଲାଇନ୍ସର ପ୍ରମୁଖ ଅଧିକାରୀ ଏବଂ ସିଭିଲ ଆଭିଏସନ ରେଗୁଲେଟରଙ୍କୁ ଜବାବ ମାଗିପାରେ। ଜେଡିୟୁ ନେତା ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ସମ୍ବନ୍ଧିତ ଏହି ସ୍ଥାୟୀ କମିଟି ଡିଜିସିଏ, ଇଣ୍ଡିଗୋ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅଧିକାରୀଙ୍କୁ ବିମାନ ସେବା ଅଟକିବାର କାରଣ ଏବଂ ସମ୍ଭାବ୍ୟ ସମାଧାନ ବିଷୟରେ ଜବାବ ମାଗିପାରେ। ଏହା ମଧ୍ୟରେ ନୂଆ ନିୟମ କାର୍ଯ୍ୟକାରୀ କରିବାକୁ ଇଣ୍ଡିଗୋ ଗମ୍ଭୀରତାର ସହ ନ ନେବାରୁ ଏହି ସ୍ଥିତି ସୃଷ୍ଟି ହେଲା ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି। ଏହାର ମୁକାବିଲା ପାଇଁ ମନ୍ତ୍ରାଳୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା।

# ଚଳଚ୍ଚିତ୍ର ନିର୍ମାଣ ନାମରେ ୩୦ କୋଟି ଠକେଇ

ମୁମ୍ବଇ, ୭।୧୨ (ଏଜେନ୍ସି):

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କୁ ମୁମ୍ବଇ ଏବଂ ରାଜସ୍ଥାନ ପୁଲିସ ରବିବାର ଗିରଫ କରିଛି। ଆତ୍ମକାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ କହି ଜଣେ ବ୍ୟବସାୟୀଙ୍କୁ ୩୦ କୋଟି ଟଙ୍କା ଠକିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୁମ୍ବଇର ୟାରି ରୋଡ ଅଞ୍ଚଳ ସ୍ଥିତ ଗଙ୍ଗା ଭବନ ଆପାର୍ଟମେଣ୍ଟରେ ଥିବା ଶାଳୀଙ୍କ ଘରୁ ବିକ୍ରମଙ୍କୁ ଧରାଯାଇଛି। ଏବେ ରାଜସ୍ଥାନ ପୁଲିସ ତାଙ୍କୁ ନିଜ ସହ ଉଦୟପୁର ନେବା ପାଇଁ ବାନ୍ଦ୍ରା କୋର୍ଟରେ ଟ୍ରାଞ୍ଜିଟ ରିମାଣ୍ଡ ନିମନ୍ତେ ଆବେଦନ କରିବ। ବିକ୍ରମଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ରାଜସ୍ଥାନର 'ଇନ୍ଦିରା ଗ୍ରୁପ ଅଫ କମ୍ପାନୀଜ୍'ର ମାଲିକ ଡ. ଅଜୟ ମୁର୍ଡିୟା ନଭେମ୍ବର ୧୭ ତାରିଖରେ ବିକ୍ରମ ଭଟ୍ଟଙ୍କ ସମେତ ୮ ଜଣଙ୍କ ବିରୋଧରେ ୩୦ କୋଟି ଟଙ୍କାର ଠକେଇ ନେଇ ଏତଲା ରୁଜୁ କରାଇ ଥିଲେ। ବ୍ୟବସାୟୀ ଅଭିଯୋଗ କରିଥିଲେ ଯେ ଏକ କାର୍ଯ୍ୟକ୍ରମରେ ସେ ଦିନେଶ କଟାରିଆଙ୍କୁ ଭେଟିଥିଲେ। ଦିନେଶ ତାଙ୍କୁ ପତ୍ନୀଙ୍କ ଆତ୍ମଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ।



**ଶାଳୀଙ୍କ ଘରୁ ନିର୍ମାତା ବିକ୍ରମ ଭଟ୍ଟ ଗିରଫ**

ଚଳଚ୍ଚିତ୍ର ନେଇ କଥା ହେବାକୁ ୨୦୨୪ ଏପ୍ରିଲ ୨୪ରେ ମୁମ୍ବଇ ସ୍ଥିତ ବୃନ୍ଦାବନ ଷ୍ଟୁଡିଓକୁ ଆସିବା ପାଇଁ ଦିନେଶ ଡାକିଥିଲେ। ଏଠାରେ ବିକ୍ରମଙ୍କ ସହ ଅଜୟଙ୍କୁ ଭେଟ କରାଯାଇଥିଲା। ଚଳଚ୍ଚିତ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବିକ୍ରମଙ୍କୁ ଦିଆଯାଇଥିଲା। ଅଜୟଙ୍କୁ କେବଳ ସଠିକ ସମୟରେ ଟଙ୍କା ପଠାଇବାକୁ କୁହାଯାଇଥିଲା। ବିକ୍ରମ କହିଥିଲେ ଯେ ତାଙ୍କ ପତ୍ନୀ ଶ୍ୱେତାମ୍ବରୀ ଏବଂ ଝିଅ କୃଷ୍ଣା ମଧ୍ୟ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ଅଛନ୍ତି। ପରେ ଦୁଇଟି ଫିଲ୍ମ ନିର୍ମାଣ ପାଇଁ ଶ୍ୱେତାମ୍ବରୀଙ୍କ କମ୍ପାନୀ ଭିଏସବି ଏଲଏଲପିକୁ ସହଯୋଗୀ କରାଯାଇଥିଲା। ଏହି କମ୍ପାନୀଙ୍କୁ ଅଜୟ ଟଙ୍କା ଦେଇଥିଲେ। ମାତ୍ର ପରେ ଜଣା ପଡ଼ିଥିଲା ଯେ ଇନ୍ଦିରା ଏଣ୍ଟରଟେନମେଣ୍ଟ ଖାତାକୁ ଯେଉଁ ଟଙ୍କା ଦିଆଯାଇଥିଲା ତାହା ଜାଲ୍ ଥିଲା। ଯାହାର ନାମରେ ପେମେଣ୍ଟ ହୋଇଥିଲା ସେ ଅଟୋ ଚାଳକ ବୋଲି ଜଣା ପଡ଼ିଥିଲା। ପେମେଣ୍ଟ ପରେ ଏହାର ସିଂହଭାଗକୁ ବିକ୍ରମଙ୍କ ପତ୍ନୀଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ୟବସାୟୀ ଏତଲା ରୁଜୁ କରିଥିଲେ। ଗତ ସପ୍ତାହରେ ଏ ନେଇ ବିକ୍ରମ, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା। ଏମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା।

# ଦିଲ୍ଲୀରେ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, ୭।୧୨ (ସମିସ): ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିସରରେ ସହିଦ ଜୟୀ ରାଜଗୁରୁ ଫାଉଣ୍ଡେସନ ପକ୍ଷରୁ ଏହି ମହାନ ବିପ୍ଳବୀଙ୍କ ବଳିଦାନ ଦିବସ ଆୟୋଜିତ



**ସହିଦ ଜୟୀରାଜଗୁରୁ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ**

ହୋଇଯାଇଛି। ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ପ୍ରାଣବଳୀ ଦେଇଥିବା ସହିଦ ଜୟୀରାଜଗୁରୁ ତଥା ଜୟକୃଷ୍ଣ ମହାପାତ୍ର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର। ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଯେ ଐତିହାସିକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବରେ ଲେଖି ନାହାନ୍ତି। ଜୟୀ ରାଜଗୁରୁଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରିନଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନାଲୋଚିତ ବିଷୟରେ ଅନେକ ଅନଭିଜ୍ଞ। ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲ୍ଲୀପ ପଟ୍ଟନାୟକ ମଞ୍ଚ ମଣ୍ଡନ କରିଥିବାବେଳେ ଅନୁଷ୍ଠାନର ଟ୍ରଷ୍ଟି ତଥା ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗିରଥୀ ଧଳ, ପ୍ରକାଶ ଷଡ଼ଙ୍ଗୀ ଆଦି ସହିଦଙ୍କ ସ୍ମୃତି ଚାରଣ କରିଥିଲେ। ସାମ୍ବାଦିକ ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ।

## ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଜିଲ୍ଲାପାଳଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଭୁଜ୍‌ର ଜିଲ୍ଲାପାଳ ପ୍ରଦୀପ ନିରଙ୍କରନାଥ ଶର୍ମାଙ୍କୁ ମନି ଲଣ୍ଡରିଂ ମାମଲାରେ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ତାଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି। ଜରିମାନା ଦେବାକୁ ବିଫଳ ହେଲେ ତାଙ୍କୁ ଆହୁରି ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି। ଅହମଦାବାଦ୍‌ର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କ ବିରୋଧରେ ଏହି ରାୟ ପ୍ରଦାନ କରିଛନ୍ତି। ୨୦୧୦ରୁ ୨୦୧୪ ମଧ୍ୟରେ ରୁଜୁ ହୋଇଥିବା ଏକାଧିକ ପୁଲିସ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ ଆରମ୍ଭ କରିଥିଲା। ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି, ଆପରାଧିକ ଷଡ଼ଯନ୍ତ୍ର ଓ ଜମି ଆବଣ୍ଟନରେ ଅନିୟମିତତା ଅଭିଯୋଗ ଆସିଥିଲା। କଚ୍ଛର ଜିଲ୍ଲାପାଳ ଥିବା ବେଳେ ସେ ସାଗମାଛ ମୂଲରେ ସରକାରୀ ଜମି ଆବଣ୍ଟନ କରିଥିଲେ। ଏହା ଦ୍ୱାରା ଗୁଜରାଟ ସରକାରଙ୍କର ୧.୨୦ କୋଟି ଟଙ୍କା କ୍ଷତି ହୋଇଥିଲା ବୋଲି କୁହାଯାଇଥିଲା। ଏହା ଦ୍ୱାରା ସେ ବ୍ୟକ୍ତିଗତ ଭାବେ ଲାଭବାନ ହେବାର ଅଭିଯୋଗ ହୋଇଥିଲା।

# ଇଣ୍ଡୋନେସିଆ ବନ୍ୟା; ମୃତ୍ୟୁ ସଂଖ୍ୟା ୯୦୦ ଟପିଲା


ଜାକାର୍ତ୍ତା,୭ ।୧୨(ଏଜେନ୍ସି):

ଇଣ୍ଡୋନେସିଆରେ ବାତ୍ୟା ଓ ପରେ ବନ୍ୟା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଛି। ବନ୍ୟା କାରଣରୁ ଏହି ଦେଶରେ ମୃତ୍ୟୁ ସଂଖ୍ୟା ୯୦୦ ପାର କରିଛି। ମାଲାକା ଷ୍ଟ୍ରେଟ୍ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ରେ ଶହଶହ ଲୋକ ନିଖୋଜ ହୋଇଛନ୍ତି। ଏହି ବାତ୍ୟା କାରଣରୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଘର ନଷ୍ଟ ହୋଇଛି। ବିଚ୍ଛିନ୍ନାଞ୍ଚଳରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳ ସଂଘର୍ଷ କରୁଛନ୍ତି। ଇଣ୍ଡୋନେସିଆରେ ସୃଷ୍ଟି ହୋଇଥିବା ଏହି ବିପର୍ଯ୍ୟୟ ସାମ୍ପ୍ରତିକ ପାଣିପାଗ ବିପର୍ଯ୍ୟୟ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ। ପୂର୍ବରୁ ଶ୍ରୀଲଙ୍କା, ଥାଇଲାଣ୍ଡ, ମିଆଁମାର ଓ ଭିଏତନାମରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। କେତେକ ସ୍ଥାନରେ ୯୦ ପ୍ରତିଶତ ଲୋକ ଗୃହହୀନ ହୋଇଛନ୍ତି। ସିବୋଲଗା ସହର ଓ କେନ୍ଦ୍ରୀୟ ତାପାନୁଲି ସମେତ ଅନେକ ଅଞ୍ଚଳ ଏବେ ମଧ୍ୟ ବିଚ୍ଛିନ୍ନ ହୋଇ ରହିଛି। ସେହିପରି ଶ୍ରୀଲଙ୍କାରେ ଦିତଓ୍ୱା ଜନିତ ମୃତ୍ୟୁସଂଖ୍ୟା ୭୦୦ ଟପିଛି।

## ସଂକ୍ଷିପ୍ତ

### ଟ୍ରୁଡୋଙ୍କ ସହ ପ୍ରେମକୁ ସାର୍ବଜନୀନ କଲେ ପେରୀ

ନ୍ୟୁୟର୍କ,୭ ।୧୨(ଏଜେନ୍ସି): ଜଣାଶୁଣା ଆମେରିକୀୟ ଗାୟିକା କେଟି ପେରୀ ଓ କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଛି। କିନ୍ତୁ ଏବେ ପେରୀ ଏହି ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରି ଏହି ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏହି ଫଟୋରେ ଟ୍ରୁଡୋଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। ପେରୀଙ୍କୁ



୪୧ ବର୍ଷ ହୋଇଥିବା ବେଳେ ଟ୍ରୁଡୋ ୫୩ ବର୍ଷରେ ପଦାର୍ପଣ କରିଛନ୍ତି। ଜାପାନ ଯାତ୍ରା କରିବା ବେଳର ଏହି ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ପେରୀ କ୍ୟାପସନରେ 'ଟୋକିଓ ଟାଇମ୍ସ ଅନ୍ ଟୁର ଆଣ୍ଡ ମୋର' ବୋଲି ଉଲ୍ଲେଖ କରିଛନ୍ତି। ଟ୍ରୁଡୋ ମଧ୍ୟ ଏହି ଫଟୋକୁ ସେୟାର କରିଛନ୍ତି। ପ୍ୟାରିସ୍‌ରେ ଅକ୍ଟୋବର ୨୫ରେ ପେରୀଙ୍କ ୪୧ତମ ଜନ୍ମଦିବସରେ ଉଭୟେ ଏକାଠି ହୋଇଥିଲେ। ସେବେଠାରୁ ଦୁହିଁଙ୍କ ସମ୍ପର୍କ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଦୁହିଁଙ୍କୁ ଗତ ଜୁଲାଇରେ ପ୍ରଥମଥର ପାଇଁ କାନାଡ଼ାରେ ନିଜର କୁକୁରଙ୍କ ସହ ଦେଖିବାକୁ ମିଳିଥିଲା। ଉଲ୍ଲେଖଥାଉ କି, ଟ୍ରୁଡୋ କାନାଡ଼ାର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟରେ ସେ ଅନେକ ବିବାଦୀୟ ନିଷ୍ପତ୍ତି ନେଇଥିଲେ।

### ଜଳିଗଲା ଘର; ଆମେରିକାରେ ଭାରତୀୟ ଛାତ୍ରୀ ମୃତ

ହାଇଦରାବାଦ୍,୭ ।୧୨(ଏଜେନ୍ସି): ଆମେରିକାରେ ଜଣେ ୨୪ ବର୍ଷୀୟା ଭାରତୀୟ ଛାତ୍ରୀ ସହଜ ରେଡ୍ଡୀ ଉଦୁମାଲା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି। ସହଜଙ୍କ



ଘର ତେଲଙ୍ଗାନାର ଜାନଗାଓଁ ଜିଲ୍ଲାରେ। ସେ ନ୍ୟୁୟର୍କର ଅଲବାନୀରେ ରହୁଥିଲେ। ରହୁଥିବା ଘରେ ନିଆଁ ଲାଗିବା କାରଣରୁ ସେ ମୃତ୍ୟୁବରଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତାଙ୍କ ପଡୋଶୀ ଘରେ ନିଆଁ ଲାଗିଥିଲା। ଏହା ଦ୍ରୁତଗତିରେ ବ୍ୟାପିବା କାରଣରୁ ସହଜଙ୍କ ଘର ମଧ୍ୟ ଜଳିଯାଇଥିଲା। ଶୋଇଥିବାରୁ ସେ ନିଜକୁ ବଞ୍ଚାଇପାରି ନ ଥିଲେ। ୨୦୨୧ରେ ଉଚ୍ଚଶିକ୍ଷା ପାଇଁ ସେ ଆମେରିକା ଯାଇଥିଲେ। ଏ ନେଇ କନସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେବା ସହ ଶୋକ ପ୍ରକାଶ କରିଛନ୍ତି। ସହଜଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ କନସୁଲେଟ୍ ତରଫରୁ କୁହାଯାଇଛି। ସେପେଟ ସହଜଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ସହଜଙ୍କ ପିତା ଉଦୁମୁଲା ଜୟକର ରେଡ୍ଡୀ ହାଇଦରାବାଦ୍‌ରେ ଟିସିଏସ୍ କମ୍ପାନୀରେ ଚାକିରି କରିଛନ୍ତି। ତାଙ୍କ ମା ଗୋପୁମାରିଆ ଶୈଳଜା ପ୍ରାଥମିକ ବିଦ୍ୟାଳୟରେ ଶକ୍ଷୟିତ୍ରୀ ଅଛନ୍ତି।

### ସଲ୍‌ମାନଙ୍କ ସହ କାମ ନ କରିବାକୁ ପବନ ସିଂଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଆଉ ଜଣେ ଚଳଚ୍ଚିତ୍ର ଅଭିନେତା ତଥା ଗାୟକଙ୍କୁ ଧମକ ଦେଇଛି। ସେ ହେଉଛନ୍ତି ଭୋଜପୁରୀ ତାରକା ପବନ ସିଂ। ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ସହ କାମ ନ କରିବାକୁ, ଖାସ୍ କରି ଗୋଟିଏ ମଞ୍ଚରେ ଠିଆ ନ ହେବାକୁ ଲରେନ୍ସ ଗ୍ୟାଙ୍ଗର ଜଣେ ସଦସ୍ୟ ପବନକୁ ଫୋନ୍ କରି ଚେତାବନୀ ଦେଇଛି। କେବଳ ସେତିକି ନୁହେଁ, ଗ୍ୟାଙ୍ଗର ସଦସ୍ୟମାନେ ପବନଙ୍କଠାରୁ ବହୁ ପରିମାଣର ଅର୍ଥ ଦାବି କରିଛନ୍ତି। ଯଦି ଦାବି ପୂରଣ ନ ହୁଏ, ତେବେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇ କୁହାଯାଇଛି। ଶନିବାର ଅଜଣା ନମ୍ବରରୁ ପବନ ଏକାଧିକ ବାର ଫୋନ୍ କଲ୍ ପାଇଥିଲେ। ଏହା ପରେ ସର୍ବସାଧାରଣରେ ପବନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ବିଗବସ୍-୧୯ରେ ଫାଇନାଲରେ ପବନ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ଓ ଏହାର ପ୍ରସାରଣ ରାତିରେ ହେବାର ଥିଲା। ଏହାପୂର୍ବରୁ ହିଁ ପବନଙ୍କୁ ଏହି ଧମକ ଦିଆଯାଇଛି। ତେବେ ଏହି ଧମକକୁ ଖାତିର ନ କରି ପବନ ବିଗ୍‌ବସ୍‌ର ଗ୍ରାଣ୍ଡ ଫିନାଲେରେ ସଲ୍‌ମାନଙ୍କ ସହ ମଞ୍ଚ ସେୟାର କରିଥିବା ସୂଚନା ମିଳିଛି।



ବିଦେଶୀ କହି ତଡ଼ିଥିଲେ

### ପୁଣି ଅନ୍ତଃସତ୍ତ୍ୱା ସୋନାଲୀଙ୍କୁ ଫେରାଇ ଆଣିଲେ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାର ଦୁଇଦିନ ପରେ ଗର୍ଭବତୀ ସୋନାଲୀ ଖାତୁନ ଭାରତ ଫେରିଛନ୍ତି। ବାଂଲାଦେଶୀ ବୋଲି ସନ୍ଦେହ କରି ସୋନାଲୀଙ୍କୁ ବାଂଲାଦେଶ ପଠାଇ ଦିଆଯାଇଥିଲା। ସୋନାଲୀ ୯ ମାସର ଗର୍ଭବତୀ ଅଛନ୍ତି। କିନ୍ତୁ ମାନବିକତାକୁ ଦୃଷ୍ଟିରେ ରଖି ସୋନାଲୀ ଓ ତାଙ୍କର ୮ ବର୍ଷର ପୁଅକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଂଲାଦେଶରେ ପହଞ୍ଚିବା ପରେ ସୋନାଲୀ ଓ ତାଙ୍କ ସନ୍ତାନ ଭୋକ ଉପାସରେ ଦ୍ୱାରା ଦ୍ୱାର ବୁଲିଥିଲେ। ଆଇନ୍ ବେଳେବେଳେ ମାନବିକତା ଆଗରେ ନଇଁବା ଉଚିତ ବୋଲି କୋର୍ଟ କହିଥିଲେ। ଯଦି ସୋନାଲିଙ୍କ ପିତା ଭାରତୀୟ, ତେବେ ସେ ଓ ତାଙ୍କ ପିଲାଙ୍କୁ ମଧ୍ୟ ଭାରତୀୟ ବୋଲି ବିବେଚନା କରାଯିବ ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ। ଏ ନେଇ ହୋଇଥିବା ଶୁଣାଣିରେ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ତରଫରୁ ପକ୍ଷ ରଖିଥିଲେ।



# ଜାତୀୟ ରଣନୀତି ବଦଳାଇଲେ ଟ୍ରମ୍ପ | ରୁଷକୁ 'ବିପଦ' କହିବନି ଆମେରିକା

ୱାସିଂଟନ, ୭।୧୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ବଡ଼ ପରିବର୍ତ୍ତନ କରିଛନ୍ତି। ସେ ରୁଷ୍ ସହ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରିଛନ୍ତି। ଏବେ ଆମେରିକ ଆଉ ରୁଷ୍‌କୁ 'ବିପଦ' ମାନିବ ନାହିଁ। ଟ୍ରମ୍ପଙ୍କ ଆମେରିକା ପ୍ରଥମ ନୀତି ଉପରେ ଏହି ରଣନୀତି ପର୍ଯ୍ୟବେସିତ। ୱାସିଂଟନର ଏଭଳି ପଦକ୍ଷେପକୁ ରୁଷ୍ ପ୍ରଶଂସା କରିଛି। ରୁଷ୍ ପ୍ରବକ୍ତା ଦିମିତ୍ରି ପେସକୋଭ କହିଛନ୍ତି ଯେ ଆମେରିକା ଗତ ଶୁକ୍ରବାର ୨୯ ପୃଷ୍ଠାର ରଣନୀତି ଜାରି କରିଥିଲା। ଏବେ ଏହି ଦେଶ ରୁଷ୍ ପାଇଁ 'ପ୍ରତ୍ୟକ୍ଷ ବିପଦ' ଏବଂ ଶତ୍ରୁ ଭଳି ଭାଷା ବ୍ୟବହାର କରିବ ନାହିଁ। ୨୦୧୪ରେ କ୍ରିମିଆ ଦଖଲ ଏବଂ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ ପରଠାରୁ ଆମେରିକା ନିଜ ରଣନୀତି ପରିବର୍ତ୍ତନ କରିଥିଲା। ଆମେରିକା ପ୍ରତି ରୁଷ୍ ସବୁଠାରୁ ବଡ଼ ବିପଦ ବୋଲି କୁହାଯାଉଥିଲା। ନୂଆ ରଣନୀତିରେ ନରମ ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଆଉ କିଛି ପ୍ରସଙ୍ଗରେ ସହଯୋଗ ବଢ଼ାଇବାକୁ କୁହାଯାଇଛି।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ୟୁରୋପ ନୀତିର ପ୍ରତିଫଳନ ଏନ୍‌ଏସ୍‌ଏସରେ ଦେଖିବାକୁ ମିଳିଛି। ଏଥିରେ ୟୁରୋପକୁ ସମାଲୋଚନା ସହିତ ଚେତାବନୀ ଦିଆଯାଇଛି। ୨୦ ବର୍ଷ ମଧ୍ୟରେ ଏହି ମହାଦେଶର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କୁହାଯାଇଛି। ଅନେକ ୟୁରୋପୀୟ ରାଷ୍ଟ୍ର ଅତ୍ୟନ୍ତ ଦୁର୍ବଳ ହୋଇଯିବେ। ଏହି ଦେଶ ଆଉ ଆମେରିକାର ଭରସାଯୋଗ୍ୟ ସହଯୋଗୀ ହୋଇ ରହିପାରିବେ ନାହିଁ। ଯଦି ବିଶ୍ୱାସଯୋଗ୍ୟ ସହଯୋଗୀ ହୋଇ ରହିବାକୁ ଚାହାନ୍ତି ତେବେ ନିଜ ରାସ୍ତା ବଦଳାଇବାକୁ ହେବ। ଏନ୍‌ଏସଏସରେ ୟୁରୋପର ଆପ୍ରବାସନ ନୀତି, ଜନ୍ମ ହାରରେ ଦ୍ରୁତ ହ୍ରାସ, ରାଷ୍ଟ୍ରୀୟ ପରିଚୟ ନଷ୍ଟ ଏବଂ ଅଭିବ୍ୟକ୍ତିରେ



କଟକଣା ଭଳି ପ୍ରସଙ୍ଗକୁ ସମାଲୋଚନା କରାଯାଇଛି। ୟୁରୋପୀୟ ସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡିକ ଦେଶର ସାର୍ବଭୌମ ଏବଂ ରାଜନୈତିକ ସ୍ୱତନ୍ତ୍ରତାକୁ ଦୁର୍ବଳ କରୁଥିବା ଅଭିଯୋଗ ଲଗାଯାଇଛି।

# ମୃତ ଦେହ ରଖି ବିକ୍ଷୋଭ କଲେ ୫ ବର୍ଷ ଜେଲ୍

ଜୟପୁର,୭ ।୧୨(ଏଜେନ୍ସି): ରାଜସ୍ଥାନରେ ଏବେ ମୃତ ଶରୀରକୁ ରଖି ବିକ୍ଷୋଭ ପ୍ରଦର୍ଶନ, ମୃତଦେହକୁ ନେଇ ରାଜନୀତି ଓ ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରିବା ମହଙ୍ଗା ପଡ଼ିପାରେ। କାରଣ ରାଜ୍ୟରେ ଏବେ 'ମୃତକ ଶରୀର ସମ୍ମାନ ଆଇନ୍' ଲାଗୁ ହୋଇଛି। ଏହି ନିୟମ ଅନୁସାରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ୨୪ ଘଣ୍ଟା ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଯଦି ମୃତ ବ୍ୟକ୍ତିଙ୍କ ଶରୀରକୁ ସଡ଼କରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅଯଥାରେ ଭିଡ଼ ସୃଷ୍ଟି କରାଯାଏ, ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କୁ ୫ ବର୍ଷ ଜେଲ ଦଣ୍ଡରେ



ଦଣ୍ଡିତ କରାଯିବ। ଏଭଳି ବିକ୍ଷୋଭକୁ ଅପରାଧ ବୋଲି ବିବେଚନା କରାଯିବ। ଯଦି ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରାଯାଏ, ତେବେ ପୁଲିସ ମୃତଦେହକୁ ଜବତ କରି ସଂସ୍କାର କରିବ ବୋଲି କୁହାଯାଇଛି। ୨୦୨୩ ଜୁଲାଇ ୨୦ରେ ଗତ ଅଶୋକ ଗେହଲଟ ସରକାରଙ୍କ କର୍ଯ୍ୟକାଳରେ ଏହି ଆଇନ ବିଧାନସଭାରେ ପାରିତ ହୋଇଥିଲା।

## ତୃତୀୟ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

# ଖରାରେ ଗର୍ଜିଲେ; ସନ୍ଧ୍ୟାରେ ପ୍ରାର୍ଥନା

ଭୁବନେଶ୍ୱର, ୭ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ରବିବାର ତୃତୀୟ ଦିନରେ ପହଞ୍ଚିଛି। ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ରବିବାର ଛୁଟି ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କ ଆନ୍ଦୋଳନ ଥମିନାହିଁ। ଅଭିନବ ଢଙ୍ଗରେ ଶିକ୍ଷକଶିକ୍ଷୟିତ୍ରୀମାନେ ସେମାନଙ୍କ ଦାବି ପୂରଣ କରିବାକୁ ସ୍ୱର ଉତ୍ତୋଳନ ଜାରି

### ଆଜିଠୁ ଆହୁରି ବ୍ୟାପକ ହେବ ଆନ୍ଦୋଳନ

ରଖିଛନ୍ତି। ସେମାନଙ୍କ ଦାବିକୁ ଦୃଷ୍ଟି ଦେବା ପାଇଁ ଧାରଣାସ୍ଥଳରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି। ଗାନ୍ଧୀ ମାର୍ଗରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ସହ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର' ଶ୍ଳୋକ ଗାଇଛନ୍ତି। ଏହାସହ ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଶିକ୍ଷକମାନେ ସ୍ପଷ୍ଟ କରିଛନ୍ତି।



ଶନିବାର ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ନିର୍ଦ୍ଦେଶକଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ମୂଳ ପଦକୁ ଅପଗ୍ରେଡ୍ , ୪୨ଶହ ଗ୍ରେଡ୍‌ପେ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବିକୁ ପୂରଣ ସଂକ୍ରାନ୍ତରେ ସରକାର ଘୋଷଣା ନ କରିବା ବା ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି 'ପ୍ରାଥମିକ ଶିକ୍ଷକ ମହାସଂଘ' ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦୁଇଦିନ ଧରି ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ଆସନ୍ତାକାଲି ଠାରୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ଶିକ୍ଷାଦାନ ବଦଳରେ ଶିକ୍ଷକ ରାସ୍ତାରେ ବସିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇଛନ୍ତି। ଏଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

## ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ଯବାନଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୭।୧୨(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ରବିବାର ୨ଜଣ ଅଭିଯୁକ୍ତ ଏସ୍ଏସ୍ବି ଯବାନ ଅର୍ଜୁନ ନାୟକ ଓ ମଧ୍ୟସ୍ଥ ନିମାଇଁ ଚରଣ ସାହୁଙ୍କୁ ଗିରଫ କରିଛି ସିବିଆଇ। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ମଧ୍ୟସ୍ଥ ଧରାପଡ଼ିବା ପରେ ରାଜ୍ୟ ବାହାର ଲିଙ୍କ ସାମ୍ନାକୁ ଆସିବାରେ ଲାଗିଛି। ରବିବାର ବିହାରରୁ ଜଣେ ଅଭିଯୁକ୍ତଙ୍କୁ ସିବିଆଇ ଅଟକ ରଖି ପଚରାଉଚରା କରୁଛି। ସେ ଏସ୍ଆଇ ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ।

ଦୁଇ ଦିନ ଧରି ମାରାଥନ ଜେରା ପରେ ଏସ୍ଏସ୍ବି ଯବାନ ଅର୍ଜୁନଙ୍କୁ ସିବିଆଇ ଗିରଫ କରିଛି। ଏସ୍ଆଇ ଚାକିରି ବିକ୍ରି ମାମଲାରେ ତାଙ୍କର ସିଧାସଳଖ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏସ୍ଆଇ ସ୍କାମ୍‌ରେ ଗିରଫ ହୋଇଥିବା ଏସ୍ଏସ୍ବି ଜବାନ ବିଶ୍ୱରଞ୍ଜନ ବେହେରାଙ୍କ ସହ ତାଙ୍କର ଘନିଷ୍ଠତା

### ଓପିଆର୍‌ବି ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ରହିଥିଲା। ଉଭୟ କ୍ରାଇମ୍ ସିଣ୍ଡିକେଟ୍‌କୁ ସୁରକ୍ଷା ଦେବା ସହ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେଉଥିଲେ। ଏହା ବ୍ୟତିତ ଏମାନେ ଟଙ୍କା ଦେଇ ଚାକିରି ପାଇବାକୁ ଇଚ୍ଛୁକ ଆଶୟୀ ପରୀକ୍ଷାର୍ଥୀଙ୍କୁ ଚୟନ କରୁଥିଲେ। ସେମାନଙ୍କ ପାଖରୁ ଟଙ୍କା କିମ୍ବା ଚେକ୍ ଆଣିବାଠାରୁ ବ୍ୟାଙ୍କରେ ଟଙ୍କା ଜମା ପର୍ଯ୍ୟନ୍ତ ସବୁକିଛି କାମ ସମ୍ଭାଳୁ ଥିଲେ। ସେହିପରି ଏହି ମାମଲାରେ ସିବିଆଇ ଏମାନଙ୍କ ଠାରୁ ୪ ଜଣ ଓପିଆର୍‌ବି ଅଧିକାରୀଙ୍କ ସମ୍ପର୍କରେ ଜାଣିବାକୁ ପାଇଛି। ଏହି ୪ଜଣଙ୍କୁ ପଚରାଉଚରା ପାଇଁ ଖୁବ୍‌ଶୀଘ୍ର ସିବିଆଇ କାର୍ଯ୍ୟାଳୟକୁ ଡକାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ କ୍ରାଇମ୍‌ବ୍ରାଞ୍ଚ ଜଣେ ଏସ୍ଏସ୍ବି ଜବାନଙ୍କୁ ଗିରଫ କରିଥିଲା ବେଳେ ସିବିଆଇ ଆଉ ଜଣଙ୍କୁ ଗିରଫ କରିଛି। ମଧ୍ୟସ୍ଥ ନିମାଇଁ ଚରଣ ସାହୁ ହେଉଛନ୍ତି ସିବିଆଇ ଦ୍ୱାରା ଗିରଫ ହୋଇ ଦୁଇ ଦିନିଆ ରିମାଣ୍ଡରେ ଥିବା ବିରଞ୍ଚି ନାୟକଙ୍କ ବରିଷ୍ଠ ସହଯୋଗୀ। ମଧ୍ୟସ୍ଥ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ଇସାରାରେ ଏମାନେ ଦୀଘା ମଡ୍ୟୁଲକୁ ଅପରେଟ୍ କରୁଥିଲେ। ପ୍ରାର୍ଥୀ ଚୟନଠାରୁ ଦୀଘାରେ ପ୍ରଶିକ୍ଷଣ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିଲେ।

ଅନ୍ୟପକ୍ଷରେ ସିବିଆଇର ଏକ ଟିମ୍ ବିହାରରୁ ଶଙ୍କର ପୃଷ୍ଟିଙ୍କ ଜଣେ ସହଯୋଗୀ କୁହାଯାଉଥିବା ଏସ୍ଆଇ ଚାକିରି ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡକୁ ଅଟକ ରଖିଛି। ଏହି ବ୍ୟକ୍ତି ଜଣଙ୍କ ଶଙ୍କରଙ୍କ ରାଜ୍ୟ ବାହାର ପାଟ୍‌ନର ବୋଲି କୁହାଯାଉଛି। ତାଙ୍କର ରାଜ୍ୟ ବାହାରରେ ହୋଇଥିବା ଏକ ପରୀକ୍ଷା କେଳେଙ୍କାରୀରେ ମଧ୍ୟ ସମ୍ପୃକ୍ତି ରହିଥିବା ସିବିଆଇକୁ ପ୍ରମାଣ ମିଳିଛି। ତେବେ ଏସ୍ଆଇ ସ୍କାମ୍‌ରେ ସମ୍ପୃକ୍ତି ନେଇ ବଳିଷ୍ଠ ପ୍ରମାଣ ମିଳିବା ପରେ ହିଁ ତାଙ୍କୁ ଗିରଫ କରାଯିବ। ଏହା ବ୍ୟତିତ ଶଙ୍କରଙ୍କ ଟଙ୍କାରେ ସେ ରାଜ୍ୟ ବାହାରେ ଦାମି କାର୍ ଏବଂ ବିଭିନ୍ନ ସମ୍ପତ୍ତି କିଣିଥିବା ସୂତ୍ରରୁ ଖବର ମିଳିଛି। ସେହିପରି ସିବିଆଇ ରିମାଣ୍ଡରେ ଥିବା ଅଭିଯୁକ୍ତ ବିରଞ୍ଚି ଏସଆଇ କେଳେଙ୍କାରୀର ଗୁମର ଖୋଲିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ବଡ଼ମୁଣ୍ଡଙ୍କ ନାମକୁ ସିବିଆଇ ସାମ୍ନାକୁ ଆଣିବାରେ ଲାଗିଛି। ସୋମବାର ବିରଞ୍ଚିର ରିମାଣ୍ଡ ଅବଧି ଶେଷ ହେବ। ଯଦି ଆବଶ୍ୟକ ପଡେ ତେବେ ବିରଞ୍ଚିଙ୍କ ରିମାଣ୍ଡ ଅବଧି ବୃଦ୍ଧି କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି। ଆଜି ଗିରଫ ୨ ଅଭିଯୁକ୍ତଙ୍କୁ ଜେରା ପାଇଁ ସିବିଆଇ ଦୁଇଦିନିଆ ରିମାଣ୍ଡରେ ନେଇଛି।

## ଜେଇ ମେନ୍ ପ୍ରରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ମାମଲା

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/ବାଲେଶ୍ୱର, ୭।୧୨(ସମିସ): ଓଡ଼ିଶା ଜେଇ ମେନ୍(ସିଭିଲ୍) ପରୀକ୍ଷା ୨୦୨୩ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ବାହାରର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିହାର ସମସ୍ତୀପୁର ଜିଲ୍ଲା ଖାନ୍‌ପୁର ଥାନା ୱାର୍ଡ ନମ୍ବର ୧୦ ଅଞ୍ଚଳରେ ରାଜମୋହନ ପ୍ରସାଦ। ରାଜମୋହନଙ୍କୁ ବିହାରରୁ ଗିରଫ କରାଯାଇ ଓଡ଼ିଶା ଅଣାଯାଇଛି। ରବିବାର କ୍ରାଇମ୍‌ବ୍ରାଞ୍ଚ ରାଜମୋହନଙ୍କୁ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଏହି ମାମଲାରେ ତାଙ୍କୁ

### ୩ ଦିନିଆ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଗଲେ ରାଜମୋହନ

ଅଧିକ ପଚରାଉଚରା ପାଇଁ କୋର୍ଟଙ୍କ ଅନୁମତିକ୍ରମେ କ୍ରାଇମ୍‌ବ୍ରାଞ୍ଚ ୩ ଦିନିଆ ରିମାଣ୍ଡରେ ନେଇଛି।

ତଦନ୍ତରରୁ ଜଣାପଡ଼ିଛି ଯେ, ରାଜମୋହନଙ୍କ ସମେତ ଅନ୍ୟ ଅଭିଯୁକ୍ତ ବିଶାଲ କୁମାର, ବ୍ରିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଏବଂ ଅନ୍ୟ ସହଯୋଗୀମାନେ ଦୀଘାର ପୂର୍ବାଶା ହୋଟେଲ କନ୍‌ଫରେନ୍ସ ହଲକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ନେଇ ଆସିଥିଲେ। ଏଠାରେ ୮୭ ଜଣ ପରୀକ୍ଷାର୍ଥୀଙ୍କୁ ଟଙ୍କା ବଦଳରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନା ପୁଲିସ ଖବର ପାଇ ଉକ୍ତ ହୋଟେଲରେ ରେଡ୍ କରିଥିଲା। କିଛି ଅଭିଯୁକ୍ତ ଗିରଫ ହୋଇଥିଲା ବେଳେ ରାଜମୋହନ ସେଠାରୁ ଫେରାର୍ ହୋଇଯାଇଥିଲେ। ହେଲେ ସେ ତାଙ୍କର ଏକ ଇଗ୍ନିସ୍ କାର ଛାଡି ଚାଲି ଯାଇଥିଲେ। ସେବେଠାରୁ ସେ କ୍ରାଇମ୍‌ବ୍ରାଞ୍ଚ ସ୍କାନରେ ଥିଲେ। ଏକାଧିକ ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡ଼ିଥିଲା ଯେ ସେ କ୍ରାଇମ୍ ସିଣ୍ଡିକେଟ୍‌ର ଏକ ପ୍ରମୁଖ ସଦସ୍ୟ ରହିଥିଲେ। ସେ ପରୀକ୍ଷାର୍ଥୀଙ୍କୁ ଆଶ୍ୱାସନା ଦେଉଥିଲେ ଯେ ତାଙ୍କ ପାଖରେ ଲିକ୍ ହୋଇଥିବା ପ୍ରଶ୍ନ ପତ୍ର ରହିଛି। ଏହା ବଦଳରେ ମୋଟା ଅଙ୍କର ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ଏହି ଘଟଣାରେ ମୋଟ୍ ପୂର୍ବରୁ ୨୭ ଜଣଙ୍କୁ ଗିରଫ କରାଯାଇଛି। ୨୦୨୩ ଜୁଲାଇ ୧୬ତାରିଖରେ ପ୍ରଶ୍ନପତ୍ର ଡିଲ୍ ବେଳେ ବାଲେଶ୍ୱର ପୁଲିସ ମାଡିବସିଥିଲା। ପ୍ରାଥମିକ ପର୍ଯ୍ୟାୟରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ସେତେବେଳେ ପୁଲିସ ମୋଟ ୨୭ଜଣଙ୍କୁ ଗିରଫ କରିଥିଲା। ପରେ ଏହି ମାମଲା କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ପୂର୍ବରୁ



ବିହାର ରାଜ୍ୟରୁ ୬ଜଣ, ପଶ୍ଚିମବଙ୍ଗରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଓ ଅନ୍ୟମାନେ ଓଡ଼ିଶାରୁ ଗିରଫ ହୋଇଥିଲେ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ବିହାର ରାଜ୍ୟରୁ ରାଜ ମୋହନଙ୍କୁ ଗିରଫ କରିଛି। ସୂଚନା ଯୋଗ୍ୟ ଯେ, ସିଭିଲ ସର୍ଭିସ (ମେନ) ଜେଇ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ପୂର୍ବରୁ ଏକ ପ୍ରିଂଟି ପ୍ରେସ୍‌ର ହେଲପର ବିରେନ୍ଦ୍ର ସିଂହ ସହଯୋଗରେ ମାଷ୍ଟରମାଇଣ୍ଡ ପାଖକୁ ପ୍ରଶ୍ନପତ୍ର ପାଉଥିଲା। ପରେ ଦଲାଲମାନଙ୍କ ସହଯୋଗରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରାଯାଉଥିଲା। ଏହି ସମୟରେ ପରୀକ୍ଷାର୍ଥୀଙ୍କ ସମସ୍ତ ମୂଳ ସାର୍ଟିଫିକେଟ ସହ ଚୁକ୍ତି ହୋଇଥିବା ଅର୍ଥର ଅଧା ମାଷ୍ଟରମାଇଣ୍ଡ ବିଶାଳ ନେଇଯାଉଥିଲେ। ବାକି ଅଧା ଅର୍ଥ ପରୀକ୍ଷା ଫଳ ବାହାରିଲେ ନିଆଯାଉଥିଲା। ଏହି ଭଳି ଓଏସଏସସି ପରିଚାଳିତ ସିଭିଲ ସର୍ଭିସ (ମେନ୍) ଜେଇ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ନେଇ ଦୀଘଠାରେ ଏକାଠି ହୋଇଥିବା ଦଲାଲମାନଙ୍କୁ ପୁଲିସ ଗିରଫ କରିଥିଲା। ୨୦୨୩ ଜୁଲାଇ ୧୬ ତାରିଖରେ ପ୍ରଥମେ ଦୀଘାରୁ ଜଣେ ମହିଳାଙ୍କ ସମେତ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପରେ ମାଷ୍ଟରମାଇଣ୍ଡ ସହ ମୋଟ ୨୭ ଜଣ ଗିରଫ ହୋଇଥିଲେ।

## ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଣପୁର, ୭ ।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ରବିବାର ଅପରାହ୍ନରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାଣପୁର ସରୁବାରୀପଦର ଗ୍ରାମର କାହ୍ନୁ ଚରଣ ମହାପାତ୍ରଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ମହାପାତ୍ର ଓରଫ ବାପି (୨୦) ଏବଂ ଅନ୍ୟ ଜଣେ ପାଟପୁର ଗ୍ରାମର ଦୁର୍ଗାଚରଣ ସେଠୀଙ୍କ ଏକମାତ୍ର ପୁଅ ଚନ୍ଦନ ସେଠୀ (୨୨) । ଗୁରୁତର ଆହତ ଜଣକ ହେଲେ ସାରୁବାରୀପଦର ଗ୍ରାମର ଦେବାଶିଷ ତ୍ରିପାଠୀ ଓରଫ ମିଳନ (୨୮) ବୋଲି ଜଣାପଡିଛି।

ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗ୍ରାମକୁ କ୍ରିକେଟ ଖେଳ ଦେଖିବାକୁ ବାଣପୁରରୁ ଏହି ତିନି ଜଣ ଯୁବକ ଏକ ବାଇକ ଯୋଗେ ଯାଉଥିବା ବେଳେ ବେଙ୍ଗରାଜପଲ୍ଲୀ



ରାସ୍ତାରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ବାଇକକୁ ଧକ୍କା ଦେଇ ଆରୋହୀଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ହୋଇ ପଡିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଡାକ୍ତର ଦୁଇ ବାଇକ ଆରୋହୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତ ଦେବାଶିଷଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଦେଇଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାରେ ବାଣପୁର ଡାକ୍ତରଖାନା ଲୋକାରଣ୍ୟ ହୋଇପଡି ଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବାଣପୁର ପୁଲିସ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ଉଭୟ ଗାଡି ଜବତ କରି ତଦନ୍ତ ଜାରି ରଖିଛି।

# ଘଟଗାଁ ତାରିଣୀ ପୀଠ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ



ଘଟଗାଁ/କେନ୍ଦୁଝର, ୭।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁସ୍ଥିତ ମା' ତାରିଣୀ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ରବିବାର ଶିଳାନ୍ୟାସ କରିଛନ୍ତି। ମୋଟ ୩୧୨ କୋଟି ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଆଗାମୀ ଏକବର୍ଷ ମଧ୍ୟରେ ସମାପ୍ତ ହେବ। ତାରିଣୀ ପୀଠକୁ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ସହ ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ପୂର୍ତ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟପ୍ଲାଜା, ୱାଚଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ ବଦଳ କୋଠରି, ଜୋତାଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହସ୍ତ-ପଦ ପ୍ରକ୍ଷାଳନ ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର

### ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ଡିପିଆର୍ ପ୍ରସ୍ତୁତ ପାଇଁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପର ଯୋଜନା ରହିଛି।

ରାଉରକେଲା, ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝରକୁ ସଂଯୋଗ କରୁଥିବା ଅଧିକାଂଶ ରାସ୍ତାକୁ ୬ ଟିକିଆ କରାଯିବ। ବଡ଼ବିଲରେ ଏକ ରିଂ-ରୋଡ୍ ନିର୍ମାଣ ହେବ। କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନ୍‌ରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଗୁଡିକର ଖୁବ୍‌ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସରକାର ୨୩୦୦ କୋଟି ଟଙ୍କା ବ୍ୟୟରେ ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ଲେନ୍ ବିଶିଷ୍ଟ ରାସ୍ତା କରୁଛନ୍ତି। ସେହିପରି କେନ୍ଦୁଝରରେ ୪୨୮ କୋଟି ଟଙ୍କାରେ ଏକ ବାଇପାସ ରାସ୍ତା କରାଯିବ। ଏହାସହ ୧୫୦ କୋଟି ବ୍ୟୟରେ ଡାଟାସେଣ୍ଟର, ବଳଭଦ୍ରପୁରରେ ୧୫୦କୋଟି ଟଙ୍କାରେ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭କୋଟି ଟଙ୍କାରେ ଡାଟା ରିକଭରି ସେଣ୍ଟର, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାରଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟିରେ ସାନ ଘାଗରାଠାରେ ଆର୍‌ପିଆର୍‌ସି ଭଳି ପ୍ରାୟ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ।

## ପୁଲିସ ବାବୁଙ୍କ ଗଞ୍ଜେଇ ବେପାର

# ଖୋଲୁଛି କରିତ୍‌କର୍ମା ଏସ୍ଆଇଙ୍କ ଗୁମର

ଭୁବନେଶ୍ୱର, ୭ ।୧୨ (ସମିସ): ଜବତ ହେଲା ସାତ କ୍ୱିଣ୍ଟାଲ ଗଞ୍ଜେଇ; ହେଲେ କାଗଜପତ୍ରରେ ମାତ୍ର ଦେଢ଼ କ୍ୱିଣ୍ଟାଲ। ବାଟରେ ବାଏଁ ବାଏଁ ସାଢ଼େ ଚାରି କ୍ୱିଣ୍ଟାଏ ଗଞ୍ଜେଇ ଉଡ଼େଇ ନେଲେ ପୁଲିସ ବାବୁ। କଥା ପ୍ରଘଟ ହେବା ପରେ ଫୁଲବାଣୀ ସଦର ଥାନା ଅଧିକାରୀ ଦାୟିତ୍ୱରେ ତିବା ଡିଏସ୍‌ପି ନିଲମ୍ବନ ହେଲେ ଓ ଜଣେ ଏସ୍ଆଇଙ୍କୁ ଅନ୍ୟ ଥାନାକୁ ବଦଳି କରାଗଲା। ମାତ୍ର ଏହି ଗୋଟିଏ ଘଟଣା ନୁହେଁ, ପୁଲିସ ମାର୍ଫତରେ ବା ପୁଲିସ ବାବୁଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଗଞ୍ଜେଇ କାରବାର ଚାଲିଥିବା ପୂର୍ବରୁ ଘଟିଥିଲେ ବି ବିଭାଗର କୋହଳ ନୀତି ଯୋଗୁଁ ଏହି ମାମଲା ବଢ଼ି ଚାଲିଛି। ପୂର୍ବରୁ ଦୁଇଟି ଗଞ୍ଜେଇ ଚାଲାଣ ମାମଲାରେ ମଧ୍ୟ ପୁଲିସ ବାବୁମାନଙ୍କର ସମ୍ପୃକ୍ତି ଅଭିଯୋଗ ହୋଇଛି ଏବଂ ଜଣେ ଢାବା ମାଲିକଙ୍କ ଗାଡ଼ିରୁ ଗଞ୍ଜେଇ ଜବତ କରି କମ୍ ପରିମାଣର ଦର୍ଶାଇବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି।

- ପୂର୍ବରୁ ରିଜର୍ଭକୁ ବଦଳି ହୋଇଥିଲେ ଦୁଇ ହୋମଗାର୍ଡ
- ଫିରିଙ୍ଗିଆରୁ ସଦର ଯାଏଁ ରହିଛି କାରନାମାର ତାଲିକା




ଅଭିଯୋଗ ଅନୁସାରେ ଗତ ଜୁନ୍ ମାସରେ କନ୍ଧମାଳ ଜିଲ୍ଲାର ଜଣେ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଏହାର ପରିମାଣ କାଗଜପତ୍ରରେ ୫ କ୍ୱିଣ୍ଟାଲ ଦର୍ଶାଇଥିଲେ। ବାକି ଗଞ୍ଜେଇରୁ କିଛି ବିକ୍ରି କରାଯାଇଥିଲା ଓ ଆଉ କିଛି ଥାନା ମାଲଖାନାରେ ରଖିଥିଲେ। ସଂପୃକ୍ତ ମାମଲାରେ ଏନଡିପିଏସ୍ ଆକ୍ଟ ଅନୁସାରେ ଆର୍ଥିକ ଖୋଳତାଡ଼ ମଧ୍ୟ କରାଯାଇ ନ ଥିଲା। ସବୁଠାରୁ ସାଂଘାତିକ କଥାଟି ହେଉଛି ଗଞ୍ଜେଇ ଜବତ ହୋଇଥିବା ଗାଡ଼ିର ମାଲିକଙ୍କ ନାମରେ ଆରମ୍ଭରୁ ମାମଲା ରୁଜୁ ହୋଇ ନ ଥିଲା। ଏ ନେଇ ଉପରିସ୍ଥ ଅଧିକାରୀ ତାଗିଦ୍ କରିବା ପରେ ଢାବା ମାଲିକଙ୍କୁ ଗିରଫ କରିବାକୁ ବାଧ୍ୟ ହୋଇଥିଲେ। କୌତୂହଳର କଥା ହେଉଛି ଯେଉଁ ଦୁଇଟି ଗଞ୍ଜେଇ ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଓ ସବ୍ ଇନ୍ସପେକ୍ଟରଙ୍କ ସଂପୃକ୍ତି ଥିବା ଅଭିଯୋଗ ହେଉଛି, ଉଭୟ ମାମଲାର ଅଭିଯୋଗକାରୀ ଓ ତଦନ୍ତକାରୀ ଅଧିକାରୀ ହେଉଛନ୍ତି ସମାନ।

ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଫୁଲବାଣୀ ସଦର ଥାନା ଅଞ୍ଚଳର ଗଞ୍ଜେଇ ଚାଷୀଙ୍କ ଠାରବେଆଇନ ଭାବେ ଟଙ୍କା ଆଦାୟ ପାଇଁ ଦୁଇ ଗୃହରକ୍ଷୀଙ୍କୁ ସମ୍ପୃକ୍ତ ଏସ୍ଆଇ ଦାୟିତ୍ୱ ଦେଇଥିବା ଅଭିଯୋଗ ହେବା ପରେ ଏସ୍‌ପି ଗୃହରକ୍ଷୀଙ୍କୁ ଡକାଇ ପଚରାଉଚରା କରିଥିଲେ। ଦୁଇ ଗୃହରକ୍ଷୀ ଜଣେ ଏସ୍ଆଇଙ୍କ ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ କାରଣଦର୍ଶାଅ ନୋଟିସ ଦିଆଯାଇଥିଲା। ଏହାପରେ ଦୁଇ ଜଣ ଗୃହରକ୍ଷୀଙ୍କୁ ରିଜର୍ଭକୁ ବଦଳି କରାଯାଇଥିଲା ଓ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା। ହେଲେ ଜିଲ୍ଲା ପୁଲିସର ଦୁଇ ଅଧିକାରୀଙ୍କ ନିକଟତମ ହୋଇଥିବାରୁ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏବେ କେବଳ ତାଙ୍କ ନାମରେ ବିଭାଗୀୟ ତଦନ୍ତ (ପ୍ରୋସିଡିଂ) ଆରମ୍ଭ ହୋଇଛି ଓ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି।

ସେପଟେ ଅନ୍ୟ ଏକ ମାମଲାରେ ଥାନାର ସ୍କୋର୍ପିଓ ଡ୍ରାଇଭର ଘରୁ ବେଆଇନ ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ନ କରିବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତତ୍କାଳୀନ ଥାନା ଅଧିକାରୀଙ୍କୁ ନିଲମ୍ବନ କରି ଘଟଣା ଉପରୁ ନଜର ହଟାଇବା ପାଇଁ ଚେଷ୍ଟା କରାଯାଇଛି। ତେବେ ପୁଲିସର ଛବି ଅଧିକ ମଳିନ ହେବା ଆଶଙ୍କା କରି ଏସ୍ଆଇଙ୍କୁ କେବଳ ବଦଳି କରାଯାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି।

## ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ

# ଘର, ଗାଡ଼ି ଭଙ୍ଗାରୁଜା; ଜାଳିଦେଲେ ଆସବାବପତ୍ର

କୋରୁକୋଣ୍ଡା, ୭ ।୧୨(ସମିସ): ମାଲକାନଗିରି ଜିଲ୍ଲାର ଡୁଡୁମେଟଲା ନିକଟସ୍ଥ ପୋଟେରୁ ନଦୀରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହେବା ଘଟଣା ୪ ଦିନ ବିତି ଯାଇଥିବା ବେଳେ ଏହାକୁ ଆଜି ଦୁଇ ଗାଁ ଲୋକେ ମୁହାଁମୁହିଁ ହୋଇଛନ୍ତି। ରାଖାଲଗୁଡା ଗ୍ରାମର ଲୋକେ ଏମଭି ୨୬ ଗ୍ରାମକୁ ଯାଇ ପୋଡ଼ାଜଳା ଓ ଭଙ୍ଗାରୁଜା କରିବାରୁ ଉତ୍ତେଜନା ସୃଷ୍ଟି ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ମାଲକାନଗିରି ଏସପି, ଜିଲ୍ଲାପାଳ, ଇଉପିଏ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଏବଂ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି।

ସୂଚନା ଅନୁଯାୟୀ ୪ ଦିନ ପୂର୍ବେ ରାଖାଲଗୁଡା ଗ୍ରାମର ଲାକେ ପଡିଆମୀଙ୍କ ମୁଣ୍ଡ ବିହିନୀ ମୃତଦେହ ନଦୀରୁ ମିଳିଥିଲା। ଏହାକୁ ନେଇ ନିକଟରେ ଥିବା ଏମଭି ୨୬ ଗ୍ରାମ ଓ ରାଖାଲଗୁଡା ଗାଁ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳା ଜଣଙ୍କ ନିଖୋଜ ଥିବା ନେଇ କୋରୁକୋଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଏମ୍‌ଭି ୨୬ ଗ୍ରାମର ଲୋକେ ସମ୍ପୃକ୍ତ ଥିବା ସନ୍ଦେହରେ ରାଖାଲଗୁଡାର କିଛି ଲୋକେ ଏମଭି ୨୬ ଗ୍ରାମରେ ପହଞ୍ଚି କିଛି ଘର ଓ ଅନ୍ୟାନ୍ୟ ସାମଗ୍ରୀରେ ନିଆଁ ଲଗାଇ ଦେଇଥିଲେ। ଏହାସହ ଅନେକ ଲୋକଙ୍କ ଗାଡି, ଆସବାବପତ୍ର ମଧ୍ୟ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସର ବରିଷ୍ଠ ଅଧିକାରୀ ଓ ବହୁ ପୋଲିସ କର୍ମଚାରୀ ସେଠାରେ ଉପସ୍ଥିତ ରହି ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବର୍ତ୍ତମାନ ଯଦିଓ ଆକ୍ରମଣ କାରୀ ଗୋଷ୍ଠୀ ସେଠାରୁ ଚାଲି ଯାଇଛନ୍ତି, କିନ୍ତୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ସେଠାରେ ନଜର ରଖିଛନ୍ତି। ଏନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ ପ୍ରକାଶ କରିଛନ୍ତିଯେ, ବର୍ତ୍ତମାନ ପରିସ୍ଥିତି ଆୟତ୍ତକୁ ଆସିଛି, ପୋଲିସ, ବିଏସଏଫ, ଦମକଳ ବାହିନୀର ଟିମ ଗ୍ରାମରେ ମୁତୟନ ଅଛନ୍ତି।

ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି। ଏହାସହ ସେ ସମସ୍ତଙ୍କୁ ଶାନ୍ତିର ସହ ମିଳିମିଶି ରହିବା ପାଇଁ ଅପିଲ ମଧ୍ୟ କରିଛନ୍ତି। ଅନ୍ୟପଟେ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି କୋରୁକୋଣ୍ଡା ପୁଲିସ ପଚରାଉଚରା ଜାରି ରଖିଥିବା ଥାନା ଅଧିକାରୀ ହିମାଂଶୁ ସେଖର ବାରିକ ପ୍ରକାଶ କରିଛନ୍ତି।







# ଅନ୍ତର୍ଜାତୀୟ ଟି-୨୦କୁ ଗୋଟିଏ ଦିନ ବାକି

# ବିଶ୍ୱ ନଜରରେ ବାରବାଟୀ

▶▶ ଟ୍ରାଫିକ୍ ପରାମର୍ଶ ଜାରି ▶▶ ଆଜି ଅଭ୍ୟାସ: ଦିନରେ ଭାରତ, ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକା ▶▶ ଖୋଲା ରହିବ ଗ୍ୟାଲେରୀ ନଂ ୬ ଓ ୭ ▶▶ ପୁଲିସ କମିସନର ଓ ଡିସିପିଙ୍କ ଯାଞ୍ଚ: ଅଫିସରଙ୍କୁ ତାଗିଦ












**କଟକ, ୭ ।୧୨(ସମିସ)**

ବିଶ୍ୱ ନଜରରେ ଏବେ ରୌପ୍ୟନଗରୀର ବାରବାଟୀ କ୍ରିକେଟ୍ ଷ୍ଟାଡିୟମ୍। ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ଆସନ୍ତାକାଲି ୨ଟି ଟମ୍‌ର ଖେଳାଳି ଅଭ୍ୟାସ କରିବେ। ଦିନରେ ଭାରତ ଅଭ୍ୟାସ କରିବାକୁ ସମୟ ନିର୍ଘଣ୍ଟ ହୋଇଥିବା ବେଳେ ସନ୍ଧ୍ୟାରେ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ଅଭ୍ୟାସ କରିବେ। ଏଥି ନିମନ୍ତେ ଷ୍ଟାଡିୟମ କର୍ତ୍ତୃପକ୍ଷ ଗ୍ୟାଲେରୀ ନମ୍ବର ୬ଓ ୭କୁ ଖୋଲା ରଖିଛନ୍ତି। ଆସନ୍ତା ମଙ୍ଗଳବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍। ଏଥିପାଇଁ ଉଭୟ ଦଳର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ସାରିଛନ୍ତି। ଆସନ୍ତାକାଲି ଅଭ୍ୟାସ ମ୍ୟାଚ୍ ନିମନ୍ତେ ୨ଟି ଦେଶର ଖେଳାଳିଙ୍କୁ କଟକ ଅଣାଯିବ। ଏଥିନିମନ୍ତେ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଆଜି ପୂର୍ବାହ୍ଣରେ ପୁଲିସ କମିଶନର ଏସ୍.ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଷ୍ଟାଡିୟମ ଭିତର ଓ ବାହାରର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ନିୟୋଜିତ ହେବାକୁ ଥିବା ପୁଲିସ ଅଫିସରଙ୍କୁ ଡିସିପି ଶ୍ରୀ ଦ୍ୟାନେଦେଓ ଡ୍ୟୁଟି ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ।

ଅନ୍ୟପଟେ କମିସନରେଟ୍ ପୁଲିସ ଆଜି ସ୍ୱତନ୍ତ୍ର ପରାମର୍ଶ ସୂଚନା ଜାରି କରିଛି। ସେହିଭଳି ମ୍ୟାଚ୍ ଦିନ ସ୍ୱତନ୍ତ୍ର ପାର୍କିଂ କଟକଣା ମଧ୍ୟ ଜାରି କରାଯାଇଛି। ଏହି କଟକଣା ଆସନ୍ତାକାଲି ଦିନ ୧୨ଟାରୁ ରାତି ୯ଟା ଏବଂ ମଙ୍ଗଳବାର ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଲାଗୁ କରାଯିବ। ମାତାମଠ ପଟୁ ମହାନଦୀ ରିଂ ରୋଡରେ ଆସଥିବା ସମସ୍ତ ଯାନବାହନଗୁଡ଼ିକ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ। କେବଳ ପାସ୍ ଥିବା ଯାନବାହନଗୁଡ଼ିକ ବାମ୍ବୋ ଡିପୋ ଗଡ଼ାର ବାମକୁ ଯାଇ ଉପର ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। ହାୱାଡା ମୋଟର ଛକ ଏବଂ ମଣିସାହୁ ଛକ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ଗ୍ରୀନାର ହୋଟେଲ ଛକରୁ ସିଧା ମଧୁସୂଦନ ଛକ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ପୁରୁଣା 'ଲ' ହଷ୍ଟେଲ ଛକ ଦେଇ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ନିଜ ଗାଡ଼ିଗୁଡ଼ିକୁ ପାର୍କିଂ କରିପାରିବେ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଯାନବାହନ ବିଜୁ ପଟ୍ଟନାୟକ ଛକ କିମ୍ବା ଚଣ୍ଡି ଛକ ଆଡ଼ୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ତଳ ବାଲିଯାତ୍ରା ପଡ଼ିଆ।ରେ ଗାଡ଼ି ପାର୍କିଂ କରିପାରିବେ। କୌଣସି ଯାନବାହନ ଆନନ୍ଦ ଭବନ ଛକରୁ ଭାୟା ଜିଲ୍ଲା ଫୋର୍ଟ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବେ ନାହିଁ। ସେମାନେ କ୍ୟାଣ୍ଟନ୍‌ମେଣ୍ଟ ଥାନା ଛକ ଦେଇ ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ରଖିପାରିବେ। ସମାଜ ଅଫିସ ଛକ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ମଧ୍ୟରୁ ପାସ୍ ଥିବା ଯାନବାହନ ବ୍ୟତୀତ ଅନ୍ୟ କୌଣସି ଯାନବାହନ ହନୁମାନ ମନ୍ଦିର ଛକରୁ ସିଧା ମଧୁସୂଦନ ଷ୍ଟାଚ୍ୟୁ ଆଡ଼କୁ ଯାଇପାରିବେ ନାହିଁ। ସେହିଭଳି ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ଗାଡ଼ି ପାର୍କିଂ କରିବା ନିମନ୍ତେ ପାସ୍ ଥିଲେ ସେମାନେ ୱାଇଏମ୍‌ସିଏ ରାସ୍ତା ଓ ଲାୟନ୍ ଆଇ ହସ୍ପିଟାଲ ଦେଇ ନିଜ ଗାଡ଼ିକୁ ପାର୍କିଂ କରିପାରିବେ। ରିଜର୍ଭ ପୁଲିସ ଲାଇନ ଆଡ଼ୁ ଆସୁଥିବା ଯାନବାହନ ଗୁଡ଼ିକ ଓଡ଼ିଶା ପୋଲିସ ସଂଘ (ଓପା)ଠାରୁ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ପାସ୍ ଥିବା ଯାନ ବ୍ୟତୀତ ମଧୁସୂଦନ ଷ୍ଟାଚ୍ୟୁ ଛକରୁ କୌଣସି ଗାଡ଼ି ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। କେବଳ ପାସ୍ ଥିବା ଗାଡ଼ି ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଲାୟନ୍ସ ଆଇ ହସ୍ପିଟାଲ ଛକରୁ କିଲ୍ ଖାନା ରାସ୍ତା ଦେଇ ବାରବାଟୀ ଷ୍ଟାଡିୟମ ଆଡ଼କୁ ଯାଇପାରିବେ ନାହିଁ। ସେମାନେ ମହାନଦୀ ରିଂ ରୋଡରେ ଯାଇ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିପାରିବେ। କୌଣସି ଭାରୀଯାନ ମହାନଦୀ ଓ କାଠଯୋଡ଼ି ରିଂ ରୋଡ ଏବଂ ସହର ମଧ୍ୟରେ ଚଳପ୍ରଚଳ ନିଷେଧ କରାଯାଇଛି। ସକାଳ ୮ରୁ ରାତ୍ର ୨ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ବାରବାଟୀ ଷ୍ଟାଡିୟମରେ ଖେଳାଳିଙ୍କ ଅଭ୍ୟାସ ମ୍ୟାଚ୍ ନିମନ୍ତେ ମହାନଦୀ ରିଂ ରୋଡ ଯଥା ଚହଟା ଛକ ଓ ଶିଖରପୁର ଛକରୁ ବାମ୍ବୋ ଡିପୋ ପର୍ଯ୍ୟନ୍ତ ଦିବା ୧୨ ଘଟିକାରୁ ରାତ୍ରି ୧୦ ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି ବୋଲି ସୂଚନା ଦିଆଯାଇଛି।

**କେଉଁଠି କରିବେ ପାର୍କିଂ**

| ପାର୍କିଂସ୍ଥଳ | ପ୍ରବେଶ ରାସ୍ତା | କାହାପାଇଁ |
|---|---|---|
| ବାଲିଯାତ୍ରା ଉପର ପଡ଼ିଆ | ରିଂ ବନ୍ଧ | ଭିଆଇପି |
| ବାଲିଯାତ୍ରା ତଳ ପଡ଼ିଆ | ରିଂ ବନ୍ଧ | ସାଧାରଣ ଦର୍ଶକ |
| କ୍ରିକେଟ୍ ଏକାଡେମୀ ପଡ଼ିଆ | ୱାଇଏମ୍‌ସିଏ ରାସ୍ତା | ଓସିଏ/ମାନ୍ୟଗଣ୍ୟ ବ୍ୟକ୍ତି |
| ଅଶ୍ୱଦ୍ୱାର ସାମ୍ନା ତିନି କୋଣିଆ ସ୍ଥାନ | କିଲ୍ଲାଫୋର୍ଟ ରାସ୍ତା | ପାସ୍‌ଧାରୀ/ ଭିଆଇପି |
| ଓସିଏ କ୍ଲବ୍ ଜାଭିୟର୍ସ ସ୍କୁଲ ପାର୍କିଂ | ମଧୁସୂଦନ ସେତୁ ରାସ୍ତା | ଭିଆଇପି/ପାସ୍‌ଧାରୀ |
| ଜାଭିୟର ସ୍କୁଲ | ଗେଟ୍-୧୪ | ଭିଆଇପି/ ପାସ୍‌ଧାରୀ |



**ପୁଲିସର ଶୃଙ୍ଖଳା ପାଠ**

## ଖେଳାଳି ଓ ଦର୍ଶକଙ୍କ ସୁରକ୍ଷାକୁ ପ୍ରାଧାନ୍ୟ

**କଟକ, ୭ ।୧୨(ସମିସ):** ବାରବାଟୀରେ ମ୍ୟାଚ୍‌ରେ ଆଇନ୍‌ଶୃଙ୍ଖଳା ରକ୍ଷା ନିମନ୍ତେ ନିୟୋଜିତ ପୁଲିସ କର୍ମଚାରୀଙ୍କୁ ଆଜି ଦାୟିତ୍ୱ ପ୍ରଦାନ କରାଯାଇଛି। ଷ୍ଟାଡିୟମକୁ ପ୍ରବେଶ ସମୟରେ ଦର୍ଶକ ଯେପରି ବିଶୃଙ୍ଖଳିତ ନହେବେ, ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିମନ୍ତେ ପୁଲିସ କମିସନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଷ୍ଟାଡିୟମ ଭିତର ଓ ବାହାର ସୁରକ୍ଷା ଲାଗି ୫୦ ପ୍ଲାଟୁନ୍ ଫୋର୍ସ ଓ ୩୦୦ ଅଧିକାରୀ ମୁତୟନ ରହିବେ। ଏଥିସହ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ପାୟ ୨୫ ପ୍ଲାଟୁନ୍ ଫୋର୍ସ ଖେଳାଳିଙ୍କ ସୁରକ୍ଷାରେ ମୁତୟନ ରହିବେ। ହେଟେଲରୁ ଷ୍ଟାଡିୟମକୁ ଉଭୟ ଦଳର ଖେଳାଳି ଆସି ପହଞ୍ଚିବା ଲଗି ସ୍ୱତନ୍ତ୍ର ଭାବେ ରୁଟ୍ ପ୍ଲାନିଂ କରାଯାଇଛି। ଖେଳାଳି ଆସିବା ସମୟରେ ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖିନ ନହୁଅନ୍ତି ଏହା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଅଭ୍ୟାସ ସମୟରେ ମଧ୍ୟ କ୍ରାଉଡ୍ କଣ୍ଟ୍ରୋଲ ଉପରେ ଗୁରୁତ୍ୱ ଦିଆଯିବ। ମ୍ୟାଚ୍ ସମୟ ସନ୍ଧ୍ୟା ୭ଟା ରହିଥିବା ବେଳେ ଦର୍ଶକମାନେ ଏହାର ୩ରୁ ୪ ଘଣ୍ଟା ପୂର୍ବରୁ ଆସିବା ଲାଗି ପୁଲିସ କମିସନର ନିବେଦନ କରିଛନ୍ତି।



## ନୂତନ ପ୍ରାଣୀ ଆମ୍ବୁଲାନ୍ସ ଉଦ୍‌ଘାଟିତ



**କଟକ, ୭।୧୨(ସମିସ):** ବିକାଶ ଭବନରେ ମେୟର ସୁବାସ ସିଂହ ପତାକା ଦେଖାଇ ଦୁଇଟି ପ୍ରାଣୀ ଆମ୍ବୁଲାନ୍ସର ଉଦଘାଟନ କରିଥିଲେ। କଟକ ମହାନଗର ନିଗମ ଅଞ୍ଚଳରେ ନିରୀହ ଜୀବ ଓ ପଶୁ ପକ୍ଷୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଜିଏସ ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ଦୁଇଟି ଆନିମଲ ଆମ୍ବୁଲାନ୍ସ କଟକ ମହାନଗର ନିଗମକୁ ହସ୍ତାନ୍ତର କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ କଟକ ମେୟର ସୁବାସ ସିଂହଙ୍କୁ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଜ୍ଞା ବେଉରା, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, କର୍ପୋରେଟର ଦୀପକ ଦାସ, ଜିଏସ ହେଲପିଙ୍ଗ ଫାଉଣ୍ଡେସନର ସଭ୍ୟସଭ୍ୟା, ସିଏମସି ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ଓଷ୍ଟାର ସମର୍ଥନ

**କଟକ, ୭।୧୨(ସମିସ):** ଭୁବନେଶ୍ୱରର ଗାନ୍ଧିମାର୍ଗରେ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଧାରଣାକୁ ଓଡ଼ିଶାର ସର୍ବବୃହତ ଗଣ ସଙ୍ଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୈତିକ ସମର୍ଥନ ଜଣାଇଛି। ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଇଦଫା ଦାବିରେ ଶୀତ କାକରରେ ରାଜଧାନୀର ରାଜରାସ୍ତାରେ ପଡ଼ି ରହିଛନ୍ତି। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ (ଏନ୍‌ପିଏସ୍ ବର୍ଗ)ଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ପଦ ଅପଗ୍ରେଡ କରି ଲେବୁଲ ୨ ଏବଂ ୩୫, ୪୦୦ ଟଙ୍କା ହାରରେ ୪୨୦୦ ଟଙ୍କା ଗ୍ରେଡ୍‌ପେ ଅନୁଯାୟୀ ଦରମା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ପୂର୍ବ ଘୋଷଣା ଅନୁଯାୟୀ ପ୍ରାଥମିକ ଶିକ୍ଷକ ମହାସଂଘ (ଏନ୍‌ପିଏସ୍) ଆହ୍ୱାନରେ ହଜାର ହଜାର ଶିକ୍ଷକ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ଫେରିବେ ନାହିଁ ବୋଲି ଯେଉଁ ଚେତାବନୀ ଦେଇଛନ୍ତି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପୂର୍ଣ୍ଣଭାବରେ ସମର୍ଥନ କରୁଛି। ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ୩୫, ୪୦୦ ଟଙ୍କା ଓ ତା'ଠାରୁ ଅଧିକ ଏବଂ ୪୨୦୦ ଟଙ୍କା ଗ୍ରେଡ ପେ ହାରରେ ଦରମା ମିଳୁଛି। ମାତ୍ର ଓଡ଼ିଶା ସରକାର ସର୍ବନିମ୍ନ ଦରମା ୫୨୦୦ ଟଙ୍କା ଓ ୨୨୦୦ ଟଙ୍କା ଗ୍ରେଡ ପେ ଅନୁଯାୟୀ ଦରମା ଦେଉଛନ୍ତି। ୨୦୧୭ରୁ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟିରୁ ଯୁକ୍ତ ୨ ସିଟିକୁ ଉନ୍ନୀତ କରାଯାଇଥିଲେ ମଧ୍ୟ ପଦ ଅପଗ୍ରେଡ କରି ଯୁକ୍ତ ୨ ସିଟି ହାରରେ ଦରମା ପ୍ରଦାନ କରାଯାଉ ନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ ବିଭାଗରେ ଯୁକ୍ତ ୨ ସିଟି ଯୋଗ୍ୟତାଧାରୀଙ୍କ ଦରମା ୨୯, ୪୦୦ ଓ ୨୮୦୦ ଗ୍ରେଡ ପେ ହାରରେ ଦରମା ପ୍ରଦାନ ସହିତ ୧୦ ବର୍ଷ କାର୍ଯ୍ୟକାଳ ସମାପ୍ତି ପରେ ୪୨୦୦ ଗ୍ରେଡ ପେ ଅନୁଯାୟୀ ଦରମା ଦିଆଯାଉଛି। ପ୍ରାଥମିକ ଶିକ୍ଷକଙ୍କ କ୍ଷେତ୍ରରେ ସମାନ କାମକୁ ସମାନ ଦରମା ନୀତି ଉଲ୍ଲଙ୍ଘନ ହେଉଛି। ଏହି ଦାବି ଯଥାର୍ଥ ଓ ଯୁକ୍ତିଯୁକ୍ତ। ତୃଣମୂଳସ୍ତରରେ ଯେଉଁମାନେ ଅଗଣିତ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଗଢ଼ିବାରେ ପ୍ରତ୍ୟକ୍ଷ ସହାୟତା ପ୍ରଦାନ କରନ୍ତି ସେମାନଙ୍କର ଏହି ଯଥାର୍ଥ ଦାବି ପ୍ରତି ସରକାର ଅଣଦେଖା କରିବା ସେମାନଙ୍କ ପ୍ରତି ଚରମ ଅନ୍ୟାୟ। ଏହାକୁ ଦୃଷ୍ଟିରେ ରଖି ସରକାର ସକରାତ୍ମକ ଦୃଷ୍ଟି ଭଙ୍ଗୀ ନେଇ ସେମାନଙ୍କ ସହିତ ତୁରନ୍ତ ଆଲୋଚନା କରନ୍ତୁ ଏବଂ ସେମାନଙ୍କର ଦାବୀଗୁଡିକୁ ପୂରଣ କରନ୍ତୁ ବୋଲି ଏକ ପ୍ରେସ୍ ବିବୃତି ଜରିଆରେ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

## ବୋମାମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଜଗତପୁର, ୭।୧୨(ସମିସ):** ଜଗତପୁର ଘଟଣାରେ ମୁଖ୍ୟ ଥାନା ଅନ୍ତର୍ଗତ ଆତୋଡା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ବୋମାମାଡ ଘଟଣାରେ ମୁଖ୍ୟଅଭିଯୁକ୍ତ ଗିରଫ। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁତାରିଫା ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦ୍ମପୁର ଅନନ୍ତପୁର ଗ୍ରାମର ପ୍ରିୟରଞ୍ଜନ ମହାପାତ୍ର(୪୭)। ପୁଲିସ ସୂଚନା ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଶୁକ୍ରବାର ସନ୍ଧ୍ୟାରେ ସାଲେପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷା ମମତା ରାଉତଙ୍କ ଆତୋଡା ସ୍ଥିତ ଘର ଉପରକୁ ୬ ଜଣରୁ ଊର୍ଦ୍ଧ୍ୱ ଯୁବକ ଦୁଇଟି ବାଇକ୍‌ରେ ଆସି ବୋମାମାଡ କରିଥିଲେ। ଏଥିରେ ଗ୍ରାମର ଦୁଇଜଣ ମହିଳା ଆହତ ହୋଇଥିଲେ। ଏନେଇ ପୂର୍ବତନ ଅଧ୍ୟକ୍ଷା ଏବଂ ଆହତ ମହିଳାଙ୍କ ପକ୍ଷରୁ ଜଗତପୁର ଥାନାରେ ଏକାଧିକ ଅଭିଯୋଗ କରାଯାଇଥିଲା।

## ଶୈଳବାଳା ମହିଳା କଲେଜକୁ ମିଳୁ ବିଶ୍ୱବିଦ୍ୟାଳୟ ମାନ୍ୟତା



**ପରିଚାଳନା ବୋର୍ଡ ଓ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ପକ୍ଷରୁ ଦୃଢ଼ ଦାବି**

**କଟକ, ୭।୧୨(ସମିସ):** ଆଜି ସନ୍ଧ୍ୟାରେ କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ 'ସାରଳା ଭବନ' ଠାରେ ଶୈଳବାଳା ମହିଳା ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଦସ୍ୟବୃନ୍ଦ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ 'ଶୈଳବାଳା କଲେଜ'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରାପ୍ତି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କଲେଜ ପରିଚାଳାନା ବୋର୍ଡର ସଭାପତି ଡକ୍ଟର (ଇଂ.) ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋର୍ଡର ସଦସ୍ୟ ପ୍ରଫେସର ଜୟନ୍ତ ପରିଡ଼ା, ପ୍ରଫେସର ରଞ୍ଜନ ବଳ, ଶିଳ୍ପପତି ସୁଶାନ୍ତ ପଣ୍ଡା, ପ୍ରଫେସର ମଳୟ ମହାନ୍ତି, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ପ୍ରଫେସର ପ୍ରଭାତୀ ମିଶ୍ର, ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ, ଶିକ୍ଷାବିତ୍ ପ୍ରଫେସର ସତ୍ୟକାମ ମିଶ୍ର, ପ୍ରଫେସର ଖାରବେଳ ମହାନ୍ତି, ଡକ୍ଟର ମଞ୍ଜୁଶ୍ରୀ ପଟ୍ଟନାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି ଐତିହାସିକ ପ୍ରାଚୀନ ମହିଳା ମହାବିଦ୍ୟାଳୟ ଏ ଯାବତ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନେ ନିଜର ବକ୍ତବ୍ୟରେ ୧୯୧୩ ମସିହାରେ କଟକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନରେ ତାଙ୍କ କନ୍ୟାଙ୍କ ନାମରେ ପ୍ରତିଷ୍ଠିତ ଏହି ମହିଳା ମହାବିଦ୍ୟାଳୟ ଅବହେଳିତ ଅବସ୍ଥାରେ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଆଜିର କର୍ମ ଚଞ୍ଚଳ ସରକାର ଏହି କଲେଜକୁ ଖୁବ୍ ଶୀଘ୍ର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ ଆଶୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ସମସ୍ତ ବିଦ୍ୱାନବୃନ୍ଦ ସେମାନଙ୍କ ନିକଟରେ ନିବେଦନ ଓ ଦାବି କରିଛନ୍ତି। ଏତଦ୍ ଭିନ୍ନ ଏହି ପ୍ରାଚୀନ ଅନୁଷ୍ଠାନର ଦ୍ୱିତୀୟ କ୍ୟାମ୍ପସ୍‌ର ଜରୁରୀ ଆବଶ୍ୟକତା ଓ ଅନ୍ୟାନ୍ୟ ଅସୁବିଧା ପୂରଣ କରିବା ପାଇଁ ସମସ୍ତେ ସମସ୍ୱରରେ ଅନୁରୋଧ କରିଛନ୍ତି।

## ନଗର ସମସ୍ୟା ନେଇ ସିପିଆଇର ଆନ୍ଦୋଳନ ଚେତାବନୀ




**କଟକ, ୭।୧୨(ସମିସ):** ସିପିଆଇ କଟକ ନଗର କମିଟିର ସାଧାରଣ ପରିଷଦର ଏକ ସଭା ଗତ ଶନିବାର ଦିନ ବିଜୟ କୁମାର ପଢ଼ିହାରୀଙ୍କ ସହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସିପିଆଇର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ ମିଶ୍ର ଯୋଗଦେଇ ସିପିଆଇର ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ଗତପାର୍ଟୀ କଂଗ୍ରେସ ବିବରଣୀ ଓ ନିର୍ଦ୍ଧାରଣ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିରୂପେ ସିପିଆଇର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣୀ ରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଡଭୋକେଟ୍ ଅମରେନ୍ଦୁ ମହାନ୍ତି, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ସୁଶାନ୍ତ ମହାପାତ୍ର, ଭ୍ରମରବର ସାହୁ, କିଶୋର ଜେନା, ସୁକାନ୍ତ ବାରିକ, କ୍ଷୀରୋଦ ବିଶ୍ୱାଳ, କିଶୋର ଜେନା, ମିହିର ବିଶ୍ୱାଳ, ଭାବଗ୍ରାହୀ ଦାସ, ପ୍ରଶାନ୍ତ ଦାସ, ସୁବାସ ବୋଷ, ବିପିନ ବିହାରୀ ପାଢ଼ୀ, ସଞ୍ଜୟ ପରିଜା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରୟାତ ସାଥୀ ସାନନ୍ଦ ସେଠୀଙ୍କ ସ୍ଥାନରେ ସଞ୍ଜୟ ପରିଜାଙ୍କୁ ସହ ସମ୍ପାଦକ ରୂପେ ନିର୍ବାଚିତ କରାଯାଇଛି। କଟକ ନଗରର ବିଭିନ୍ନ ଜନ ସମସ୍ୟା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଭୂୟାଁ
କରୁଣା, ଗୁହାଳି, ଯାଜପୁର
ଆବିର୍ଭାବ - ୦୧.୦୧.୧୯୩୮
ତିରୋଧାନ -୨୮.୧୧.୨୦୨୫
ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ସବୁବେଳେ ମନେପଡୁଛି, ଆପଣଙ୍କ ଅମର ଆତ୍ମା ସଦଗତି ନିମନ୍ତେ ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପତ୍ନୀ- ରଙ୍ଗଲତା ଭୂୟାଁ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାରବର୍ଗ

# ଭୁବନେଶ୍ୱର ସିଟି



# ଯୁବକଙ୍କୁ ଛୁରାମାଡ଼ କଲା ସ୍ତ୍ରୀର ପ୍ରେମିକ

ଭୁବନେଶ୍ୱର, ୭।୧୨ (ସମିସ):



**ଲୁଟିନେଲା ସୁନା ଚେନ ଓ ୫୦ ହଜାର ଟଙ୍କା**

**ବେକ, ହାତ ଓ ଗାଲରେ ଗଭୀର କ୍ଷତ**

ପତ୍ନୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରିବା କାଳ ହୋଇଛି। ସ୍ୱାମୀକୁ ଅପହରଣ କରି ଛୁରାମାଡ଼ କରିଛି ସ୍ତ୍ରୀର ପ୍ରେମିକ। ଲିଙ୍ଗିପୁର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସିଡିଏ ଫେଜ୍ ୨ ଅଞ୍ଚଳର ଏସକେ ଅବଦୁଲ ହମିଦ୍ ଗୁରୁତର ହୋଇଛନ୍ତି। ଏନେଇ ଧଉଳି ଥାନାରେ ଅଭିଯୋଗ ହୋଇଥିବା ବେଳେ ପତ୍ନୀଙ୍କ ପ୍ରେମିକ ତଥା ଅଭିଯୁକ୍ତ ରାଜା ଖାଁ ଫେରାର ହୋଇ ଯାଇଛି।

ଅଭିଯୋଗ ଅନୁଯାୟୀ, ସିଡିଏ ଫେଜ୍ ୨ ରେ ରହୁଥିବା ଯାଜପୁର ଜିଲ୍ଲା ବରୀ ଥାନା ଅରୁଆଳ ଗାଁର ଏସକେ ଅବଦୁଲ ବିବାହ କରିଥିବା ବେଳେ ୮ ବର୍ଷର ପୁଅ ମଧ୍ୟ ରହିଛି। ଗତ ଜାନୁୟାରୀ ମାସରେ ତାଙ୍କ ପତ୍ନୀ ଓ ପୁଅ ହଠାତ୍ କେଉଁଆଡ଼େ ପଳାଇଥିଲେ। ଏନେଇ ସେ ସ୍ଥାନୀୟ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ପତ୍ନୀ ତାଙ୍କ ପ୍ରେମିକ ରାଜା ସହ ପଳାଇଥିବା ପରେ ଜାଣିବାକୁ ପାଇଥିଲେ। ବିଭିନ୍ନ ସମୟରେ ରାଜା ସହ ଫୋନରେ ମଧ୍ୟ ଯୁକ୍ତିତର୍କ ମଧ୍ୟ ହେଉଥିଲା।

ଅବଦୁଲ ଗତକାଲି ସନ୍ଧ୍ୟାରେ କୌଣସି କାମରେ ପିପିଲି ଯାଇ ରାତି ପ୍ରାୟ ୧୦ଟା ବେଳକୁ ଘରକୁ ଫେରୁଥିଲେ। ସେହି ସମୟରେ ରାଜା ତାଙ୍କୁ ଫୋନ୍ କରି ଧଉଳି ଛକକୁ ଡକାଇ ସ୍ତ୍ରୀ ଓ ପୁଅକୁ ସାଙ୍ଗରେ ନେଇଯିବାକୁ କହିଥିଲା। ଅବଦୁଲ ଖୁସି ହୋଇ ଧଉଳି ଛକରେ ପହଞ୍ଚିବା ପରେ ରାଜା ତାଙ୍କ କାରର ପଛ ସିଟରେ ବସି ପଡ଼ିଥିଲା। ଅବଦୁଲ ପତ୍ନୀ ଓ ପୁଅ କଥା ପଚାରିବାରୁ ରାଜା ଗାଡ଼ି ଆଗକୁ ନେବା ପାଇଁ କହିଥିଲା। ରାଜା କହିବା ମୁତାବକ ଅବଦୁଲ ଟଙ୍କପାଣି ରୋଡ ସାଇ ମନ୍ଦିର ବାଙ୍କୁଆଳ ଆଡ଼କୁ ଗାଡ଼ି ଚଳାଇଥିଲେ। ଏହାପରେ ବାଙ୍କୁଆଳରୁ ଲିଙ୍ଗିପୁର ରାସ୍ତାରେ ଗାଡ଼ି ଯିବାକୁ କହିଥିଲା। ଅନ୍ଧାରିଆ ସ୍ଥାନ ଦେଖି ରାଜା ହଠାତ୍ ଛୁରିରେ ଅବଦୁଲଙ୍କୁ ଆକ୍ରମଣ କରିଥିଲା। ଅବଦୁଲ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ରାଜା ତାଙ୍କ ବେକ, ଗାଲ, ହାତ ଓ ଗୋଡ଼କୁ ଛୁରା ମାଡ଼ କରି ଚାଲିଥିଲା। ଅବଦୁଲ ଗାଡ଼ି ରଖିବା ପରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସୁଯୋଗ ନେଇ ରାଜା ତାଙ୍କ ଠାରୁ ୫୨ ହଜାର ଟଙ୍କା, ସୁନା ଚେନ ଓ ମୋବାଇଲ ଫୋନ୍ ଛଡ଼ାଇ ନେଇ ଫେରାର ହୋଇ ଯାଇଥିଲା।

ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଅବଦୁଲ ଗାଡ଼ି ଚଳାଇ କିଛି ବାଟ ଆସିବା ପରେ ଲୋକମାନଙ୍କୁ ସାହାଯ୍ୟ ମାଗିଥିଲେ। ଲୋକମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବଦୁଲଙ୍କ ଶରୀରର କ୍ଷତ ହୋଇଥିବା ସ୍ଥାନରେ ପ୍ରାୟ ୫୦ଟି ଷ୍ଟିଚ୍ ପଡ଼ିଛି। ଖବରପାଇ ଧଉଳି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚିଥିଲା। ଏ ନେଇ ଅବଦୁଲ ଆଜି ଧଉଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପତ୍ନୀ ଓ ତାଙ୍କ ପ୍ରେମିକ ରାଜା ମିଶି ତାଙ୍କୁ ମାରିଦେବାକୁ ଚକ୍ରାନ୍ତ କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ସିସିଟିଭି ଅଣ୍ଡାଳୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜା ପାଖରେ ପହଞ୍ଚି ପାରିନାହିଁ।

# ସିଭିଲ ଇଞ୍ଜିନିୟରଙ୍କୁ ଛୁରାମାଡ଼

## ଦୁର୍ବୃତ୍ତଙ୍କୁ ଧରିବାକୁ କମିସନରେଟ୍ ପୁଲିସର ଛାନ୍‌ଭିନ୍

ଭୁବନେଶ୍ୱର, ୭।୧୨ (ସମିସ): ଶିଶୁପାଳଗଡ଼ର ଇଲା ସାହିରେ ଜଣେ ସିଭିଲ ଇଞ୍ଜିନିୟରଙ୍କୁ ଛୁରାମାଡ ହୋଇଛି। ସେ ହେଲେ ବିଜୟ ସାହୁ ନାମକ। ତାଙ୍କ ଘର ସାମ୍ନାରେ ଚାରି ଜଣ ଦୁର୍ବୃତ୍ତ ଆସି ଛୁରାମାଡ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ, ଇଞ୍ଜିନିୟର ଶ୍ରୀ ସାହୁ ମୁମ୍ବାଇରେ କାମ କରନ୍ତି। ସେ ଭୁବନେଶ୍ୱର ଆସିଥିବା ବେଳେ ତାଙ୍କ ଘର ସାମ୍ନାରେ ଦୁର୍ବୃତ୍ତ ଛୁରାମାଡ଼ କରିଥିଲେ। ଦାଦାବଟିକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଏଭଳି ଛୁରାମାଡ଼ କରିଛନ୍ତି ବୋଲି ଅନୁମାନ କରାଯାଉଛି। ଆହାତ ଇଞ୍ଜିନିୟର ଶ୍ରୀ ସାହୁଙ୍କୁ ରକ୍ତାକ୍ତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଖବର ପାଇ କମିଶନରେଟ୍ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଛି। ଛୁରାମାଡ ପରେ ଇଞ୍ଜିନିୟର ଶ୍ରୀ ସାହୁ ରକ୍ତାକ୍ତ ଅବସ୍ଥାରେ ଥାନା ଆଡକୁ ଦୌଡ଼ିଥିଲେ। ପରେ ପିସିଆର ୧୨ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବାରୁ ତାଙ୍କ ଜୀବନ ବର୍ତ୍ତି ଯାଇଥିବା ଶ୍ରୀ ସାହୁ କହିଛନ୍ତି। ଏ ସମ୍ପର୍କରେ ତାଙ୍କ ପତ୍ନୀ କହିଛନ୍ତି ଶିଶୁପାଳ ଗଡ଼ର କିଛି ଦୁର୍ବୃତ୍ତ ନିଶା ଖାଇ ଉତ୍ପାତ କରନ୍ତି। ଶନିବାର ତାଙ୍କ ଘରକୁ ଆସୁଥିବା ଲୋକଙ୍କୁ ଟଙ୍କା ମାଗିଥିଲେ। ଏ ନେଇ ବିରୋଧ କରିବାରୁ ତାଙ୍କୁ ଟାର୍ଗେଟ କରିଥିଲେ। ଗତକାଲି ଏନେଇ ଥାନାରେ ସେ ଏତଲା ଦେଇଥିଲେ। ଥାନାରେ କାହିଁକି ରିପୋର୍ଟ ଦେଲ ବୋଲି କହିବା ସହ ଏଭଳି ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରୁଥିବାବେଳେ ପୁଲିସ ଏକାଧିକ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି।

# ବିଧାନସଭାରେ ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ ବିରୋଧରେ ସତ୍ୟାଗ୍ରହ

ଭୁବନେଶ୍ୱର,୭।୧୨(ସମିସ): ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ବିରୋଧରେ ରାଜ୍ୟ ବିଧାନସଭାର ଚଳିତ ଅଧିବେଶନରେ ନୀଳଗିରି ବିଧାୟକ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ରବିବାର ମହାତ୍ମା ଗାନ୍ଧୀ ପାର୍କ ଜନତା ମୈଦାନ ଭୁବନେଶ୍ୱର



ଠାରେ ଗାନ୍ଧୀ ବିଚାର ଅଭିଯାନ ତଥା ଅନ୍ୟାନ୍ୟ ନାଗରିକ ସଂଗଠନଗୁଡ଼ିକର ମିଳିତ ଆୟୋଜନରେ ସତ୍ୟାଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗାନ୍ଧିଜୀ ଆଉ ଓଡ଼ିଶାର ସମ୍ପର୍କ ବିଷୟରେ ଆଲୋଚନା ହୋଇଥିଲା। କାହାକୁ ସନ୍ତୁଷ୍ଟ କରିବା ପାଇଁ ଗାନ୍ଧୀଙ୍କୁ ଗାଳି ଦେବା ଉତ୍କଳ ମାଟିର ଏକ ଅକୃତଜ୍ଞ ସନ୍ତାନ ହିଁ କରିପାରେ ବୋଲି ମତପ୍ରକାଶ ପାଇଥିଲା। ଗାନ୍ଧୀଙ୍କର ସଶକ୍ତ ଅସ୍ତ୍ର ଅହିଂସକ ସତ୍ୟାଗ୍ରହ ଜରିଆରେ ଆଜି ରାଜ୍ୟର ପ୍ରଖ୍ୟାତ ଗାନ୍ଧିବାଦୀ ଓ ନାଗରିକ ସମାଜ ନେତୃତ୍ୱ ଦାବି କରିଛନ୍ତି ଯେ ସମ୍ପୃକ୍ତ ବିଧାୟକ ତୁରନ୍ତ ସର୍ବସାଧାରଣରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ବାଚସ୍ପତି ତାଙ୍କୁ ଚଳିତ ବିଧାନସଭାରୁ ନିଲମ୍ବିତ କରି ତାଙ୍କୁ ନିଜର ତଥା ରାଜ୍ୟବାସୀଙ୍କ ଅକୃତଜ୍ଞତା କଳଙ୍କ ଲିଭେଇବାରେ ସାହାଯ୍ୟ କରନ୍ତୁ। ନଚେତ ଆଗାମୀ ଉତ୍ତର ପିଢ଼ି ତାଙ୍କୁ କେବେ ବି କ୍ଷମା କରିବେ ନାହିଁ। ଏହି ସତ୍ୟାଗ୍ରହରେ ଗାନ୍ଧୀ ବିଚାର ଅଭିଯାନର ଆବାହକ ମଣ୍ଡଳ ତରଫରୁ ସର୍ବସେବା ସଂଘର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ମାନବାଧିକାର ପ୍ରବକ୍ତା ମନୋଜ ଜେନା, ଲେଖକ ଓ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ, ଉତ୍କଳ ସର୍ବୋଦୟମଣ୍ଡଳ ଅଧ୍ୟକ୍ଷ ମିହିର ପ୍ରତାପ ଦାସ, ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ବିଶ୍ୱଜିତ ରାୟ, ବିଜେଡି ବିଧାନସଭାର ଉପମୁଖ୍ୟ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ସିପିଆଇ ଏମ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ବରିଷ୍ଠ ନେତା ସନ୍ତୋଷ ଦାସ, ଜନେଶ୍ୱର ସାମନ୍ତରାୟ, ସିପିଆଇ ଏମଲର ନେତା ମହେନ୍ଦ୍ର ପରିଡ଼ା, ମହାନଦୀ ବଞ୍ଚାଓ ଅନ୍ଦୋଳନର ଆବାହକ ସୁଦର୍ଶନ ଦାସ, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଙ୍ଘର ସମ୍ପାଦକ ବିଜୟ ତ୍ରିପାଠୀ, ଓଡ଼ିଶା ନାଗରିକ ସମାଜର ଉପ ସଭାପତି ଇଂ ଲଳିତ ମୋହନ ପଟ୍ଟନାୟକ, ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ , ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଏକତା ପରିଷଦର ଆବାହକ ବିଜୟ ପ୍ରଧାନ, ବରିଷ୍ଠ ଅଧିବକ୍ତା ଜୟନ୍ତ ଦାସ, ଓଡ଼ିଆ ଅସ୍ମିତା ଅଭିଯାନର ଆବାହକ ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟାଗ୍ରହରେ ସୂତ୍ର ଯଜ୍ଞ ଆଉ ସର୍ବ ଧର୍ମ ପ୍ରାର୍ଥନା ସହ ରାମଧୁନ ଗାନ କରାଯାଇ ଥିଲା।

# ଭେଣ୍ଡିଂ ଜୋନ୍‌କୁ ନେଇ ବିବାଦ: ମହିଳାଙ୍କୁ ସଙ୍ଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୭।୧୨(ସମିସ): ଭେଣ୍ଡିଂ ଜୋନ୍ ନ ଛାଡ଼ିବାରୁ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି ହୋଟେଲ କରିଥିବା ଜଣେ ମହିଳା। ମହିଳାମାନେ ଦୋକାନର ସାମଗ୍ରୀ ଫୋପଡ଼ା ଫିଙ୍ଗା କରିବା ସହ ସଙ୍ଘବଦ୍ଧ ଆକ୍ରମଣ

**ଖାଦ୍ୟ ସାମଗ୍ରୀ ଫିଙ୍ଗି ତାଲା ପକାଇଲେ**

**ଅସହାୟ ପାଲଟିଗଲା ପୁଲିସ**

କରିଛନ୍ତି। ଏଥିସହିତ ଜୋରଜବରଦସ୍ତ ତାଙ୍କ ଦୋକାନରେ ତାଲା ପକାଇ ଦେଇଛନ୍ତି। ଡୁମୁଡୁମା ଅଞ୍ଚଳରେ ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି।



ଅଭିଯୋଗ ଅନୁଯାୟୀ, ଡୁମୁଡୁମା ସ୍ଥିତ ଆଦର୍ଶ ଭେଣ୍ଡିଂ ଜୋନ୍ ପାଇବା ପରେ ଅନ୍ୟ ଜଣେ ମହିଳାଙ୍କୁ ଭଡ଼ାରେ ଦେଇ ଦେଇଥିଲେ। ଭଡ଼ା ନେଇଥିବା ମହିଳା ଜଣକ ସେଠାରେ ଏକ ହୋଟେଲ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ କିଛି ଦିନ ପରେ ମାଲିକ ଓ ଭଡ଼ା ନେଇଥିବା ମହିଳାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ମାଲିକ ତାଙ୍କୁ ଭେଣ୍ଡିଂ ଜୋନ୍ ଛାଡ଼ିବାକୁ କହିଥିଲେ। ଘର ଛାଡ଼ିବାକୁ ନେଇ ବିବାଦ ତୀବ୍ର ହେବାରୁ କଥା ଯାଇ ଖଣ୍ଡଗିରି ଥାନାରେ ପହଞ୍ଚିଥିଲା। ସେଠାରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ହେବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘର ଛାଡ଼ିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଉକ୍ତ ସମୟସୀମା ଏଯାଏଁ ପୂର୍ଣ୍ଣ ହୋଇନାହିଁ।

ସବୁଦିନ ଭଳି ରବିବାର ମଧ୍ୟ ମହିଳା ଜଣକ ଭାତ, ଡାଲି, ତରକାରୀ ଆଦି ରୋଷେଇ କରି ହୋଟେଲ ଖୋଲିଥିଲେ। ଦ୍ୱିପ୍ରହର ସମୟରେ ୧୫ରୁ ଅଧିକ ମହିଳା ହଠାତ୍ ମାଡ଼ି ଆସିଥିଲେ। ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଟେବୁଲ୍ ଉପରେ ରଖା ଯାଇଥିବା ଖାଦ୍ୟ ସାମଗ୍ରୀକୁ ଫୋପାଡ଼ି ଦେବା ସହ ହୋଟେଲ କରିଥିବା ମହିଳାଙ୍କୁ ଆକ୍ରମଣ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଖବରପାଇ ଖଣ୍ଡଗିରି ଥାନା ପିସିଆର ଘଟଣାସ୍ଥଳରେ ପହଞ୍ଚିଥିଲା। ଉତ୍ୟକ୍ତ ମହିଳାମାନଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, ପୁଲିସ ଉପସ୍ଥିତିରେ ମଧ୍ୟ ମହିଳାମାନେ ମାରପିଟ୍ ହେବା ସହ ଗାଳିଗୁଲଜ କରିଥିଲେ। ମହିଳା ପୁଲିସ କର୍ମଚାରୀ ନଥିବାରୁ ପିସିଆର କର୍ମଚାରୀ ଅସହାୟ ପାଲଟି ଯାଇଥିଲେ। ମହିଳାମାନେ ଜୋରଜବରଦସ୍ତି ଉକ୍ତ ଭେଣ୍ଡିଂ ଜୋନରେ ତାଲା ପକାଇ ଦେଇଥିଲେ।

# ଦାଦାବଟି ନ ଦେବାରୁ ପଥର ମାଡ଼





ଭୁବନେଶ୍ୱର, ୭।୧୨ (ସମିସ): ଦାଦାବଟି ନଦେବାରୁ ଘର ଉପରକୁ ପଥର ମାଡ଼ ହୋଇଛି। ଫୁଲେଶ୍ୱରୀ ବସ୍ତିରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଫୁଲେଶ୍ୱରୀ ବସ୍ତିର ବିକାଶ କୁମାର ପ୍ରଧାନ (୨୧) ଓ ଚିନ୍ମୟ ମହାରଣା (୧୯)। ପୁଲିସ ସୂଚନା ଅନୁସାରେ, ଗତକାଲି ସନ୍ଧ୍ୟାରେ ବିକାଶ, ଚିନ୍ମୟ, ବାପୁନି ଓ ସୁଦର୍ଶନ ମିଶି କାଳୁଚରଣ ରାଉତଙ୍କ ଘରକୁ ଯାଇ ଦାଦାବଟି ମାଗିବା ସହ ଧମକଚମକ ଦେଇଥିଲେ। କାଳୁଚରଣ କୌଣସି ପ୍ରକାରେ ବଟି ଦେବାକୁ ମନା କରି ଦେଇଥିଲେ। ସେହି ଦିନ ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଅଭିଯୁକ୍ତମାନେ ଆସି କାଳୁଚରଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏ ନେଇ କାଳୁଚରଣ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବିକାଶ ଓ ଚିନ୍ମୟଙ୍କୁ ଗିରଫ କରିବା ସହ ୫ଟି କ୍ଷତିଗ୍ରସ୍ତ ଗାଡ଼ି ଜବତ କରିଥିଲା।

# ଆୟୁଷ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

ଭୁବନେଶ୍ୱର,୭।୧୨(ସମିସ): ଆମରଣ ଅନଶନକୁ ଓହ୍ଲାଇଛନ୍ତି ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ୧୮୦୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ। ନଭେମ୍ବର ୬ ତାରିଖରୁ ରାଜ୍ୟରେ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇ ଛାତ୍ରଛାତ୍ରୀ କଳା ବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଥିଲେ। ଏହାସହିତ ଗତ ୨୪ ତାରିଖଠାରୁ ରାଜ୍ୟବ୍ୟାପୀ ମହାବିଦ୍ୟାଳୟ ବନ୍ଦ ଡାକରା ଦେବା ସହିତ ଗତ ୩୦ ତାରିଖଠାରୁ ଦିବାରାତ୍ର ଧାରଣା ଆନ୍ଦୋଳନ ଜାରି ରହିଆସୁଥିଲା। ଏଭଳି ପରିସ୍ଥିତିରେ ଗୋଟାଏ ଦାବି ପୂରଣ ହୋଇନାହିଁ। ପ୍ରକାଶ ଥାଉକି ସମସ୍ତ ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ରାଜ୍ୟବ୍ୟାପୀ ଧଳା କୋର୍ଟ ବର୍ଜନ କରିଥିଲେ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଆୟୁର୍ବେଦ ମହାବିଦ୍ୟାଳୟରେ ଜନୈକ ଛାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। କେନ୍ଦ୍ରରେ ମୋଦୀ ସରକାର ଆୟୁଷ ବିଭାଗର ଉନ୍ନତି ପାଇଁ ବହୁମୁଖୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଦୀର୍ଘ ଦିନରୁ ସରକାରଙ୍କୁ ଜଣାଇ ଆସୁଥିବା ଆୟୁଷ ଡାକ୍ତର ଛାତ୍ରଛାତ୍ରୀ ସଂଘର ଏହି ନ୍ୟାୟସଙ୍ଗତ ଦାବିର କୌଣସି ଗୋଟିଏ ବି ଦାବି ପୂରଣ ଦିଗରେ ପଦକ୍ଷେପମାନ ଗ୍ରହଣ ନକରିବା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଆମରଣ ଅନଶନକୁ ଓହ୍ଲାଇବାକୁ ବାଧ୍ୟ କରିଛି ବୋଲି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ସବୁବେଳେ ଆଶ୍ୱସନା ଦେଇ ସୁଖର ସ୍ୱପ୍ନ ଦେଖାଇ ସ୍ୱାସ୍ଥ୍ୟମନ୍ତ୍ରୀ ବର୍ତ୍ତମାନ ନୀରବ କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି।

# ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍‌ର କମ୍ବଳ ବଣ୍ଟନ

ଭୁବନେଶ୍ୱର,୭।୧୨(ସମିସ): ମାନବ ସେବା ହିଁ ପରମାତ୍ମାଙ୍କ ସେବା ବୋଲି କୁହାଯାଏ। ଏହାକୁ ପ୍ରତିପାଦନ କରିବାକୁ ପ୍ରୟାସ କରିଛନ୍ତି ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍ କର୍ମକର୍ତ୍ତା। କ୍ଲବ୍‌ର ସଭାନେତ୍ରୀ ନମ୍ରତା ନାୟକଙ୍କ ତତ୍ତ୍ୱାବଧାନରେ ଆଦିତ୍ୟ ଟାଉନସିପ୍‌ରେ କାମକରୁଥିବା ପ୍ରାୟ ୧୫୦ ଜଣ ପୁରୁଷ ଏବଂ ମହିଳା କର୍ମଜୀବୀଙ୍କୁ କମ୍ବଳ ବଣ୍ଟନ କରିଥିଲେ। ପ୍ରତ୍ୟେକ ବର୍ଷ ଏହି ଅଦିତି କ୍ଲବ୍ ଜନହିତକର କାର୍ଯ୍ୟ କରିଆସୁଅଛି। ଏହି କ୍ରମରେ ନିକଟସ୍ଥ ଅନାଥାଶ୍ରମକୁ ପରିଦର୍ଶନ କରି ସେଠାରେ ଥିବା ପିଲାମାନଙ୍କୁ କପଡ଼ା ଏବଂ ସୁକ୍ଷମ ଖାଦ୍ୟ ବଣ୍ଟନ କରିଛନ୍ତି। କମ୍ପାନୀର ସିଏସଆର୍ କାର୍ଯ୍ୟକ୍ରମରେ ଭାଗ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟଙ୍କୁ ସ୍ୱାବଲମ୍ବୀ କରିବାରେ ସେମାନଙ୍କୁ ସହଯୋଗ ମଧ୍ୟ କରୁଛନ୍ତି। ଆଦିତ୍ୟ ଅଦିତି ଲେଡିଜ୍ କ୍ଲବ୍‌ର ଏଭଳି ଜନହିତକର କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିବା ସହିତ ଉଚ୍ଚ ପ୍ରଶଂସା ସାଉଁଟିପାରିଛି।

# ନାଫେଡ୍ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୭।୧୨(ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଅବସରରେ ନାଫେଡ୍ ପକ୍ଷରୁ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସମବାୟ ସଂସ୍ଥା, ସମବାୟ ବିଭାଗ, ଓଡ଼ିଶା ସରକାର, ମାର୍କଫେଡ ଓଡ଼ିଶା, ନାଫେଡ କୃଷକ ଉତ୍ପାଦକ କମ୍ପାନୀ ଆଦି ଅଂଶଗ୍ରହଣ କରିଥିଲେ। ଉକ୍ତ ମ୍ୟାଚ ଭୁବନେଶ୍ୱରସ୍ଥିତ ଆର୍‌ଆଇଇ କ୍ୟାମ୍ପସ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା ମାର୍କଫେଡ ପ୍ରେସିଡେଣ୍ଟ କବିତା ମଞ୍ଜରୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏମ୍‌ଡି ମାର୍କପେଡ ସନ୍ତୋଷ କୁମାର ନାୟକ, ଏନ୍‌ସିସିଏଫ ବ୍ରାଞ୍ଚ ମ୍ୟାନେଜର ରାଜେଶ କୁମାର ସିଂ, ଲାଇଭଲିହୁଡ୍ ଅଲ୍ଟରନେଟିଭସ୍ ସିଏମ୍‌ଡି ସମ୍ବିତ ତ୍ରିପାଠୀ ଅନ୍ୟ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇଥିଲେ। ନାଫେଡ୍‌ର ଷ୍ଟେଟ ହେଡ ସୁଶ୍ରୀ ଅନିନ୍ଦିତା ଗୁହା ଅତିଥିମାନଙ୍କୁ ସ୍ୱାଗତ କରି ସମବାୟ ପ୍ରୟାସଗୁଡିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏହିଭଳି କ୍ରୀଡା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକ୍ତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ନବମ ଶ୍ରେଣୀ ଛାତ୍ର ମାଷ୍ଟର ନିଲେଶ ନବନୀତ ଦାଶ ଏହି କ୍ରୀଡା କାର୍ଯ୍ୟକ୍ରମର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅଲ୍ ଓଡ଼ିଶା ଓପନ ଯୋଗାସନ ଚାମ୍ପିଅନସିପ୍

ଭୁବନେଶ୍ୱର,୭।୧୨(ସମିସ): ଯୋଗ ସଂସ୍ଥାନ ବ୍ଲିସଫୁଲ ଯୋଗ ସେଣ୍ଟର, ନ୍ୟୁ ଫରେଷ୍ଟପାର୍କ ପକ୍ଷରୁ ଓଡ଼ିଶା ଯୋଗାସନର ମିଳିତ ଆନୁକୂଲ୍ୟରେ ଅଲ ଓଡ଼ିଶା ଓପନ ଯୋଗାସନ୍ନ ଚାମ୍ପିଅନଶିପ ଅନୁଷ୍ଠିତ ହୋଇଛି। ଏଥିରେ ବହୁ ସଂଖ୍ୟାରେ ସାଧାରଣ ପ୍ରତିଭାମାନଙ୍କ ସହିତ ଅସାଧାରଣ ତଥା ଦିବ୍ୟାଙ୍ଗ ପ୍ରତିଭା ଅଂଶଗ୍ରହଣ ପୂର୍ବକ ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶ୍ୱ ଚମ୍ପିଅନଶିପରୁ ନେଇ ପାରା ଅଲମ୍ପିଆଡ଼ ପର୍ଯ୍ୟନ୍ତ ନିଜ ଦକ୍ଷତା ଦେଖାଇଥିବା ରାଖାଲ କୁମାର ସେଠୀ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲ୍ଲାରୁ



୨ ଶହ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ବ୍ଲିସଫୁଲ ଯୋଗ ସେଣ୍ଟରର ପ୍ରତିଷ୍ଠାତା ନିର୍ଦ୍ଦେଶିକା ସୌମ୍ୟା ଦାଶ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା କନିଷ୍ଠ ଓ ବରିଷ୍ଠ ବର୍ଗ ସମେତ ଦିବ୍ୟାଙ୍ଗ ପ୍ରତିଭାଙ୍କ ପାଇଁ ସ୍ୱତନ୍ତ୍ର ସୁଯୋଗ ରଖାଯାଇଥିଲା।

# ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ




ବାଲିଅନ୍ତା,୭।୧୨(ସମିସ): ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସରକଣା ପଞ୍ଚାୟତରେ ୩୫୦ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସରକଣା ଗ୍ରାମ ପଞ୍ଚାୟତ କଲ୍ୟାଣମଣ୍ଡପ ସଭାକକ୍ଷରେ ଆୟୋଜିତ ସଭାରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ, ନାଏବ ସରପଞ୍ଚ ବିନାୟକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କରିଥିଲେ। ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସରକଣା ପଞ୍ଚାୟତର ୧୫ଟି ୱାର୍ଡର ଲୋକମାନେ ସାମିଲ ହୋଇଥିଲେ। ଏହି ଅବସରରେ ଆଗାମୀ ଦିନରେ ବାଲିଅନ୍ତା ବ୍ଲକର ଅନ୍ୟ ସବୁ ପଞ୍ଚାୟତରେ ଲୋକଙ୍କୁ ଶୀତ ବସ୍ତ୍ର ଯୋଗାଇ ଦିଆଯିବ ବୋଲି ଶ୍ରୀ ବେହେରା କହିଛନ୍ତି।

# ଅଢ଼େଇ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଗାଡ଼ି ମାଲିକ ଗିରଫ

ଭୁବନେଶ୍ୱର/ହଂସପାଳ,୭।୧୨(ସମିସ):



ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପାହାଳ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲ୍ଲା ବୁଟୁପାଲି ଗ୍ରାମର ରମେଶ ମେହେର। ତାଙ୍କ ଠାରୁ ୨କ୍ୱିଣ୍ଟାଲ ୫୨କେଜି ଗଞ୍ଜେଇ ଏବଂ ଅପରାଧରେ ବ୍ୟବହୃତ ଏକ ଟାଟା ୱିଙ୍ଗର ଗାଡ଼ି ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, ରମେଶ ବୌଦ୍ଧ ଜିଲ୍ଲାକୁ ନିୟମିତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗଞ୍ଜେଇ ଚୋର ଚାଲାଣ କରନ୍ତି। ରବିବାର ମଧ୍ୟ ସେ ଏକ ଭ୍ୟାନ୍‌ରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ନେଇ ପାହାଳ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ସୂଚନା ଆଧାରରେ ସକାଳ ୮ଟା ସମୟରେ ଘେରାବନ୍ଦି କରିଥିଲା। ଗାଡିର ଡ୍ରାଇଭର ରମେଶ ପୁଲିସକୁ ଦେଖିବା ମାତ୍ରେ ଭୟଭୀତ ହୋଇଯାଇ ଥିଲା। ଗାଡ଼ିର ଗତି ବଢ଼ାଇ ପୁଲିସ କବ୍‌ଜାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ପୁଲିସ ଟିମ୍ ପିଛା କରି ଗାଡିଟିକୁ ଅଟକାଇବାରେ ସଫଳ ହୋଇଥିଲା।

ଗାଡ଼ି ଯାଞ୍ଚ ବେଳେ ବହୁ ପରିମାଣରେ ଧଳା ଜରି ବସ୍ତା ଗାଡ଼ିରୁ ମିଳିଥିଲା। ଏଥିରୁ ବିପୁଳ ପରିମାଣରେ ଗଞ୍ଜେଇ ବାହାରିଥିଲା। ପଚରାଉଚରା ବେଳେ ଜଣାପଡ଼ିଥିଲା ସେ ବାଲେଶ୍ୱରର ଜଣେ ବ୍ୟବସାୟୀଙ୍କୁ ସେ ଏହି ଗଞ୍ଜେଇ ଦେଇଥାନ୍ତେ। ପାହାଳ ପୁଲିସ ସମ୍ପୃକ୍ତ ବ୍ୟବସାୟୀଙ୍କ ନାମ ବାଲେଶ୍ୱର ପୁଲିସକୁ ଅବଗତ କରାଇଛି।

**ବାଲେଶ୍ୱର ପହଞ୍ଚିଥିଲେ ୫୦ହଜାର ମିଳିଥାନ୍ତା**

ଗଞ୍ଜେଇ ଚାଲଣରେ ବ୍ୟବହୃତ ଗାଡ଼ିର ମାଲିକ ହେଉଛନ୍ତି ରମେଶ। ଗଞ୍ଜେଇ ପହଞ୍ଚାଇ ଥିଲେ ତାଙ୍କୁ ୫୦ହଜାର ଟଙ୍କା ମିଳିଥାନ୍ତା। ହେଲେ ବାଟରେ ପୁଲିସ ମାଡ଼ି ବସିଲା। ଯାହାଫଳରେ ଟଙ୍କା ତ ମିଳିଲାନି ଓଲଟି ଗାଡ଼ିଟି ବି ଗଲା। ଗାଡ଼ି ବାହରିବା ଏବେ କାଠିକର ପାଠ ହୋଇଯିବ। ମିଳିଥିବା ସୂଚନା ମୁତାବକ, ସେ ଋଣ କରି ଗାଡ଼ିଟି କିଣିଥିଲେ। ପର୍ଯ୍ୟଟକଙ୍କୁ ନେବାଆଣିବା କରୁଥିଲେ। ହେଲେ ବ୍ୟବସାୟରେ କ୍ଷତି ନ ହେବାରୁ ଏହି ଗାଡ଼ିଟି ଚଳାଉ ନ ଥିଲେ। ଗାଡ଼ି ବେପାରରେ ଘାଟା ହେଉଛି ବୋଲି ସ୍ଥାନୀୟ ଜଣେ ଗଞ୍ଜେଇ ବ୍ୟବସାୟୀ ଜଣାଇଥିଲେ। ଗାଡ଼ିଟି ଗଞ୍ଜେଇ ଚାଲାଣରେ ଲଗାଇଲେ ମୋଟା ରୋଜଗାର ହେବ ବୋଲି ସମ୍ପୃକ୍ତ ଗଞ୍ଜେଇ ବ୍ୟବସାୟୀ ଜଣଙ୍କ ତାଙ୍କୁ ବୁଦ୍ଧି ଦେଇଥିଲେ। ଏହା ଟୁରିଷ୍ଟ ଗାଡ଼ି ହୋଇଥିବାରୁ ଧରାପଡ଼ିବାର ସମ୍ଭାବନା ବହୁତ କମ୍ ବୋଲି କହିଥିଲେ।

ଗଞ୍ଜେଇ ବେପାରୀଙ୍କ ଏହି ପ୍ରସ୍ତାବରେ ସେ ରାଜି ହୋଇ ଗଞ୍ଜେଇ ଚୋରା ଚାଲାଣ ବ୍ୟବସାୟ ଆରମ୍ଭ କରିଥିଲେ। ମାତ୍ର କିଛିଦିନ ବ୍ୟବସାୟ କରିବା ପରେ ଗାଡ଼ି ସହ ନିଜେ ବନ୍ଧା ହୋଇଗଲେ।

ସକାଳ
THE SAKALA

# ସମ୍ପାଦକୀୟ



କିଛିଲୋକ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଆଉ କିଛି ଲୋକ ସଫଳ ହେବା ପାଇଁ କଠିନ ପରିଶ୍ରମ କରନ୍ତି।
-ମାର୍କ ଜୁକରବର୍ଗ

## ବିମାନ ବିଭ୍ରାଟ: ଦାୟୀ କିଏ?

ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋର ଗତ ଚାରିଦିନ ମଧ୍ୟରେ ପ୍ରାୟ ୧୮୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ନଥିବାରୁ ସଂସ୍ଥା ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଯାତ୍ରୀମାନେ ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ବିମାନବନ୍ଦର ସାମ୍ନାରେ ଆନ୍ଦୋଳନ କରିଛନ୍ତି। ଗୋଟିଏ ସଂସ୍ଥାର ପରିଚାଳନାଗତ ବିଭ୍ରାଟ ପାଇଁ ସମଗ୍ର ଦେଶର ସ୍ୱାଭାବିକ ବିମାନଯାତ୍ରା ଓ ଜୀବନଯାତ୍ରା ବ୍ୟାହତ ହୋଇଛି ଏବଂ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଅନ୍ୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସେମାନଙ୍କ ଟିକେଟ୍ ମୂଲ୍ୟକୁ ମନଇଚ୍ଛା ବୃଦ୍ଧି କରିଛନ୍ତି। ପ୍ରତିଭୂତି ବଜାରରେ ଇଣ୍ଡିଗୋର ଅଂଶଧନ ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ କ୍ଷତି ସହିଛନ୍ତି। ତେଣୁ ଇଣ୍ଡିଗୋ ପ୍ରସଙ୍ଗ ସଂସଦୀୟ ବାତାବରଣକୁ ମଧ୍ୟ ଉଷ୍ମ କରିଛି। ଏହାପରେ କେନ୍ଦ୍ର ସରକାର ଘଟଣାର ତଦନ୍ତ ଲାଗି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

ଅଧୁନା ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଜୀବନଯାତ୍ରା ପୂର୍ବାପେକ୍ଷା କ୍ଷୀପ୍ର ହୋଇଛି। ତା'ସହିତ ସମୟର ମୂଲ୍ୟ ବହୁଗୁଣରେ ବଢ଼ିଯାଇଛି। ଏହି ପୃଷ୍ଠଭୂମିରେ ବିମାନ ସେବା 'ବିଳାସ'ରୁ 'ଆବଶ୍ୟକତା'ରେ ରୂପାନ୍ତରିତ ହୋଇଛି। ଲୋକଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାରେ ଘରୋଇ ସଂସ୍ଥାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଥିବାରୁ କୌଣସି ସ୍ଥାନରେ କେତେବେଳେ ଅନିୟମିତତା ସୃଷ୍ଟି ହେଲେ ସାମଗ୍ରିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଇଣ୍ଡିଗୋର ବିମାନ ସେବା ବାତିଲ୍ ହେବା ପରେ ରେଳବାଇ ସହାୟତାର ହାତ ବଢ଼ାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ତେଣୁ ଏହି ବିଭ୍ରାଟ ପଛରେ ଥିବା କାରଣ ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ଏହି ସଙ୍କଟ ପାଇଁ ଇଣ୍ଡିଗୋର ଶ୍ରମନୀତିକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ପୂର୍ବରୁ ପାଇଲଟ୍‌ମାନଙ୍କ ପାଇଁ ସାପ୍ତାହିକ ବିଶ୍ରାମ ସମୟ ୧୨ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ତାହାକୁ ନିରନ୍ତର ଚାରିଗୁଣା ବଢ଼ାଇ ୪୮ ଘଣ୍ଟା କରାଯାଇଛି। ସେହିପରି ପୂର୍ବରୁ ରାତ୍ରିକାଳୀନ ଅବତରଣ ସଂଖ୍ୟା ଛଅ ଥିବା ବେଳେ ତାହା ଦୁଇକୁ ହ୍ରାସ କରାଯାଇଛି। ଏହି ନୂଆ ନିୟମ ଲାଗୁ କରିବା ପୂର୍ବରୁ ପାଇଲଟ୍ ଅନୁପସ୍ଥିତି ବା ଅଭାବ ପୂରଣ କରିବାକୁ ଇଣ୍ଡିଗୋ ପର୍ଯ୍ୟାପ୍ତ ପାଇଲଟ୍ ନିୟୋଜିତ କିମ୍ବା ବିକଳ୍ପ ବ୍ୟବସ୍ଥା କରିବାର ଥିଲା। ଇଣ୍ଡିଗୋର ଏହି ନୂଆ ଶ୍ରମନିୟମକୁ ବେସମାରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ମଧ୍ୟ ଅଣଦେଖା କରିଥିଲା। ତେଣୁ ସରକାର ଏବେ ସ୍ୱତଃ ପ୍ରଶ୍ନ ଘେରକୁ ଆସିଛନ୍ତି। ସାଧାରଣ ସଡ଼କ ପରିବହନ ବ୍ୟବସ୍ଥାରେ କୌଣସି ସ୍ଥାନରେ ଅସ୍ୱାଭାବିକତା ସୃଷ୍ଟି ହେଲେ ତାହାର ଫାଇଦା ଯେପରି ଅନ୍ୟ କେତେକ ଗାଡ଼ିମାଲିକ ଉଠାଇ ଯାତ୍ରୀଙ୍କୁ ଶୋଷଣ କରନ୍ତି ସେଭଳି ନିନ୍ଦନୀୟ ଘଟଣା ସମ୍ପ୍ରତି ବିମାନ ସେବାରେ ଦେଖିବାକୁ ମିଳିଛି। ତେଣୁ ବିମାନ ଯାତ୍ରା ଭଳି ସ୍ୱତନ୍ତ୍ର ଓ ଅଗ୍ରାଧିକାର ସେବା କ୍ଷେତ୍ର ଉପରେ ଯେ ସରକାରଙ୍କ କର୍ତ୍ତୃତ୍ୱ ଓ ଦୃଷ୍ଟି ନାହିଁ ତାହା ପ୍ରମାଣିତ ହୋଇଛି।

ଘରୋଇ ବ୍ୟବସାୟିକ ସଂସ୍ଥାରେ ସରକାର ତୃତୀୟ ପକ୍ଷର ଭୂମିକା ନିର୍ବାହ କରୁଥିବାରୁ ପ୍ରଥମ ଦୁଇପକ୍ଷର ଆପତ୍ତି ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ସରକାର ହସ୍ତକ୍ଷେପ କରିବା କଥା ନୁହେଁ। କିନ୍ତୁ ବିମାନ ଯାତ୍ରା ଭଳି ଯେଉଁ ସେବାଗୁଡ଼ିକ ସାର୍ବଜନୀନ ଓ ଦେଶର ସାମୂହିକ ସ୍ୱାର୍ଥ ସହିତ ଜଡ଼ିତ ଏବଂ ବହୁମୁଖୀ କ୍ଷେତ୍ର ସହିତ ସଂଯୋଜିତ, ସେଠାରେ ସରକାର ହାତବାନ୍ଧି ବସିପାରିବେ ନାହିଁ। ସମ୍ପ୍ରତି ଭାରତରେ ସରକାରୀ ବିମାନ ଚଳାଚଳ କରୁନାହିଁ କି ସରକାର ପ୍ରତ୍ୟକ୍ଷ ଭାବେ ବିମାନ ସେବା ସହିତ ସମ୍ପୃକ୍ତ ନାହାନ୍ତି। ଭାରତୀୟ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ଘରୋଇ ହାତମୁଠାକୁ ଚାଲିଯାଇଛି। ଯଦି ସେମାନଙ୍କ ଇଚ୍ଛାରେ ବିମାନ ଚାଲିବ ତେବେ ଡିଜିସିଏ ପରି ବିଭାଗଟି ରହିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଇଣ୍ଡିଗୋ ପରି ଘରୋଇ ସଂସ୍ଥାର କର୍ମସଂସ୍କୃତି, ନୀତି, ନିୟମ ତା'ର ନିଜସ୍ୱ। କିନ୍ତୁ ଦେଶର ୬୦% ବିମାନ ସେବାକୁ ନିଜ ଅଧୀନରେ ରଖିଥିବା ଏକ ସଂସ୍ଥା କର୍ମସଂସ୍କୃତିର ଏକଚାଟିଆ ସଂଶୋଧିତ ନିୟମ ପ୍ରଣୟନ କରିବା ପୂର୍ବରୁ ଡିଜିସିଏକୁ ଅବଗତ କରିଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦେଶର ସାମଗ୍ରିକ ଶ୍ରମ ଓ ମାନବ ସମ୍ବଳ ସମ୍ପର୍କିତ ନୀତି ନିର୍ଦ୍ଧାରଣ ଓ ସ୍ୱାର୍ଥ ରକ୍ଷା ଦାୟିତ୍ୱ ସରକାରଙ୍କର। ଯଦି ଇଣ୍ଡିଗୋ ସଂଶୋଧିତ ଶ୍ରମ ନୀତି ସମ୍ପର୍କରେ ଡିଜିସିଏ କିମ୍ବା ଶ୍ରମ ବିଭାଗକୁ ସୂଚିତ କରିଥିଲା ତେବେ ଉକ୍ତ ବିଭାଗ ନିଦାବିଷ୍ଟ ସାଜିଥିଲେ ଏବଂ ସମ୍ପୂର୍ଣ୍ଣ ଘଟଣା ପାଇଁ ବିଭାଗର ଅଦୂରଦର୍ଶିତା ହିଁ ଉତ୍ତରଦାୟୀ ବୋଲି କହିବାକୁ ହେବ।

ଏହା ଭିତରେ ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚି ରହିଛି। ଇଣ୍ଡିଗୋ ବିଭ୍ରାଟ ଘଟଣାରୁ ପ୍ରମାଣିତ ହେଉଛି ଯେ ଜରୁରିକାଳୀନ ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା କିମ୍ବା ତତ୍କାଳ ସ୍ଥିତି ସମ୍ଭାଳିବା ଦକ୍ଷତା ସରକାରଙ୍କ ପାଖରେ ନାହିଁ। ଗୋଟିଏ ସଂସ୍ଥାର ମନମୁଖି ପରିଚାଳନା ସମଗ୍ର ଦେଶର ବିମାନ ଯାତ୍ରାକୁ ବିବ୍ରତ ଓ ବିଭ୍ରାଟ କରିଦେଲା। ଏଥିରୁ ସରକାର ଶିକ୍ଷାଲାଭ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ଏଭଳି ସ୍ଥିତିର ମୁକାବିଲା ପାଇଁ ସଦାପ୍ରସ୍ତୁତ ଏକ ଟିମ୍ ଗଠନ କରିବା ଆବଶ୍ୟକ। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱ ବଜାରରେ ପାଇଲଟ୍ ଅଭାବ ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଏହି ଆହ୍ୱାନର ମୁକାବିଲା ପାଇଁ ମଧ୍ୟ ମିଳିତ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ।

ଅଭିଯୋଗ ଆସିଛି ଯେ ଇଣ୍ଡିଗୋର ଏହି ବିଭ୍ରାଟ ପଛରେ କର୍ପୋରେଟ୍ ଲବିର ଏକ ବଡ଼ ଚକ୍ରାନ୍ତ ରହିଛି। ଭାରତର ୬୦ ପ୍ରତିଶତ ବିମାନ ସେବା ଅଂଶଧାରୀ ଇଣ୍ଡିଗୋର ଅଂଶଧନ ମୂଲ୍ୟ ପ୍ରତିଭୂତି ବଜାରରେ ହ୍ରାସ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚନା କରାଯାଇଛି। ଏହି ଅଭିଯୋଗ ପଛର ଭିତ୍ତି ସନ୍ଦେହାସ୍ପଦ। କିନ୍ତୁ ଏହାକୁ ଅଣଦେଖା ମଧ୍ୟ କରାଯାଇପାରିବ ନାହିଁ। ସେହିଭଳି ଖାଉଟି ସୁରକ୍ଷା ଆଇନ ୨୦୧୯ କୁ ବିମାନ ଯାତ୍ରା କ୍ଷେତ୍ରରେ ସକ୍ରିୟ ପ୍ରୟୋଗ କରିବାର ଦାବି ଜୋରଦାର ହେବା ଆବଶ୍ୟକ। ଯାତ୍ରୀମାନେ କ୍ଷତିଭରଣା ବାବଦ ଅର୍ଥରାଶି ପାଇବେ ନିଶ୍ଚୟ। କିନ୍ତୁ ତାହା ତାଙ୍କ ଜୀବନର ଅସଲ କ୍ଷତି ଭରଣା କରିବାରେ ସମର୍ଥ ହେବ ନାହିଁ। ସରକାରୀ ଅବହେଳା ହେଉ କିମ୍ବା ଇଣ୍ଡିଗୋର ଅପରିଣାମଦର୍ଶିତା, ଏଥିରେ ଜରୁରିକାଳୀନ ସ୍ଥିତିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଜୀବନ ଯନ୍ତ୍ରଣା ଜନିତ କ୍ଷତିଭରଣା କରିବ କିଏ?

# ବିପନ୍ନ ଗୋପନୀୟତା

ସମ୍ପ୍ରତି ମୋବାଇଲ୍ ଫୋନ୍‌ର କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନ, ବିକ୍ରି ଓ ବ୍ୟବହାର ସହିତ ଅବାଞ୍ଛିତ କଲ ଓ ମେସେଜ୍, ସାଇବର ଅପରାଧ, ହ୍ୟାଣ୍ଡସେଟ୍ ଚୋରି ଆଦି ଅଘଟଣା ମଧ୍ୟ ବଢ଼ିଚାଲିଛି। ଏଥିସହିତ ଏତଲା ଓ ମାମଲା ବୋଝ ମଧ୍ୟ ବଢୁଛି। ସ୍ମାର୍ଟଫୋନ୍ ବ୍ୟବହାରକାରୀ ବା ଗ୍ରାହକମାନଙ୍କୁ ଏହିସବୁ ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେବା ପାଇଁ 'ସଞ୍ଚାରସାଥୀ' ନାମକ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତ୍ୟକ୍ଷ ସରକାରୀ ପୃଷ୍ଠପୋଷକତାରେ ବିକଶିତ ଏକ ସୁରକ୍ଷା 'ଆପ୍'କୁ ସ୍ମାର୍ଟଫୋନ୍‌ରେ ରଖିବା(ଇନଷ୍ଟଲ) ଲାଗି କେନ୍ଦ୍ର ସରକାର ଉତ୍ସାହିତ, ସୂଚନା ଓ ପରାମର୍ଶ ଦେଇ ଆସୁଛନ୍ତି।

ଉପରୋକ୍ତ ମହତ୍ ଉଦ୍ଦେଶ୍ୟରେ ବିକଶିତ ତଥା ଉପଭୋକ୍ତା ଅନୁକୂଳ ଭାବେ ସାଧାରଣରେ ଦୃଷ୍ଟିଗୋଚର ହେଉଥିବା ଏହି 'ଆପ୍'ଟି ବିବାଦ ଓ ବିତର୍କ ଘେରକୁ ଆସି ନଥା'ନ୍ତା ଯଦି ନିର୍ମାତାମାନଙ୍କୁ ସ୍ମାର୍ଟଫୋନ୍ ବିକାଶ ସମୟରେ ହିଁ ଅବିଚ୍ଛେଦ୍ୟ ଭାବେ 'ସଞ୍ଚାରସାଥୀ' ରଖିବା ବାଧ୍ୟତାମୂଳକ ବୋଲି ଟେଲିଯୋଗାଯୋଗ ବିଭାଗ ଗୁପ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ି ନଥା'ନ୍ତା। ଏହାର ଅର୍ଥ ସ୍ମାର୍ଟଫୋନ୍‌ଟିଏ କିଣିବା ବେଳେ ସେଥିରେ କମ୍ପାନୀ ପ୍ରଦତ୍ତ କେତେକ 'ଆଜନ୍ମ ଆପ୍' ପରି 'ସଞ୍ଚାରସାଥୀ'ର ଉପସ୍ଥିତି ମଧ୍ୟ ଅନିବାର୍ଯ୍ୟ ହେବ, ଯାହାକୁ ଡିଲିଟ୍ ବା ହଟାଇ ଦେବା ଗ୍ରାହକ/ବ୍ୟବହାରକାରୀ ପକ୍ଷରେ ସମ୍ଭବ ହେବ ନାହିଁ। ଯେଉଁମାନେ ପୂର୍ବରୁ ସ୍ମାର୍ଟଫୋନ୍ କିଣିସାରିଛନ୍ତି ସେମାନଙ୍କ ପାଇଁ ସଫ୍ଟୱେର ଅପ୍‌ଡେଟ୍ କରିବା ସମୟରେ ଯେଭଳି ଆପେ ଆପେ 'ସଞ୍ଚାରସାଥୀ' 'ଆପ୍'ଟି ଇନ୍‌ଷ୍ଟଲ୍ ହୋଇଯିବ ସେଭଳି ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

'ସଞ୍ଚାରସାଥୀ' ସାଇବର ଅପରାଧୀ ଓ ଫୋନ୍ ଚୋରଙ୍କୁ ଠାବ କରିବାରେ ଯେତିକି ସତର୍କ, ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯାଞ୍ଚରେ ତା'ଠାରୁ ଅଧିକ ଚତୁର ଓ ଦକ୍ଷ। ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ କଥାବାର୍ତ୍ତା, ଯୋଗାଯୋଗ ନମ୍ବର, ଭୌଗୋଳିକ ଉପସ୍ଥିତି, କ୍ୟାମେରା, ଟର୍ଚ୍ଚ ଆଦିକୁ ମଧ୍ୟ 'ସଞ୍ଚାରସାଥୀ' ତନଖି କରିପାରିବା ଓ ସତର୍କ ଦୃଷ୍ଟି ରଖି କରିପାରିବାର କ୍ଷମତାଧାରୀ ଓ ଅନୁମତିପ୍ରାପ୍ତ। ସରଳ ଭାଷାରେ କହିଲେ କୌଣସି ବ୍ୟାଙ୍କ ପାଇଁ ନିଯୁକ୍ତ ସୁରକ୍ଷାକର୍ମୀ ବାହ୍ୟ ସୁରକ୍ଷା ସହିତ ସମ୍ପୃକ୍ତ ବ୍ୟାଙ୍କର ଲକର, ଆଇରନ୍ ଚେଷ୍ଟର ଚାବି ଓ କମ୍ପ୍ୟୁଟରର ପାସ୍‌ୱାର୍ଡ ଆଦି ତା' ଜିମା ଦେବାକୁ ସର୍ତ୍ତ ରଖିବା ପରି 'ସଞ୍ଚାରସାଥୀ' ସମ୍ପୃକ୍ତ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସମସ୍ତ ଗୋପନୀୟ ଓ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ରଖେ। ତେଣୁ ଏହି 'ଆପ୍' ପଛର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସନ୍ଦେହଘେରକୁ ଆସିବା ସ୍ୱାଭାବିକ।

ସମ୍ବାଦ ସରବରାହ ସଂସ୍ଥା 'ରଏଟର'ରେ ସରକାରଙ୍କ ଏ ଗୁପ୍ତ ନିର୍ଦ୍ଦେଶ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିରୋଧାଭାସ ଓ ରାଜନୈତିକ ଝଡ଼ ସୃଷ୍ଟି ହେଲା। 'ସଞ୍ଚାରସାଥୀ' 'ଆପ୍' ମାଧ୍ୟମରେ ଜନତାଙ୍କ ହାବଭାବ, କଥାବାର୍ତ୍ତା ଓ ଚିନ୍ତା ଚେତନା ଉପରେ କେନ୍ଦ୍ର ସରକାର ଗୁଇନ୍ଦାଗିରି କରିବାର ଦୁରଭିସନ୍ଧି ରଖିଥିବା ଅଭିଯୋଗ ଉଠିଲା। ଆପଲ୍, ସାମସଙ୍ଗ ପରି କେତେକ ଆଗଧାଡ଼ିର ସ୍ମାର୍ଟଫୋନ୍ ନିର୍ମାତା ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ମାନିବା ପାଇଁ ରୋକ୍‌ଠୋକ୍ ମନା କରିବା ପରେ 'ସଞ୍ଚାରସାଥୀ'ର ଭୂମିକା ଆହୁରି ବିବାଦୀୟ ହୋଇପଡ଼ିଲା। ସଂସଦର ଚଳିତ ଶୀତ ଅଧିବେଶନରେ ଏ ସମ୍ପର୍କରେ ତୁମୁଳ ହଟ୍ଟଗୋଳ ହେବା ପରେ ଶେଷରେ ସରକାର ବାଧ୍ୟ ହୋଇ ଉପରୋକ୍ତ ନିର୍ଦ୍ଦେଶନାମାକୁ ସଂଶୋଧନ କରି 'ବାଧ୍ୟତାମୂଳକ' ବଦଳରେ 'ଇଚ୍ଛାଧୀନ' କରିଛନ୍ତି। କିନ୍ତୁ ଗତ ଜାନୁଆରୀମାସରୁ ପ୍ରାୟ ୫୦ ଲକ୍ଷ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ ଓ ଇନଷ୍ଟଲ୍ ହୋଇସାରିଥିବା ଏହି 'ଆପ୍' ଜରିଆରେ କେତେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଛି ଏବଂ ଗୋପନୀୟତାର କେତେ ଉଲ୍ଲଙ୍ଘନ ହୋଇଛି ତାହା ଆଉ ଏକ ଜଟିଳ ନୈତିକ ପ୍ରଶ୍ନ ଉପସ୍ଥାପନ କରିଛି।

ଏହାପୂର୍ବରୁ ୨୦୧୯ରେ ସମାନ ବିରୋଧାଭାସ ସୃଷ୍ଟି ହୋଇଥିଲା ଇସ୍ରାଏଲ୍ କମ୍ପାନୀ ଏନ୍‌ଏସ୍‌ଓ ନିର୍ମିତ 'ପେଗାସସ'(ସ୍ମାର୍ଟଫୋନ୍‌କୁ ଏକ କଲ୍ ଆସିବା ସହିତ ଏହି ଆପ୍ ଆପେ ଆପେ ଇନ୍‌ଷ୍ଟଲ୍ ହୋଇଯିବ) ପ୍ରସଙ୍ଗରେ। ରାଜନୈତିକ ନେତା, ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବିରୋଧୀ ରାଜନୈତିକ ଦଳ, ସାମ୍ବାଦିକ, ଆନ୍ଦୋଳନକାରୀ, ନୀତି ନିର୍ଦ୍ଧାରକ, ବିଚାରପତି, ପୁଲିସ୍, ବୁଦ୍ଧିଜୀବୀ, ପ୍ରଶାସକ ଓ ଶିଳ୍ପପତି ସମେତ ସାଧାରଣ ନାଗରିକଙ୍କ ଫୋନ୍ ବାର୍ତ୍ତାଳାପ ଓ ସୂଚନା ବିନିମୟକୁ ବେଆଇନ୍ ଭାବେ 'ପେଗାସସ୍' ମାଧ୍ୟମରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ରେକର୍ଡିଂ କରାଯାଉଛି ବୋଲି ଅଭିଯୋଗ ଉଠିଥିଲା। ଏହାକୁ ନେଇ ସଂସଦରେ ଅଚଳାବସ୍ଥା ସୃଷ୍ଟି ହେଲା। ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଗଲା। ସରକାର ନିଜ ପକ୍ଷ ରଖିବା ବେଳେ ଦେଶର ସୁରକ୍ଷା ଆଳରେ ବନ୍ଦ ଲଫାଫାରେ ସତ୍ୟପାଠ ଦାଖଲ କରିବାରୁ ସରକାରଙ୍କ ଆଭିମୁଖ୍ୟ ଆହୁରି ବିବାଦୀୟ ହୋଇପଡ଼ିଲା। ଗଣମାଧ୍ୟମ ରିପୋର୍ଟ, ବିବାଦାସ୍ପଦ ବିବୃତ୍ତି ଓ ଆରୋପ-ପ୍ରତ୍ୟାରୋପର କଳରବ ଭିତରେ 'ପେଗାସସ୍' ପ୍ରସଙ୍ଗ ଜନମାନସକୁ କିଛିମାସ ମୁଖରିତ କରିବା ପରେ ଏବେ ଏକପ୍ରକାର ନିରୁଦ୍ଦିଷ୍ଟ ହୋଇଯାଇଛି। ଇତିମଧ୍ୟରେ 'ପେଗାସସ୍' ଜରିଆରେ ଗୋପନୀୟ ଓ ବ୍ୟକ୍ତିଗତ ତଥ୍ୟ ଉଲ୍ଲଙ୍ଘନ ହୋଇଛି କି ନାହିଁ ତାହାର କୌଣସି ନିର୍ଭରଯୋଗ୍ୟ ସୂଚନା ନାହିଁ। 'ପେଗାସସ୍' ବିବାଦ ପୂର୍ବରୁ ଟିଭି ସେଟ୍‌ଅପ୍ ବକ୍ସରେ ଏକ ମାଇକ୍ରୋଚିପ୍ ଖଞ୍ଜିବା ପାଇଁ ସରକାରଙ୍କ ଯୋଜନା ମଧ୍ୟ ବିବାଦ ସୃଷ୍ଟି କରିଥିଲା। ଲୋକଙ୍କ ପସନ୍ଦ/ନାପସନ୍ଦ, ସମର୍ଥନ/ବିରୋଧ, କ୍ରିୟା/ପ୍ରତିକ୍ରିୟା, ମତାମତ ଆଦିର ପ୍ରତ୍ୟକ୍ଷ ଓ ବାସ୍ତବ ସୂଚନା ସଂଗ୍ରହ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ଟ୍ରାଇ'କୁ ଏହି ଚିପ୍ ଯୋଜନା ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ବିବାଦୀୟ ହେବା ପରେ ପ୍ରତ୍ୟାହାର କରି ନିଆଯାଇଥିଲା।

ଗୋପନ ତଥ୍ୟ ସଂଗ୍ରହ ଶାସନର ଏକ ଆବଶ୍ୟକତା, ଏହା ଅନସ୍ୱୀକାର୍ଯ୍ୟ। ଏକଛତ୍ରବାଦରୁ ଗଣତନ୍ତ୍ର ପର୍ଯ୍ୟନ୍ତ ବିଶ୍ୱର ପ୍ରାୟ ସମସ୍ତ ଶାସନ ବ୍ୟବସ୍ଥାରେ ଏହା ପରିବ୍ୟାପ୍ତ। କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କ ଗୋପନ ତଥ୍ୟ ସଂଗ୍ରହ କିମ୍ବା ଗୁଇନ୍ଦାଗିରିର ଗନ୍ଧ ମିଳିଲେ ତାହା ଅଧିକ ବିବାଦୀୟ ହୁଏ। ଶାସନତନ୍ତ୍ର ନିନ୍ଦିତ ହୁଏ; ନିରପେକ୍ଷତା, ବିଶ୍ୱସନୀୟତା ଓ ଉତ୍ତରଦାୟିତ୍ୱ ଉପରେ ଆପେ ଆପେ ପ୍ରଶ୍ନଚିହ୍ନ ଲାଗିଯାଏ। ବିରୋଧୀ ଦଳ, ସମାଲୋଚକ ଓ ବୁଦ୍ଧିଜୀବୀଙ୍କ ସମାଲୋଚନା ଶକ୍ତି ଏବଂ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହୁଏ। ଗଣମାଧ୍ୟମର କଣ୍ଠରୋଧ ଜରିଆରେ ଭିନ୍ନମତ, ପ୍ରତିବାଦର ସ୍ୱର ସଂକୋଚନ କରିଦିଆଯାଏ।

ଦେଶର ପ୍ରତିରକ୍ଷା, ଅଖଣ୍ଡତା, ସାର୍ବଭୌମତା ଓ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ସରକାରଙ୍କ ଦ୍ୱାରା ଗୋପନୀୟ ତଥ୍ୟ ସଂଗ୍ରହ ଦୋଷାବହ ନୁହେଁ। ଅଧିକନ୍ତୁ ତଥ୍ୟ ହିଁ ବିକାଶର ଇନ୍ଧନ। ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳର ବିକାଶ କେବଳ ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଏବଂ ଏକ ନୂତନ ପ୍ରୟୋଗ ଆଣିଛି। କିନ୍ତୁ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଗୋପନୀୟ ନିର୍ଦ୍ଦେଶ ଆଧାରିତ ହେଲେ ସ୍ୱତଃ ସନ୍ଦେହ ସୃଷ୍ଟି ହୁଏ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ। ନିଷ୍ଠୁର ସତ୍ୟ ଏହା ଯେ ଆମ ଗଣତାନ୍ତ୍ରିକ ସରକାରମାନେ ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ନିଜର ଓ ଦଳର ସ୍ୱାର୍ଥ ପାଇଁ ଗୁଇନ୍ଦାଗିରି କରିବାକୁ ଅଧିକ ପସନ୍ଦ କରନ୍ତି। ତେଣୁ ଭାରତରେ ଆପ୍ ମାଧ୍ୟରେ ଗୁଇନ୍ଦାଗିରିର ଅଭିଯୋଗ ଉଠିବା ମାତ୍ରେ ତାହା ଅଧିକ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରେ।

ପୂର୍ବରୁ 'ଆଧାର' ପ୍ରସଙ୍ଗରେ ଯେଭଳି ବ୍ୟକ୍ତିଗତ ତଥ୍ୟ ଚୋରି ଓ ଗୋପନୀୟତାର ପ୍ରଘଟ ଆଶଙ୍କା କରାଯାଉଥିଲା, ତାହା ଏବେ ସ୍ମାର୍ଟଫୋନ୍ କ୍ଷେତ୍ରକୁ ସଞ୍ଚରିତ ହୋଇଛି। ବିଭିନ୍ନ ସ୍ମାର୍ଟଫୋନ୍ କମ୍ପାନୀ ଓ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାମାନେ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ତାହାକୁ ଭବିଷ୍ୟତରେ ବିଭିନ୍ନ କାମରେ ଲଗାଇବାକୁ ସଂରକ୍ଷିତ କରି ରଖନ୍ତି; ଆବଶ୍ୟକ ହେଲେ ଅନ୍ୟ ସଂସ୍ଥା ଏପରିକି ବିଦେଶୀ ସଂସ୍ଥାଙ୍କୁ ମୋଟା ଅର୍ଥରାଶି ପ୍ରତିବଦଳରେ ବିକ୍ରି କରନ୍ତି। ଏବେ ନାଗରିକଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତା ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟର ଭିତରେ ବନ୍ଦୀ। ତେଣୁ ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନୁଶୀଳନ କଲେ ଏବେ ଇଣ୍ଟରନେଟ୍ ଆମ ପାଇଁ ଅଭିଶାପ ଏବଂ ସାଇବର ଅପରାଧୀଙ୍କ ପାଇଁ ଅବାଧ ଚରାଭୂଇଁ ହୋଇଛି।

ଦେଶର ସୁରକ୍ଷା, ଶାସନର ଗତିବିଧି ନିୟନ୍ତ୍ରଣ ସମ୍ପର୍କରେ ଗୁଇନ୍ଦା ତଥ୍ୟର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ; କିନ୍ତୁ ବ୍ୟକ୍ତିଗତ ଜୀବନ ଓ ଗଣତାନ୍ତ୍ରିକ କ୍ଷେତ୍ରରେ ଏହାର ପ୍ରବେଶ ନିଶ୍ଚୟ ଉଦ୍‌ବେଗଜନକ। ଯେକୌଣସି 'ଆପ୍' ମାଧ୍ୟମରେ ଗୁଇନ୍ଦାଗିରିର ଅଭିଯୋଗ ଆହୁରି ଗୁରୁତର। ଏହି ସମ୍ବେଦନଶୀଳ ରାଷ୍ଟ୍ରୀୟ ସମସ୍ୟାକୁ ନେଇ ଯେଉଁ ସନ୍ଦେହ ସାଧାରଣରେ ସୃଷ୍ଟି ହୋଇଛି, ତାହାକୁ ଅବିଳମ୍ବେ ଦୂର କରାଯାଉ। ଆବଶ୍ୟକ ହେଲେ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରି ନାଗରିକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ବିଶ୍ୱସନୀୟତାକୁ ପୁନଃସ୍ଥାପନ କରନ୍ତୁ।

(ସକାଳ ମିଡିଆ ସର୍ଭିସ୍)

# ପୋଷାକର ସାଂସ୍କୃତିକ ଯୁଦ୍ଧ

ଅନନ୍ୟା ପ୍ରଧାନ



ଭାରତ ଏକ ସହସ୍ରାବ୍ଦୀ ପୁରାତନ ସଂସ୍କୃତିର ଭୂମି, ଯାହା ବିବିଧତାରେ ପରିପୂର୍ଣ୍ଣ ଏବଂ ସମୃଦ୍ଧ ଇତିହାସର ବାହକ। ଏହି ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ପାରମ୍ପରିକ ପୋଷାକ। ଶାଢ଼ି, ଧୋତି, କୁର୍ତ୍ତା, ଲେହଙ୍ଗା ଆଦି ପୋଷାକ କେବଳ ପରିଧାନ ନୁହେଁ, ବରଂ ଏଗୁଡ଼ିକ ଆମର ଆଞ୍ଚଳିକତା, ଧାର୍ମିକ ବିଶ୍ୱାସ, ସାମାଜିକ ମର୍ଯ୍ୟାଦା ଏବଂ ଋତୁ ଅନୁସାରେ ଜୀବନଚର୍ଯ୍ୟାର ପ୍ରତୀକ। ପାରମ୍ପରିକ ପୋଷାକ କେବଳ କପଡ଼ା ନୁହେଁ, ଏଗୁଡ଼ିକ ଜୀବନ୍ତ ଇତିହାସ। ପଶ୍ଚିମବଙ୍ଗର ତନ୍ତ ବସ୍ତ୍ର, ଗୁଜରାଟର ବାନ୍ଧନୀ, ଓଡ଼ିଶାର ଇକତ, ମଧ୍ୟପ୍ରଦେଶର ଚନ୍ଦେରୀ କିମ୍ବା ତାମିଲନାଡୁର କାଞ୍ଚୀପୁରମ ରେଶମ ଇତ୍ୟାଦି ପ୍ରତ୍ୟେକ ପୋଷାକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳର କଳା, କୌଶଳ ଓ ପରମ୍ପରାକୁ ପ୍ରତିଫଳିତ କରେ। ଏହି ପୋଷାକଗୁଡ଼ିକ ପରିଧାନ କରିବା ପ୍ରକୃଷ୍ଟ ରୂପେ ସେହି ଅଞ୍ଚଳର ସଂସ୍କୃତି ପ୍ରତି ଆସ୍ଥା ଓ ସ୍ୱାଭିମାନର ପ୍ରତୀକ। ପୂର୍ବରୁ ଉତ୍ସବ, ପର୍ବପର୍ବାଣି, ବିବାହ ଓ ଧାର୍ମିକ ଅନୁଷ୍ଠାନରେ ନିର୍ଦ୍ଦିଷ୍ଟ ପୋଷାକର ପ୍ରଚଳନ ଥିଲା, ଯାହା ସାମାଜିକ ଏକତା ଓ ସାଂସ୍କୃତିକ ଅନୁଭୂତିକୁ ଦୃଢ଼ କରୁଥିଲା।

ବିଗତ କିଛିଦଶକ ଧରି ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଅତ୍ୟନ୍ତ ତୀବ୍ର ହୋଇଛି ଏବଂ ପୋଷାକ କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଅଧିକ ଦୃଷ୍ଟିଗୋଚର ହୋଇଛି। ଏହି ପରିବର୍ତ୍ତନ ଆପାତତଃ ଆଧୁନିକତାର ପରିଚାୟକ ଭାବେ ଦେଖାଗଲେ ମଧ୍ୟ ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ ବୋଲି କୁହାଯାଇପାରେ। ସାମାଜିକ ଗଣମାଧ୍ୟ ଓ ଶିକ୍ଷା ପ୍ରଣାଳୀରେ ପାଶ୍ଚାତ୍ୟ ଦେଶମାନଙ୍କର ପ୍ରଭାବ ଯୋଗୁଁ ଭାରତୀୟ ଯୁବସମାଜ ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛନ୍ତି। ହଲିଉଡ୍, ବ୍ରିଟିଶ୍ ଫେସନ୍ ହାଉସ୍ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ଯୁବପିଢ଼ିଙ୍କ ମନୋବୃତ୍ତି ଉପରେ ଗଭୀର ଛାପ ସୃଷ୍ଟି କରୁଛି। ଜିନ୍ସ, ଟି-ସାର୍ଟ, ମିନିସ୍କର୍ଟ, ସ୍କର୍ଟସ୍, କକ୍‌ଟେଲ୍ ଡ୍ରେସ୍ ଇତ୍ୟାଦି ପାଶ୍ଚାତ୍ୟ ପୋଷାକ ଆଧୁନିକତା, ଉନ୍ମୁକ୍ତତା ଓ ବିଦ୍ରୋହର ପ୍ରତୀକ ରୂପେ ପରିଚିତ। ନଗରୀକରଣ ଓ ବଦଳୁଥିବା ଜୀବନଶୈଳୀ ଯୋଗୁଁ ଏହି ପୋଷାକଗୁଡ଼ିକ ଅଧିକ ଆରାମଦାୟକ ଓ କାର୍ଯ୍ୟକ୍ଷମ ଭାବେ ସ୍ୱୀକୃତ। ଫଳସ୍ୱରୂପ, ଭାରତୀୟ ପାରମ୍ପରିକ ପୋଷାକ ଧୀରେ ଧୀରେ ଦୈନନ୍ଦିନ ଜୀବନରୁ ହଟିଗଲା ଏବଂ କେବଳ ବିଶେଷ ଅବସରରେ ସୀମିତ ରହିଲା।

ପାରମ୍ପରିକ ବସ୍ତ୍ରର ହ୍ରାସ ସହିତ ସେଥିରେ ନିହିତ ଶିଳ୍ପ, କଳା, ପରମ୍ପରା ଓ ମୌଳିକତା ମଧ୍ୟ ବିଲୋପ ହେବାର ସଙ୍କଟ ସୃଷ୍ଟି ହୋଇଛି। ଯେତେବେଳେ ଜଣେ ଭାରତୀୟ ଯୁବକ ନିଜ ପାରମ୍ପରିକ ପୋଷାକ ପରିବର୍ତ୍ତେ ଜିନ୍ସ ଓ ଟି-ସାର୍ଟକୁ ଗ୍ରହଣ କରେ, ସେତେବେଳେ ସେ ନିଜର ସାଂସ୍କୃତିକ ମୂଲ୍ୟବୋଧରୁ କ୍ରମଶଃ ଦୂରେଇ ଯାଏ। ପାଶ୍ଚାତ୍ୟ ପୋଷାକର ବଢୁଥିବା ଚାହିଦା ଦେଶଜ ହସ୍ତଶିଳ୍ପ ଓ ବସ୍ତ୍ର ଶିଳ୍ପ ପାଇଁ ଏକ ବଡ଼ ଧକ୍କା। ପାରମ୍ପରିକ ବୁଣାକାର, ଦରଜୀ ଓ ଶିଳ୍ପୀମାନେ ଆଜିକାଲି ରୋଜଗାର ହାନିର ସମ୍ମୁଖୀନ ହେଉଛନ୍ତି। କାରଣ ସେମାନଙ୍କ ଉତ୍ପାଦନଗୁଡ଼ିକର ଚାହିଦା ହ୍ରାସ ପାଇଛି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ପ୍ରକାରର ସାଂସ୍କୃତିକ ଦରିଦ୍ରତା ମଧ୍ୟ।

ଫାଷ୍ଟ ଫେସନ୍ ବଜାର ବଢ଼ିବା ଫଳରେ ପାରିବେଶିକ ପ୍ରଦୂଷଣ ମଧ୍ୟ ବଢ଼ିଛି। ପାଶ୍ଚାତ୍ୟ ପୋଷାକ ଉତ୍ପାଦନରେ ସିନ୍ଥେଟିକ୍ କପଡ଼ା, ରାସାୟନିକ ରଙ୍ଗ ଇତ୍ୟାଦିର ବ୍ୟବହାର ଅଧିକ ହୁଏ, ଯାହା ପରିବେଶ ପାଇଁ କ୍ଷତିକାରକ। ଅପରପକ୍ଷେ, ଭାରତୀୟ ପାରମ୍ପରିକ ବସ୍ତ୍ର ସାଧାରଣତଃ ପ୍ରାକୃତିକ ସୂତା, ରେଶମ ଓ ରଙ୍ଗରେ ତିଆରି ହୁଏ, ଯାହା ପରିବେଶ ଅନୁକୂଳ। ପୋଷାକ ସାମାଜିକ ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ପାରମ୍ପରିକ ପୋଷାକରେ ଲଜ୍ଜା, ସମ୍ମାନ ଓ ସାଂସ୍କୃତିକ ମର୍ଯ୍ୟାଦା ଭାବନା ଜଡ଼ିତ ଥିଲା। ପାଶ୍ଚାତ୍ୟ ପୋଷାକ ସହିତ ଆସୁଥିବା ଉନ୍ମୁକ୍ତତା କେତେକ କ୍ଷେତ୍ରରେ ପୁରୁଣା ପିଢ଼ି ଓ ରକ୍ଷଣଶୀଳ ସମାଜ ସହିତ ମତାନ୍ତର ସୃଷ୍ଟି କରୁଛି, ଯାହା ସାମାଜିକ ବିଭେଦକୁ ଜନ୍ମ ଦେଉଛି।

ଆଧୁନିକ ହେବା ଆବଶ୍ୟକ, କିନ୍ତୁ ତା'ସହିତ ପରମ୍ପରାକୁ ବଞ୍ଚାଇ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ପୋଷାକକୁ ଅନ୍ଧ ଅନୁକରଣ କରିବା ଫଳରେ ଭାରତୀୟ ଯୁବସମାଜ ନିଜର ସଂସ୍କୃତି ପ୍ରତି ହତାଦର ଭାବ ଦେଖାଉଛନ୍ତି, ଯାହା ଦୀର୍ଘକାଳୀନ ଭାବେ ଚିନ୍ତାର ବିଷୟ। ନିଃସନ୍ଦେହରେ, ପାଶ୍ଚାତ୍ୟ ପୋଷାକର ଆଗମନ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର, ଆରାମଦାୟକ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ। କିନ୍ତୁ ଏହାର ଅନ୍ଧ ଅନୁକରଣ ଓ ପାରମ୍ପରିକ ପୋଷାକକୁ ଉପେକ୍ଷା କରିବା ଭାରତୀୟ ସଂସ୍କୃତି ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି।

ଆବଶ୍ୟକତା ହେଉଛି ଏକ ସନ୍ତୁଳିତ ଦୃଷ୍ଟିକୋଣର। ଫେସନ୍ ଡିଜାଇନରମାନେ ଯେପରି ପାରମ୍ପରିକ ବସ୍ତ୍ରକୁ ନୂତନ ରୂପ ଦେଉଛନ୍ତି, ସେହିପରି ସାଧାରଣ ଜନତାଙ୍କୁ ମଧ୍ୟ ନିଜ ସଂସ୍କୃତି ପ୍ରତି ସଚେତନ ହେବା ଆବଶ୍ୟକ। ପୋଷାକର ଏହି ସାଂସ୍କୃତିକ ଯୁଦ୍ଧରେ ଜୟଲାଭ କେବଳ ତା' ପକ୍ଷେ ହିଁ ସମ୍ଭବ, ଯିଏ ଆଧୁନିକତା ଓ ପରମ୍ପରାର ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରିପାରିବ। ଆମର ପରିଧେୟ ବସ୍ତ୍ର ହେଉ ଆମର ଅତୀତର ଗୌରବମୟ ଇତିହାସ ଏବଂ ଭବିଷ୍ୟତର ଆଶାର ପ୍ରତୀକ। ଆଧୁନିକ ଯୁଗ ହିସାବରେ ଚାଲିବା ଖରାପ ନୁହେଁ। ଯେମିତି ଯୁଗକୁ ସେମିତି ହେବା ଦରକାର; କିନ୍ତୁ ଆଧୁନିକ ଯୁଗକୁ ଆପଣାଇ ନେଇ ନିଜ ସଂସ୍କୃତିକୁ ଭୁଲିଯିବା ବି ଠିକ୍ କଥା ନୁହଁ।

କୁଚିଣ୍ଡା(ସମ୍ବଲପୁର)

# ଆମ ବୃକ୍ଷଲତା ଆମ ଜୀବନ

## ଅଙ୍କରାନ୍ତି

(Thorny Nightshade Plant -Solanum virginianum)

ସୌଭାଗ୍ୟସୁନ୍ଦର

ପ୍ରକୃତି-ପରିବେଶ

ଅଙ୍କରାନ୍ତି ପ୍ରାୟ ୨-୩ ମିଟର ଉଚ୍ଚତା ବିଶିଷ୍ଟ ଏକ କଣ୍ଟାଯୁକ୍ତ କ୍ଷୁପ, ଯାହା ସାରା ଭାରତରେ ଶୁଷ୍କ ଅନାବାଦି ଜମି ଏବଂ ରାସ୍ତା ପାର୍ଶ୍ୱରେ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ସାଧାରଣ ଭାବରେ ଦେଖାଯାଏ। ଏହା ପ୍ରଚୁର ପରିମାଣରେ ଦୃଢ଼, ଛୁଞ୍ଚି ପରି କଣ୍ଟାଯୁକ୍ତ। କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଗାଢ଼ ସବୁଜ, ମସୃଣ ଏବଂ ନୂତନ ଶାଖାଗୁଡ଼ିକ ଘନ ତାରକା କୃତି ଲୋମ ସହିତ ଆଚ୍ଛାଦିତ। ପତ୍ରଗୁଡ଼ିକ କଣ୍ଟକିତ କେଶ ଯୁକ୍ତ, ସରଳ, ଗଣ୍ଠିରେ ବିକଳ୍ପ ଭାବରେ ଅବସ୍ଥାପିତ, ଅଣ୍ଡାକାର, ୧-୨ ସେମି ବ୍ୟାସ, ଡେମ୍ଫ ଯୁକ୍ତ, ଏକ୍ସଟିପୁଲେଟ୍ ବା ଅସପର୍ଣ୍ଣିକା। ଫୁଲ କଣ୍ଟକିତ କେଶରେ ଆଚ୍ଛାଦିତ, ଧଳା କିମ୍ବା ନୀଳ ବାଇଗଣୀ କିମ୍ବା ବାଇଗଣୀ ରଙ୍ଗର। ପାଞ୍ଚଟି ସଂଯୁକ୍ତ ପାଖୁଡ଼ା ଘଣ୍ଟି ଆକୃତିର, ବାହାରକୁ ତୀବ୍ର କେଶଯୁକ୍ତ, ଧଳା। ଫଳ ଗୋଲାକାର, ଛୋଟ ବେଳେ ସବୁଜ ଓ ପାଚିଲେ ଲାଲ।

ଅଙ୍କରାନ୍ତି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧୀୟ ଉଦ୍ଭିଦ। ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଏହା ବିଷୟରେ ଉଲ୍ଲେଖ କରିଛନ୍ତି। ସମ୍ପୂର୍ଣ୍ଣ ଉଦ୍ଭିଦ ଏବଂ ଏହାର ବିଭିନ୍ନ ଅଂଶ ବିଭିନ୍ନ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମୂଳ। ମୁଖ୍ୟତଃ ଶ୍ୱାସ ରୋଗ, ପାଚନ ସମସ୍ୟା ଚିକିତ୍ସାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ଭାବରେ ସ୍ୱୀକୃତିପ୍ରାପ୍ତ। ଆୟୁର୍ବେଦରେ ଦଶମୂଳାରିଷ୍ଟ ବା ଦଶମୂଳର ଏକ ସର୍ବସମ୍ମତ ଔଷଧି ମଧ୍ୟରୁ ଗୋଟିଏ ହେଉଛି ଅଙ୍କରାନ୍ତି। ଏଥିସହିତ ଥଣ୍ଡା, କାଶ, ବିଭିନ୍ନ ଶ୍ୱାସକ୍ରିୟାଜନିତ ରୋଗ, ମ୍ୟାଲେରିଆ, ଅଲସର ବା ଘା, ସଂକ୍ରମିତ ଯୌନ ବ୍ୟାଧି, ମଳକଣ୍ଟକ, ଅର୍ଶ. ଲାରିଞ୍ଜାଇଟିସ୍ ବା ସ୍ୱରକ ପ୍ରଦାହ ଫୁଲା, କର୍କଶ ସ୍ୱର, ଛାତି ଯନ୍ତ୍ରଣା, ଚିନ୍ତା, ଅନିଦ୍ରା, କୋଲେଷ୍ଟ୍ରଲ୍, ଋତୁସ୍ରାବ ସମସ୍ୟା, ଯନ୍ତ୍ରଣାଦାୟକ ପ୍ରସବର ଉପଶମ ......ଆଦିର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟ ଏହି ଗଛର ଫଳକୁ କାଢ଼ା ସହିତ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରିଛନ୍ତି। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ଏହା ତ୍ରିଦୋଷ, ଅର୍ଥାତ୍ ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରିବାରେ ପ୍ରଭାବଶାଳୀ ଅଟେ।

ଅଙ୍କରାନ୍ତିରେ ସୋଲାସୋଡିନ୍, ସୋଲାମାର୍ଜିନ୍ ଭଳି ଆଲକାଲଏଡ୍ ଅଛି, ଯାହା ସମ୍ଭାବ୍ୟ କର୍କଟ-ବିରୋଧୀ ଗୁଣ ଏବଂ ପ୍ରତିରକ୍ଷା କାର୍ଯ୍ୟକୁ ସମର୍ଥନ କରିବାର କ୍ଷମତା ରଖେ। ଏହା ମଧ୍ୟ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ସଂକ୍ରମଣ ନିରୋଧୀ ଶକ୍ତି ଓ ପୁଷ୍ଟିକୁ ଉନ୍ନତ କରେ। ବୀର୍ଯ୍ୟପାତ (ଶୁକ୍ର ରେଚନା) ଏବଂ ପ୍ରଜନନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ପାଇଁ ଅଙ୍କରାନ୍ତି ପ୍ରସିଦ୍ଧ। ଏହାର ବ୍ୟବହାର ଯୌନ ଜୀବନଶକ୍ତି ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିପାରିବା ଶକ୍ତି ଅଛି। ପାରମ୍ପରିକ ଭାବରେ ଅଙ୍କରାନ୍ତିର ଉତ୍ପନ୍ନ ଔଷଧ ଭୋକ ସୃଷ୍ଟି ଓ ହଜମରେ ସହାୟତା କରେ। ଏହାକୁ ସାଧାରଣତଃ ପାଉଡର, କାଢ଼ା ଓ ପେଷ୍ଟ ଭାବରେ ବ୍ୟବହାର କରାଯାଏ। ଏହି ଉଦ୍ଭିଦରେ ଥିବା ପ୍ରମୁଖ ରାସାୟନିକ ଉପାଦାନଗୁଡ଼ିକ ହେଉଛି ବି-କ୍ୟାରୋଟିନ୍, ଡିସଜେନିନ୍, କାର୍ପେଷ୍ଟେରୋଲ୍, ସୋଲାସୋଡିନ୍, ସୋଲାମାର୍ଜିନ୍, ବି- ସୋଲାମାର୍ଜିନ୍, ସୋଲାନାଇନ୍, ସୋଲାସାଡିନୋ-ଏଲ-ରାମନୋସି-ବି-ଡି-ଗ୍ଲୁକୋସାଇଡ୍ (ସୋଲାସୁରିନ୍), ସୋଲାନୋକାର୍ପାଇନ୍ (ସୋଲାନାଇନ୍-ଏସ୍), ଟୋମାଟିଡିଏନଲ୍, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍, ଆଲକାଲଏଡ୍ସ ଇତ୍ୟାଦି।

କେତେକ ସଂସ୍କୃତିରେ ଅଙ୍କରାନ୍ତିକୁ ପୂଜାର୍ଚ୍ଚନା ଓ ପାରମ୍ପରିକ ସମାରୋହରେ ବ୍ୟବହାର କରାଯାଏ, ଯାହା ଆଧ୍ୟାତ୍ମିକ ଓ ଚିକିତ୍ସା ପ୍ରଣାଳୀରେ ଏହାର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହା ବିଭିନ୍ନ ପରିବେଶରେ ବଢ଼ିଥାଏ। ପ୍ରାୟତଃ ଶୁଷ୍କ ଅଞ୍ଚଳରେ ମିଳିଥାଏ ଏବଂ ଏହାର ଚିକିତ୍ସାଗତ ଲାଭ ପାଇଁ ସାଧାରଣତଃ ଉଦ୍ୟାନରେ ଚାଷ କରାଯାଏ। ଏହି ଔଷଧୀୟ କ୍ଷୁପ ଶୀଘ୍ର ବ୍ୟାପି ଭୂମିକୁ ଆଚ୍ଛାଦିତ କରେ, ଯାହା ମାଟିକୁ ସ୍ଥିର କରିବାରେ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିପାରେ। ପରିବେଶଗତ ସନ୍ତୁଳନରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହା ବିଭିନ୍ନ ପରିସ୍ଥିତିରେ ବଢୁଥିବାରୁ ଚାଷ ଓ ପ୍ରାକୃତିକ ବାସସ୍ଥାନ ଉଭୟ ପାଇଁ ଏକ ସ୍ଥିର ଉଦ୍ଭିଦ। ଏହାକୁ ଔଷଧୀୟ ଉଦ୍ଦେଶ୍ୟରେ ହିମାଳୟ, ଦକ୍ଷିଣ-ପୂର୍ବ ମାଲେସିଆ, ଅଷ୍ଟ୍ରେଲିଆ ଓ ହାୱାଇ ସମେତ ଅନ୍ୟାନ୍ୟ ପଲିନେସୀୟ ଦ୍ୱୀପପୁଞ୍ଜରେ ଚାଷ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

# ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଭୋପାଳରେ ଏନ୍ଇପି କ୍ରିୟାନ୍ୱୟନ କର୍ମଶାଳା**

# ପିଲାଙ୍କୁ ଆତ୍ମବିଶ୍ୱାସୀ କରିବ ଉତ୍ତମ ପୋଷଣ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୭ ।୧୨(ସମିସ): 'ପୋଷଣ ଅଭିଯାନ' ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ତୁଳିତ ପୋଷଣ ସୁନିଶ୍ଚିତ କରିବା ଶିକ୍ଷା ସଂସ୍କାରର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର। ଉତ୍ତମ ପୋଷଣ ପିଲାଙ୍କର ଏକାଗ୍ରତା ଓ ଶିଖିବାର କ୍ଷମତା ବଢ଼ାଇବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବାନ, ଆତ୍ମବିଶ୍ୱାସୀ ଏବଂ ସକ୍ଷମ ନାଗରିକ ଭାବରେ ଗଢ଼ି ତୋଳିବ। ଯାହା 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ ବୋଲି ରବିବାର ଭୋପାଳରେ ଅନୁଷ୍ଠିତ 'ଜାତୀୟ




ଶିକ୍ଷା ନୀତି-୨୦୨୦ କ୍ରିୟାନ୍ୱୟନ, ଆହ୍ୱାନ ଏବଂ ସମ୍ଭାବନା' ଶୀର୍ଷକ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମଧ୍ୟପ୍ରଦେଶ ଆଗାମୀ ୨୫ ବର୍ଷ ପାଇଁ ଏକ ଯୁବ ପ୍ରଦେଶ ଭାବେ ବିକଶିତ ଭାରତର ପରିକଳ୍ପନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଛାତ୍ରୀଙ୍କୁ ଖେଳକୁଦ, ସାଂସ୍କୃତିକ ପ୍ରଦର୍ଶନ ଏବଂ କରାଟେ ଭଳି ଦକ୍ଷତା ସହିତ ବିଭିନ୍ନ ଏକ୍ସଟ୍ରା-କରିକୁଲାର କାର୍ଯ୍ୟରେ ଉତ୍ସାହର ସହିତ ଭାଗ ନେବାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

**ନାବାଳିକାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା**

# ଆବଶ୍ୟକ ପଡ଼ିଲେ ଏମ୍ସକୁ ଏୟାରଲିଫ୍ଟ: ସ୍ୱାସ୍ଥ୍ୟ ମନ୍ତ୍ରୀ

ରାଉରକେଲା,୭।୧୨(ସମିସ): ଗତକାଲି ଆତ୍ମାହୁତି ଉଦ୍ୟମ କରିଥିବା ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ନାବାଳିକା ଛାତ୍ରୀ ଅତି ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲାର ଆଇଜିଏଚର ବର୍ଣ୍ଣ ୟୁନିଟରେ ଚିକିତ୍ସିତ ହେଉଛନ୍ତି। ଆଜି ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୀଡିତା ଛାତ୍ରୀଙ୍କୁ ଆଇଜିଏଚରେ ଭେଟି ତାର ସ୍ୱାସ୍ଥ୍ୟବସ୍ଥା ଡାକ୍ତରମାନଙ୍କଠାରୁ ପଚାରି ବୁଝିଥିଲେ। ଛାତ୍ରୀଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଥିବା ଡାକ୍ତରମାନେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ କହିଥିଲେ। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପୀଡିତାଙ୍କର ଚିକିତ୍ସା କରୁଛନ୍ତି। ମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପୀଡିତାର ଶରୀରର ଅବସ୍ଥାକୁ ଦେଖି ଆବଶ୍ୟକ ପଡିଲେ ତାକୁ ଏୟାର ଲିଫ୍ଟ କରି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କିମ୍ବା ନୂଆଦିଲ୍ଲୀ ଏମ୍ସକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଅନ୍ୟପଟରେ ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା

**ଆଇଜିଏଚ୍‌ରେ ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମନ୍ତ୍ରୀ**

ଅଞ୍ଚଳର ନାବାଳିକା ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପଛର କାରଣ ପ୍ରେମ ବ୍ୟାପର ରହିଥିବା କୁହାଯାଉଛି। କୁତ୍ରା ଅଞ୍ଚଳର ନିଲେଶ ସାହୁ ନାମକ ଜଣେ ଯୁବକ ନାବାଳିକା ଛାତ୍ରୀଙ୍କୁ ନାନା ପ୍ରକାରର ନିର୍ଯାତନା ଦେବା ଯୋଗୁଁ ପୀଡିତା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିବା ସୂଚନା ମିଳିଛି। ପୀଡିତାଙ୍କ ପରିବାର ବର୍ଗ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସ ଏବଂ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେପଟେ ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର କହିଛନ୍ତି, ଅଭିଯୁକ୍ତ ଯୁବକ ବାରମ୍ବାର ପୀଡିତା ଛାତ୍ରୀଙ୍କୁ ଫୋନ ଯୋଗେ ହଇରାଣ କରିବା ସହ ଧମକଚମକ ଦେଉଥିଲା। ଯାହା ଫଳରେ ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାକୁ ପୁଲିସ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରିଛି ବୋଲି ଏସ୍‌ପି ଶ୍ରୀମତୀ କୌର କହିଛନ୍ତି। ଆଜି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଆଇଜିଏଚରେ ପହଞ୍ଚି ପୀଡିତାର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

**ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ୧୦ରେ ଆନ୍ଦୋଳନ କରିବ ସମନ୍ୱୟ ସମିତି**

# 'ସରକାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଦୁର୍ଭାଗ୍ୟଜନକ'




ଭୁବନେଶ୍ୱର, ୭ ।୧୨(ସମିସ): ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ ବୋଲି ସମିତିର ଆବାହକ ରଞ୍ଜନ କୁମାର ଦାସ ରବିବାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନାହାନ୍ତି। ସେମାନଙ୍କ ଦାବି ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଆଲୋଚନା ମଧ୍ୟ ସରିଛି। ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରି ୬ ମାସ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ସରକାର କାଳକ୍ଷେପଣ ନୀତି ଆପଣେଇ କେବଳ ବିଳମ୍ବ କରିବା ଲକ୍ଷ୍ୟରେ କମିଟି ଗଠନ କରିଥିବା ସମନ୍ୱୟ କମିଟି ଅଭିଯୋଗ କରିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି ସାଧାରଣରେ ମନ୍ତବ୍ୟ ଦେଇଥିଲେ। ତାହାଲେ ସେସବୁକୁ ପୂରଣ କରିବାରେ କାହିଁକି ବିଳମ୍ବ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନିରେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ମଧୁସୂଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

**ବାରବାଟୀ ଟି-୨୦**

## ଟିକେଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଆର୍ନ୍ତଜାତିକ ଟି-୨୦ ମ୍ୟାଚ ପାଇଁ ଟକଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇ ଉଲ୍ଲେଖ କହିଛନ୍ତି ଯେ, ଗତ ଫେବୃଆରୀ ମାସରେ ଖେଳ ସମୟରେ ଲାଇଟ୍ ବିଭ୍ରାଟ ଘଟିଲା। ସେଥିପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ରାଜ୍ୟ ସରକାର ଏବଂ ଓସିଏ କର୍ତ୍ତୃପକ୍ଷ ଉକ୍ତ ଖେଳର ବିଭ୍ରାଟ ପାଇଁ କେଉଁମାନେ ଦାୟୀ ତାହା ସାର୍ବଜନୀନ କଲେ ନାହିଁ। ଓସିଏକୁ ଏକ ନିର୍ଦ୍ଦିଷ୍ଟ ପରିବାର ଦୀର୍ଘଦିନ ହେବ ପରିଚାଳନା କରୁଛନ୍ତି ଏବଂ ତାହା ତାଙ୍କର ପୈତୃକ ସମ୍ପତ୍ତି ଭଳି ବ୍ୟବହାର ମଧ୍ୟ କରୁଛନ୍ତି। କାହା ଛତ୍ରଛାୟ ତଳେ ରହି ସେ ଏଭଳି କ୍ଷମତାର ଦୁରୁପଯୋଗ କରୁଛନ୍ତି ବୋଲି ଶ୍ରୀ ସାମଲ୍ ପ୍ରଶ୍ନ କରିଛନ୍ତି।

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Baikuntha Pal resident of Refugee Colony, Po- Budheswari Colony, Laxmisagar, Near Govt Municipality School, Bhubaneswar,Khurdha, PIN-751006, declare that I have changed the name of my Son from Shuvashis Pala to Subhasis Pal. Henceforth, He shall be known as **SUBHASIS PAL** for all purposes.

(Baikuntha Pal)

**AFFIDAVIT**

By virtue of an affidavit Sl. No.470, dtd. 30.08.2025 before the Executive Magistrate, Paralakhemundi, Gajapati, Odisha, I, Datla Tulasi have changed my maiden surname from Kota Tulasi to Datla Tulasi after my marriege to Ajay Kumar Raju Datla. Henceforth I shall be know as Datla Tulasi instead of Kota Tulasi for all purposes.

Sd/- Datla Tulasi

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-54/06.12.2025, I LOPAMUDRA NANDA, W/O- Dillip Kumar Pati, R/O- At- Plot No-385/386, Brahmeswar Bank Colony, Palasuni, Canal Road, Near Sadangi Colony, P.S - Mancheswar, Bhubaneswar, Dist-Khordha, Odisha -751025, Currently residing At-Ramachandi Sahi, Dolamandap Sahi, Puri , Dist - Puri, Odisha-752001 have changed my name from Lopamudra Pati to Lopamudra Nanda. Henceforth I shall be known as Lopamudra Nanda, W/O- Dillip Kumar Pati for all purposes.

# ବିଜେପି ୱାଶିଂ ମେସିନରେ ପ୍ରୟାସକାନ୍ତି: କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଯାହା ବିରୋଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି, ସେମାନଙ୍କୁ ବିଜେପି ନିଜ ଦଳ ସାମିଲ କରୁଛି। ତେଣୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ବିଜେପି ନିଜ ଦଳରେ ସାମିଲ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ । ରବିବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଛନ୍ତି ଯେ ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିର ୱାଶିଂ ମେସିନ୍‌ରେ ଥରେ ପଶିଗଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଏହି କ୍ରମରେ ଭଦ୍ରକ ଇଞ୍ଜିନିୟରିଂ କଲେଜ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଜେପିରେ ଯୋଗଦାନ ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି।




**ବିଜେପିରେ ସାମିଲ ହେଲେ ଧୋଇଯିବ ସବୁ କଳଙ୍କ**

ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ୧୯୫୬ ମସିହାରେ ଲୋକଙ୍କ ଦାନ ଜମି ଉପରେ ବରପଦାରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା। ୨୦୦୯ ମସିହାରେ ପ୍ରୟାସକାନ୍ତ ସାମଲ ଏଠାରେ ପରିଚାଳନା କମିଟିର ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଏହାପରେ ଅନେକ ଦୁର୍ନୀତିରେ ସେ ଛନ୍ଦି ହୋଇଛନ୍ତି ଓ ଏହାର ମାମଲା ମଧ୍ୟ ଜାରି ରହିଛି। ବିଜେପି ବରପଦା ଇଞ୍ଜିନିୟରିଂ ସ୍କୁଲର ସମସ୍ୟାକୁ ନିର୍ବାଚନରେ ଆୟୁଧ କରି ଭଦ୍ରକରେ ନିର୍ବାଚନ ଜିତିଥିବା ବେଳେ ଏବେ ସେହି ଦୁର୍ନୀତି ଅଭିଯୁକ୍ତଙ୍କୁ ଦଳରେ ମିଶାଇବା ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଇଞ୍ଜିନିୟରିଂ କଲେଜ ଶହ ଶହ କୋଟି ଟଙ୍କା ଲୁଟ୍‌ରୁ କେତେ ଏମାନଙ୍କ ପକେଟକୁ ଯାଇଛି ତାହା ସାଧାରଣ ଜନତାଙ୍କୁ ବିଜେପି ସ୍ପଷ୍ଟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଆଖି ବୁଜିଦେଇ ଅନୁଷ୍ଠାନ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ଅନୁଷ୍ଠାନର ଅଧୋଗତି ପାଇଁ ଦାୟୀ ଅଭିଯୁକ୍ତମାନଙ୍କୁ ଦଳରେ ମିଶାଇ ବିଜେପି ଓ ଏହାର ନେତା ଓଡ଼ିଶାବାସୀଙ୍କୁ କି ସନ୍ଦେଶ ଦେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

**୧୧ ବର୍ଷ ଧରି ନିଖୋଜ ଥିଲେ**

# ବାଂଲାଦେଶରୁ ଫେରାଇ ଆଣିଲା 'ଜୟ ଜଗନ୍ନାଥ' ଧ୍ୱନି

ବାରିପଦା,୭ ।୧୨(ସମିସ): ସୀମାପାର ସହଯୋଗ ଓ ଅଧ୍ୟବସାୟର ଏକ ହୃଦୟସ୍ପର୍ଶୀ କାହାଣୀର ମୁଖ୍ୟ ଚରିତ୍ର ମୟୂରଭଞ୍ଜ ଜିଲ୍ଲାର ୪୧ ବର୍ଷୀୟ ସୁଦାମ ହେମ୍ବ୍ରମ ରବିବାର ନିଜ ଘରକୁ ଫେରିଛନ୍ତି। ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଉଁଶିଆ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବାସିନ୍ଦା ସୁଦାମ ହେମ୍ବ୍ରମ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ।

ଆଜକୁ ପାଖାପାଖି ୧୧ ବର୍ଷ ପୂର୍ବେ ଅର୍ଥାତ ୨୦୧୪ରେ ପିତା କିଶୋର ହେମ୍ବ୍ରମଙ୍କ ମୃତ୍ୟୁର ତିନିଦିନ ପରେ ନିଖୋଜ ହୋଇଯାଇଥିଲେ। ପରିବାର ଓ ସମ୍ପର୍କୀୟ ବହୁ ଖୋଜାଖୋଜି କରି ସୁଦାମଙ୍କୁ ପାଇ ନ ଥିଲେ। ସେ ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ। ବାଂଲାଦେଶର ଏକ ସ୍ୱେଚ୍ଛାସେବୀ ସଂଗଠନ ମାନସିକ ବିକାରଗ୍ରସ୍ତ ସୁଦାମଙ୍କୁ ଗତ ଅକ୍ଟୋବର ୧୭ ତାରିଖ ଦିନ ଗୋଟିଏ ସ୍ଥାନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ପାଟିରୁ 'ଜୟ ଜଗନ୍ନାଥ' ଶୁଣି ସେ ଭାରତୀୟ ଓ ଓଡ଼ିଶାର ଅନୁମାନ କରି ତାଙ୍କ ଘର ଠିକଣା ଖୋଜାଖୋଜି କରି ଶେଷରେ ପଶ୍ଚିମବଙ୍ଗର ଉପଳ ରୟ ନାମକ ଜଣେ ମାନବାଧିକାର କମିଶନର ସମ୍ପାଦକଙ୍କ ସହାୟତାରେ ସୁଦାମଙ୍କ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ। ପରେ ଗାଁରେ ରହୁଥିବା ପୁତୁରାଙ୍କ ସହ ଯୋଗାଯୋଗ କରି ବାଂଲାଦେଶ ଓ ଭାରତର ହାଇକମିଶନର ଯୋଗାଯୋଗ ପରେ ସୁଦାମଙ୍କ ପ୍ରତ୍ୟାବର୍ତ୍ତନର ବାଟ ଫିଟିଥିଲା। ଅର୍ଥାତ ଶନିବାର ମୟୂରଭଞ୍ଜ ପୁଲିସ ଏକ ଟିମ୍, ବେତନଟୀ ଅତିରିକ୍ତ ତହସିଲଦାର ଓ ସୁଦାମଙ୍କ ପୁତୁରା ଓ ଅନ୍ୟଜଣେ ସମ୍ପର୍କୀୟ ଉଦ୍ଧାର ପାଇଁ ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ଥିବା ହରିଦାସପୁର-ବେନାପୋଲ ଲ୍ୟାଣ୍ଡ କଷ୍ଟମ୍ସ



**ସୁଦାମଙ୍କୁ ଘରେ ପାଇ ଆତ୍ମୀୟସ୍ୱଜନ ଆତ୍ମହରା**

ଷ୍ଟେସନକୁ ଯାତ୍ରା କରିଥିଲେ। ଦସ୍ତାବିଜ ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ପରେ ବାଂଲାଦେଶ ଅଧିକାରୀ ରବିବାର ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ଏହି ସଫଳ ପ୍ରତ୍ୟାବର୍ତ୍ତନ ଭାରତ ଓ ବାଂଲାଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ସମ୍ପର୍କକୁ ଉଜାଗର କରିଛି ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି।

ଏହି ପୁନର୍ମିଳନ ଆମ ଜିଲ୍ଲା ପ୍ରଶାସନ, ପୁଲିସ ବାହିନୀ ଓ ଢାକାସ୍ଥ ହାଇକମିଶନଙ୍କ ଅଟଳ ପ୍ରତିଶ୍ରୁତିର ପ୍ରମାଣ। ଏତେ ଦୀର୍ଘ ଯନ୍ତ୍ରଣା ପରେ ସୁଦାମ ହେମ୍ବ୍ରମଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଦ୍ୱିପାକ୍ଷିକ ସହଯୋଗର ଶକ୍ତିକୁ ଦର୍ଶାଉଛି। ସୁଦାମ ଭାରତ ମାଟିରେ ପାଦ ଥୋଇବା ସହ ତାଙ୍କୁ ଅପେକ୍ଷାରତ ପରିବାର ଲୋକେ ଲୁହ ଝରା ଆଲିଙ୍ଗନରେ ବେଢ଼ି ନେଇଥିଲେ, ଯାହା ୧୧ ବର୍ଷର ଦୁଃସ୍ୱପ୍ନର ଅନ୍ତ ଘଟାଇଛି। ଜଗନ୍ନାଥପୁର ଗ୍ରାମର ଲୋକେ ତାଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାକୁ ସେମାନେ "ଅଧ୍ୟବସାୟର ଚମତ୍କାର' ବୋଲି କହିଛନ୍ତି। ଏହି ଘଟଣା ସୀମାନ୍ତ ଅଞ୍ଚଳର ଲୋକଙ୍କ ଦୁର୍ବଳତା ଓ ନିଖୋଜ ବ୍ୟକ୍ତି ମାମଲାରେ ଦ୍ରୁତ ଆନ୍ତଃବିଭାଗୀୟ ପ୍ରତିକ୍ରିୟାର ଗୁରୁତ୍ୱକୁ ଏକ ଗଭୀର ସ୍ମାରକୀ ଭାବେ ମନେ ପକାଇଛି। ମୟୂରଭଞ୍ଜ ପ୍ରଶାସନ ହେମ୍ବ୍ରମଙ୍କ ପୁନର୍ବାର ସମାଜରେ ମିଶିବା ପାଇଁ ପରାମର୍ଶ ଓ ସହାୟତା ସହିତ ନିରନ୍ତର ସହଯୋଗର ଆଶ୍ୱାସନ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହଞ୍ଚିଲେ ଖେଳାଳି...

ବାରବାଟୀରେ ପହଞ୍ଚିବ। ପ୍ରାୟ ୩ଘଣ୍ଟା ଧରି ତଥା ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ମିଳିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡଲାଇଟରେ ଦକ୍ଷିଣଆଫ୍ରିକା ଦଳ ଅଭ୍ୟାସକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟମ୍ୟାପ୍ ପ୍ରସ୍ତୁତ ହୋଇଛି। ତେବେ ଦର୍ଶକମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ। ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ-୬ ଏବଂ ୭ ଖୋଲା ରହିବ। ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ-୧ ଏବଂ ୨ ମଧ୍ୟ ଦର୍ଶକଙ୍କ ନିମନ୍ତେ ଖୋଲି ଦିଆଯିବ। ଦକ୍ଷିଣଆଫ୍ରିକା ୩ୟଥର ବାରବାଟୀରେ ଟି-୨୦ ଖେଳିବାକୁ ଯାଉଛି। ଏପରିକି ବିଗତ ଦୁଇ ମ୍ୟାଚ୍‌ରେ ଦଳ ଅପରାଜେୟ ରହିଥିବା ବେଳେ ଭାରତ ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ।

### ନାଇଟ୍ କ୍ଲବରେ...

ଯାଇଥିଲା। ସେତେବେଳେ କ୍ଲବରେ ପ୍ରାୟ ଶହେ ଜଣ ଉପସ୍ଥିତ ଥିଲେ। ଏହି ସମୟରେ ଅଚାନକ କ୍ଲବ୍‌ର ଛାତରୁ କାଚ ଖଣ୍ଡ ଖସି ଆସିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ଭୟରେ ଥରହର ହୋଇଥିଲେ। ମହିଳା ନୃତ୍ୟଶିଳ୍ପୀ ନାଚ ବନ୍ଦ କରି ଅନ୍ୟମାନଙ୍କ ସହ ଜୀବନ ବିକଳରେ ଦୌଡ଼ିବାକୁ ବସିଥିଲେ। ସମସ୍ତେ ଯାଇ ରୋଷେଇ ଘରେ ପହଞ୍ଚିଥିଲେ। ଏଠାରେ ପୂର୍ବରୁ କର୍ମଚାରୀ ଥିବାରୁ ସେମାନେ ଫସି ଯାଇଥିଲେ। କାରଣ ରାସ୍ତା ଅତି ସଂକୀର୍ଣ୍ଣ ଥିଲା। କିଛି କ୍ଷଣ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ତାଳ ପତ୍ରରେ ସଜା ଯାଇଥିବା ଯୋଗୁଁ ଏହା ଦ୍ରୁତଗତିରେ ବ୍ୟାପି ଚାଲିଥିଲା।

ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଆଁ ଲାଗିବା ପରେ ଲୋକେ ବାହାରକୁ ଆସି ନପାରିବାରୁ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଡିଜିପି ଆଲୋକ କୁମାର କହିଛନ୍ତି ଯେ ପ୍ରଥମ ମହଲାରେ ଥିବା ରୋଷେଇ ଘରୁ ନିଆଁ ଆରମ୍ଭ ହୋଇଥିଲା। ଏହା କିଛି ମିନିଟ ମଧ୍ୟରେ ଭୟଙ୍କର ରୂପ ଧାରଣ କରି କ୍ଲବ୍‌ର ଅନ୍ୟ ଭାଗକୁ ମାଡ଼ି ଯାଇଥିଲା। ଏଥିପାଇଁ ରୋଷେଇ ଘର ପରିସରରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ଦୌଡ଼ି ପଳାଇବାକୁ ପ୍ରୟାସ କରୁଥିବା ସମୟରେ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଥିଲେ। ପାହାଚରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଏହି କ୍ଲବରେ ଅଗ୍ନି ନିର୍ବାପକ ନିୟମ ପାଳନ କରାଯାଇ ନ ଥିଲା। ସବୁ ନିୟମ ଉଲ୍ଲଙ୍ଘନ କରାଯାଇଥିଲା। କ୍ଲବ୍‌ରୁ ପ୍ରବେଶ ଏବଂ ବାହାରିବା ପାଇଁ ପର୍ଯ୍ୟାପ୍ତ ରାସ୍ତା ମଧ୍ୟ ନ ଥିଲା। ତେଣୁ ଦମକଳ ବାହିନୀ ମଧ୍ୟ ଠିକ୍ ସମୟରେ ପଶି ପାରି ନ ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଫରେନସିକ ଟିମ୍ ଏବଂ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ଏବେ ଘଟଣାର ତଦନ୍ତ ଜାରି ରହିଛି। କିଛି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସରକାର ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେ ପ୍ରମୁଖ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ସହିତ ରାହୁଲ ଗାନ୍ଧୀ ଏହାକୁ ଦୁର୍ଘଟଣା ନୁହେଁ; ବରଂ ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପ୍ରଶାସନିକ ବିଫଳତାର ଏହାର ଏକ ନଗ୍ନ ନମୂନା ବୋଲି କହି ସେ ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

### ରାସନ କାର୍ଡ...

ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୮୭ ହଜାର ୫୪୭ ହିତାଧିକାରୀଙ୍କୁ ରାସନ ଯୋଗାଇ ଦିଆଯାଉଛି। ଏହି ତାଲିକାକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଯୋଜନା ଅର୍ଥାତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ପାଇଁ ରହିଥିବା ହିତାଧିକାରୀ କୋଟା ୩ କୋଟି ୨୬ ଲକ୍ଷ ପୂରା ହୋଇ ଯାଇଛି। ଅଥଚ ରାଜ୍ୟ ସରକାରଙ୍କ ହାତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ପାଇଁ ପର୍ଯ୍ୟାପ୍ତ କ୍ଷମତା ଓ ବ୍ୟବସ୍ଥା ଥିବା ସାତ୍ତ୍ୱେ ସରକାର ୪ ଲକ୍ଷ ୭୨ ହଜାର ୪୭୮ ଆବେଦନକୁ ପକାଇ ରଖିଛନ୍ତି। ଏହି ଆବେଦନ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫୭ ହଜାର ୩୨୧ ଆବେଦନ ପଡ଼ି ରହିଥିବା ବେଳେ ଖୋର୍ଦ୍ଧାରୁ ୩୬ ହଜାର ୪୫୯, ଭଦ୍ରକରୁ ୩୫ ହଜାରରୁ ଊର୍ଦ୍ଧ୍ୱ, ବାଲେଶ୍ୱରରୁ ୨୯ ହଜାରରୁ ଊର୍ଦ୍ଧ୍ୱ ଓ ପୁରୀରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ଥିବା କୁହାଯାଉଛି।

ରାଜ୍ୟ ସରକାର ବର୍ତ୍ତମାନ ରାସନକାର୍ଡରୁ ନାଁ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଡିସେମ୍ବର ଶେଷ ପର୍ଯ୍ୟନ୍ତ ଇ-କେୱାଇସି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହଜାର ୯୯୫ ଜଣ ମୃତକଙ୍କ ନାଁ କାର୍ଡରୁ କଟିଛି। ସେହିପରି ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ୩୩ ହଜାର ୧୨୮ ଟି ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ କଟାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ଅନ୍ୟପକ୍ଷରେ ୧୪ ଲକ୍ଷ ୩୫ ହଜାର ୫୭୮ ଜଣ ଲୋକ ଇ-କେୱାଇସି କରି ନ ଥିବାରୁ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ବଢ଼ିଛି। ଏହି ହିତାଧିକାରୀଙ୍କ ମଧ୍ୟରେ ଅନେକ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ କାମ କରୁ ନ ଥିବା ଓ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଇ-କେୱାଇସି ହୋଇପାରୁ ନ ଥିବା ଅଭିଯୋଗ ଆସୁଛି। ଏମିତି କି ଏଭଳି ଘଟଣା ପାଇଁ ଯାଜପୁରରେ ରିସା ମାଙ୍କିଡ଼ିଆଙ୍କର ଅନାହାରରେ ମୃତ୍ୟୁର ମଧ୍ୟ ସରକାର ବଦନାମ ମୁଣ୍ଡାଇଛନ୍ତି। ଏପରି ପରିସ୍ଥିତିରେ ସରକାର କିପରି ପୁରୁଣା କାର୍ଡକୁ କାଟି ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ ତାହା ଏବେ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

### ସାରା ରାଜ୍ୟରେ...

ଘଣ୍ଟାରେ ରାଜ୍ୟର ୧୦ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୧୫ ଡିଗ୍ରୀ ତଳେ ୩୯ ସହରରେ ପାରଦ ରେକର୍ଡ ହୋଇଛି। ସେହିପରି ଦ୍ୱୈତ ନଗରୀରେ ମଧ୍ୟ ତାପମାତ୍ରା ୧୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଜି. ଉଦୟଗିରିରେ ତାପମାତ୍ରା ୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହେବା ସହ କୋରାପୁଟର ସେମିଳିଗୁଡ଼ାରେ ତାପାମତ୍ରା ୬.୧ ଡିଗ୍ରୀ, ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡ଼ାରେ ୭.୬, ଫୁଲବାଣୀ ୮, ସମ୍ବଲପୁରର ଚିପିଲିମାରେ ୮.୭, ସୁନ୍ଦରଗଡ଼ର କିରେଇଠାରେ ୮.୮, ଅନୁଗୁଳ ୯, କେନ୍ଦୁଝରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୧୧.୯ ଏବଂ କଟକରେ ପାରଦ ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଜାରି ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ହେବା ସହ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭିବାକ ତୁଳନାରେ କମ୍ ରହିଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ରହିଥିବା ବେଳେ ଶୀତର ପ୍ରଭାବ ପ୍ରାୟତଃ ଜାରି ରହିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ପରବର୍ତ୍ତୀ ଦୁଇ ଦିନରେ ରାଜ୍ୟର କିଛି ସ୍ଥାନରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବିଶେଷକରି ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ଜଗତସିଂହପୁରରେ ଦୁଇ ଦିନ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଏହି ଦୁଇ ଦିନରେ କିଛି ସ୍ଥାନରେ ଘନ କୁହୁଡ଼ି ମଧ୍ୟ ଆଶଙ୍କା କରାଯାଇଛି। ଦୁଇ ଦିନ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କଳାହାଣ୍ଡି, ସୋନପୁର, ଅନୁଗୁଳ ଓ ବଲାଙ୍ଗିରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଉପରୋକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ରହିବା ପାଇଁ ପରାମର୍ଶ ଜାରି କରିଛି।


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

'ସକାଳ' ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ
ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ
**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା
**ଶ୍ରୀ କାର୍ତ୍ତିକେଶ୍ୱର ପରିଡା**
ସଭାପତି
**ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା**
ସଂପାଦକ



# ଭୁବନେଶ୍ୱର ସିଟି

## ଦେବଦାସ ଛୋଟରାୟଙ୍କ 'ଆମ ସମୟର ମଣିଷ' ପ୍ରକାଶିତ



ଭୁବନେଶ୍ୱର,୭।୧୨(ସମିସ): ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମେଳା ୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟର ଷ୍ଟଲ୍‌ରେ ସାହିତ୍ୟିକ, ଛାତ୍ର ଓ ପୁସ୍ତକପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଖ୍ୟାତନାମା ଲେଖକ ଦେବଦାସ ଛୋଟରାୟଙ୍କ ପୁସ୍ତକ "ଆମ ସମୟର ମଣିଷ' ଉନ୍ମୋଚିତ ହୋଇଥିଲା। ସେହିପରି କେତକୀ ଫାଉଣ୍ଡେସନ୍ ଟ୍ରଷ୍ଟ କବିତା, ଉପନ୍ୟାସ, ଇତିହାସ, କଫି ଟେବୁଲ ବୁକ୍, ଭ୍ରମଣ ସାହିତ୍ୟ, ନାଟକ ଏବଂ ଆତ୍ମଜୀବନୀରୁ ଆରମ୍ଭ କରି ଜୀବନୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରକାଶନର ସୁନିର୍ବାଚିତ ସଂଗ୍ରହ ଉପସ୍ଥାପନ କରିଛି। ଏଥିରେ ଗୋଟିଏ ମୁଖ୍ୟ ଆକର୍ଷଣ ହେଉଛି ସଦ୍ୟ ପୁନଃ ପ୍ରକାଶିତ ପତ୍ରିକା ଚନ୍ଦ୍ରଭାଗା-୨୧ ଯାହାକୁ ଖ୍ୟାତନାମା କବି ଜୟନ୍ତ ମହାପାତ୍ର ସମ୍ପାଦନା କରିଛନ୍ତି।

## ବିଶ୍ୱ ଶିଳ୍ପୀ ଦିବସରେ କର୍ମଶାଳା




ଭୁବନେଶ୍ୱର,୭।୧୨(ସମିସ): ବିଶ୍ୱ ଶିଳ୍ପୀ ଦିବସ ଅବସରରେ ରବିବାର ଓଡ଼ିଶା ମଡର୍ଣ୍ଣ ଆର୍ଟ ଗ୍ୟାଲେରୀ ତରଫରୁ ରାଜ୍ୟସ୍ତରୀୟ ଯୁବ ଶିଳ୍ପୀମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ଏଥିରେ ୪୦ ଜଣ ଯୁବ ଚିତ୍ର ଶିଳ୍ପୀ ଭାଗନେଇ ଭିନ୍ନ ଭିନ୍ନ ଛବି ମାଧ୍ୟମରେ ନିଜର ଭାବନାକୁ ପରିପ୍ରକାଶ କରି ଚିତ୍ର ଆଙ୍କିଥିଲେ। ପରେ ସେହି ଚିତ୍ର ଗୁଡିକୁ ନେଇ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିରେ ବରିଷ୍ଠ ସଂସ୍କୃତି ସମୀକ୍ଷକ ଦିଲ୍ଲୀପ ହାଲି, ଗ୍ୟାଲେରୀର ପ୍ରତିଷ୍ଠାତା ତାରକାନ୍ତ ପରିଡ଼ା, କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ଦାସ, ଦୁଷ୍ମନ୍ତ କୁମାର ମୁଖୀ ଓ ସୁବ୍ରତ ମହାନ୍ତି ପମୁଖ ଚିତ୍ରଶିଳ୍ପୀ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ। କଳିଙ୍ଗ ଚାରୁ କଳା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ କାଯ୍ୟାକ୍ରମରେ ଉପସ୍ଥିତ ଥିଲେ।

## ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ



ଭୁବନେଶ୍ୱର,୭।୧୨(ସମିସ): କଳିଙ୍ଗ ହସ୍ପିଟାଲ୍ ସ୍କୋୟାର ନିକଟସ୍ଥ ଆଞ୍ଚଳିକ ଚିକିତ୍ସା ଗବେଷଣା କେନ୍ଦ୍ର ଅଡିଟୋରିୟମରେ ରବିବାର ଅଟିଜିମ୍ ଥେରାପି ସେଣ୍ଟରର ବାର୍ଷିକ ଦିବସ ଏବଂ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ, ଅଟିଷ୍ଟିକ୍ ପିଲାମାନେ ସେମାନଙ୍କ ପିତାମାତା ଏବଂ ପରିବାର ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଇନିଙ୍ଗ କର୍ପୋରେସନ ଲିମିଟେଡ୍‌ର ମୁଖ୍ୟ ସିଏସଆର ତଲତ ଆଫ୍ରିନ୍ ଯୋଗ ଦେଇଥିଲେ। ଏମଏଏନ ଟ୍ରଷ୍ଟର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ବାର୍ଷିକ ରିପୋର୍ଟରେ ଏଟିସି ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକଳାପର ବର୍ଦ୍ଧନା କରାଯାଇଥିଲା। ସମାଜରେ ଅଟିଜିମ୍ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ "କ୍ରୀଡା ସମ୍ମିଳନୀ' ଏବଂ "ସଚେତନତା' କିମ୍ବା "ଅଟିଷ୍ଟିକ୍ ବ୍ୟକ୍ତିମାନଙ୍କ ପାଇଁ ଗ୍ରହଣୀୟତା ଏବଂ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଗୌତମ ପଣ୍ଡାଙ୍କୁ "ଏଟିସି ଚାମ୍ପିଅନ୍-୨୦୨୫' ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଏମଏଏନ ଟ୍ରଷ୍ଟର ଅନ୍ୟତମ ଟ୍ରଷ୍ଟି ମଦନ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ ଏବଂ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ସଂସ୍ଥାର ସଦସ୍ୟ ପ୍ରଫେସର ଡ. ରଞ୍ଜନ କୁମାର ବଳ ଧନ୍ୟବାଦ ଦେଇଥିଲେ। ବୈଠକ ପରେ ଅଟିଷ୍ଟିକ୍ ପିଲାମାନେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରୂପକ ଫାଉଣ୍ଡେସନ ତରଫରୁ ଚକ୍ଷୁ ପରୀକ୍ଷଣ ଶିବିର



ଭୁବନେଶ୍ୱର,୭।୧୨(ସମିସ): ରୂପକ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଇଲାଇଟ୍ ଯୁବକ ସଂଘ, ଇ–କଲୋନୀରେ ରବିବାର ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ବିଜୟ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଶିବିରକୁ ଆସିଥିବା ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା, ଚିକିତ୍ସକ ପରାମର୍ଶ ସହିତ ଡାକ୍ତରଙ୍କ ସୁପାରିସ ଅନୁଯାୟୀ ମାଗଣା ଚଷମା ଯୋଗାଇ ଦିଆଯାଇଥିଲା। ୨୦୧୯ଠାରୁ ସମାଜସେବା କ୍ଷେତ୍ରରେ କାର୍ଯ୍ୟରତ ରୂପକ ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ଅନେକ ସେବାମୂଳକ କାର୍ଯ୍ୟରେ ସକ୍ରିୟ ରହିବାକୁ ବିଜ୍ଞପ୍ତି ଜାରି କରିଛି। ଏହି ଶିବିରରେ ବିଶ୍ୱଜିତ ପଟ୍ଟନାୟକ, ଦେବାଶିଷ ନାୟକ, ସ୍ମୃତିକାନ୍ତ ମହାନ୍ତି, ବିକ୍ରମ ମହାପାତ୍ର, ଦିବ୍ୟଜ୍ୟୋତି ଦାଶ ଓ ମାନସ ପରିଡ଼ା ସେବାମୂଳକ ସହଯୋଗ ଯୋଗେଇଥିଲେ। - ସଂପୂର୍ଣ୍ଣା

### ରାଜରାସ୍ତାରେ ଶିକ୍ଷକ

# 'କମିଟି' ରଣନୀତି ଫେଲ୍, ସରକାରଙ୍କ ଶିରପୀଡ଼ା



ଭୁବନେଶ୍ୱର, ୭ ।୧୨(ସମିସ):

ବିଧାନସଭା ଅଧିବେଶନ ସମୟରେ ସରକାରଙ୍କ ପାଇଁ ଅଡୁଆ ସାଜିଛି ଶିକ୍ଷକ ଆନ୍ଦୋଳନ। ଶିକ୍ଷାର ବିକାଶ ଓ ଶିକ୍ଷକମାନଙ୍କ ବିଭିନ୍ନ ଦାବିର ଅନୁଶୀଳନ ପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମାତ୍ର ଏହା ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିପାରିନାହିଁ। ଶିକ୍ଷକମାନଙ୍କ ଦାବିକୁ ଏଡ଼ାଇବା ପାଇଁ ସରକାରଙ୍କ କାଳକ୍ଷେପଣ ନୀତି ସ୍ୱରୂପ ଏହି କମିଟି ଗଠନ କରିଥିବା ଅନେକ ଶିକ୍ଷକ ସଂଗଠନ ଅଭିଯୋଗ କରିଛନ୍ତି।

ଗତ ଶୀତ ଅଧିବେଶନ ପୂର୍ବରୁ ଶିକ୍ଷକମାନେ ଯେପରି ଆନ୍ଦୋଳନକୁ ନ ଆସିବେ, ସେଥିପାଇଁ ତତ୍କାଳୀନ ଗଣଶିକ୍ଷା ବିଭାଗ ସଚିବ ତତ୍ପରତା ପ୍ରକାଶ କରି ବିଭିନ୍ନ ଶିକ୍ଷକ ସଂଘ ସହିତ ଆଲୋଚନା ଆରମ୍ଭ କରିଥିଲେ। ସମସ୍ତଙ୍କ ଦାବି ଶୁଣିବା ସହ ବିଭାଗସ୍ତରରେ ତର୍ଜମା କରି ଏ ସଂକ୍ରାନ୍ତ ଏକ ରିପୋର୍ଟ ମୁଖ୍ୟ ସଚିବଙ୍କୁ ପ୍ରଦାନ କରିଥିଲେ। ସରକାର ସେମାନଙ୍କ କଥା ବିଚାର କରୁଥିବା ସଂକ୍ରାନ୍ତରେ ଶିକ୍ଷକଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଥିଲା ଓ ଫଳ ସ୍ୱରୂପ ବିଧାନସଭା ସମୟରେ କୌଣସି ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇନଥିଲେ। ମାତ୍ର ଚଳିତ ଶୀତ ଅଧିବେଶନ ପୂର୍ବରୁ ଗଣଶିକ୍ଷା ବିଭାଗର ସଚିବଙ୍କୁ ପରିବର୍ତ୍ତନ କରାଯାଇଛି ଓ ଡ. ଏନ୍ ଥିରୁବାଲା ନାୟକ ନୂତନ ସଚିବ ଭାବରେ ଅବସ୍ଥାପିତ ହୋଇଛନ୍ତି। ବିଧାନସଭା ପୂର୍ବରୁ ଆନ୍ଦୋଳନ ପାଇଁ ଶିକ୍ଷକମାନେ ସଜବାଜ ହେଉଥିବା ଠଉରାଇ ନ ପାରିବା ଏବେ ସରକାରଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଅଚାନକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ

- **ପୂର୍ବରୁ ରହିଥିଲା ୩ଟି କମିଟି, ଏବେ ଗଠନ କରାଯାଇଛି ଆଉ ଗୋଟିଏ**
- **ଦାବି ପୂରଣ ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣାଉଛନ୍ତି ସରକାର: ସଂଘ**

ବିଭିନ୍ନ ଶିକ୍ଷକ ସଂଗଠନ ସାମ୍ବାଦିକ ସମ୍ମିଳନୀ କରିବା ସହ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଦାବି କରିବାରୁ ଗଣଶିକ୍ଷା ବିଭାଗ ଓ ସରକାର ଅଠାକାଠିରେ ପଡ଼ିଛନ୍ତି। ଏପରିକି ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିଛନ୍ତି। ମାତ୍ର ତାହା ଶିକ୍ଷକମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ।

ଶିକ୍ଷକ ସଙ୍ଗଠନଗୁଡ଼ିକ ଅଭିଯୋଗ ଅନୁସାରେ ପୂର୍ବରୁ ଶିକ୍ଷାର ବିକାଶ ଓ ଶିକ୍ଷକଙ୍କ ବିଭିନ୍ନ ଦାବିର ବିଚାର ପାଇଁ ପୂର୍ବରୁ ୩ଟି କମିଟି ଗଠନ କରାଯାଇଛି। ଆଇନ୍‌ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୪ଜଣ ମନ୍ତ୍ରୀ ଓ ୬ ଜଣ ବିଧାୟକଙ୍କୁ ନେଇ ପଲିଟିକାଲ୍ କମିଟି ଗଠନ ହୋଇଛି। ସେହିପରି ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଏକ ୧୧ ଜଣିଆ ବିଧାନସଭା ଷ୍ଟାଣ୍ଡିଂ କମିଟି ଓ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ ସଚିବସ୍ତରୀୟ କମିଟି ରହିଛି। ଏହା ବ୍ୟତୀତ ପୂର୍ବତନ ସଚିବ ମଧ୍ୟ ଶିକ୍ଷକଙ୍କ ସମସ୍ତ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ଏତେ ସବୁ କମିଟି ପରେ ମଧ୍ୟ ଆଉ ଏକ କମିଟିର କାହିଁକି ଆବଶ୍ୟକ ପଡ଼ିଲା ବୋଲି ଶିକ୍ଷକମାନେ ପ୍ରଶ୍ନ କରିଛନ୍ତି। ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଅହୋରାତ୍ର ଆନ୍ଦୋଳନ ଜାରି ରହିଥିବାବେଳେ ଓଡ଼ିଶା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମନ୍ୱୟ ସମିତି ଆସନ୍ତା ୧୦ ତାରିଖରେ ଆନ୍ଦୋଳନ ଡାକରା ଦେଇଛି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସମେତ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଆନ୍ଦୋଳନମୁହାଁ ହୋଇଛନ୍ତି। ବିଧାନସଭା ଭିତରେ ଓ ବାହାରେ ବିରୋଧୀ ଶିକ୍ଷକଙ୍କ ପ୍ରସଙ୍ଗକୁ ଉଠାଉଥିବାବେଳେ ସରକାର ଓ ଗଣଶିକ୍ଷା ବିଭାଗ ଆନ୍ଦୋଳନକୁ ପ୍ରଶମିତ କରିବାକୁ ଏବେ କେବଳ ଉପାୟ ଖୋଜୁଥିବା ଚର୍ଚ୍ଚା ହେଉଛି।

### ■ ବିଜିୟୁର ୮ମ ସମାବର୍ତ୍ତନ ଉତ୍ସବ

## ଶିକ୍ଷା ଏକ ନିରନ୍ତର ପ୍ରୟାସ: ରାଜ୍ୟପାଳ




ଭୁବନେଶ୍ୱର, ୭ ।୧୨(ସମିସ): ବିର୍ଲା ଗ୍ଲୋବାଲ ୟୁନିଭରସିଟି (ବିଜିୟୁ)ର ୮ମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପତି ଉତ୍ସବରେ ଅଧ୍ୟକ୍ଷତା କରି ଶିକ୍ଷା କେବଳ ଏକ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ପ୍ରୟାସ ବୋଲି କହିଛନ୍ତି। ସେହିପରି ସତ୍ୟନିଷ୍ଠ, କରୁଣା ଏବଂ ଦୃଢତାର ମୂଲ୍ୟବୋଧକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ କେପିଏମ୍‌ଜି ଇଣ୍ଡିଆର ଶିକ୍ଷା ଏବଂ ଦକ୍ଷତା ବିକାଶ ପାର୍ଟନର ନାରାୟଣ ରାମାସ୍ୱାମୀ ଯୋଗଦେଇ କହିଛନ୍ତି ଯେ ବର୍ତ୍ତମାନର ଯୁଗ ଛାତ୍ରଛାତ୍ରୀଙ୍କ ପାଇଁ ଅଭୁଦପୂର୍ବ ସୁଯୋଗ ଆଣିଦେଇଛି। ବିଜିୟୁ ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ପିକେ ମିଶ୍ର ସ୍ୱାଗତ ଅଭିଭାଷଣ ରଖିବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି। କୁଳପତି ପ୍ରଫେସର କୂଳଭୂଷଣ ବାଲୁନି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଫଳତା, ଗବେଷଣା ଓ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଛନ୍ତି। ଚଳିତ ବର୍ଷର ମୋଟ୍ ୪୫୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ୨୨୮ ସ୍ନାତକୋତ୍ତର ଡିଗ୍ରୀ, ୨୨୪ ସ୍ନାତକ ଡିଗ୍ରୀ, ୪ ଡକ୍ଟରେଟ୍ ଡିଗ୍ରି ଓ ୧୭ ସ୍ୱର୍ଣ୍ଣପଦକ ରହିଛି। କୁଳସଚିବ ପ୍ରଫେସର ବି.କେ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜିୟୁ ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଏବଂ ବୋର୍ଡ ଅଫ୍ ମ୍ୟାନେଜମେଣ୍ଟର ସଦସ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହ



ଭୁବନେଶ୍ୱର, ୭।୧୨ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିର ଠାରେ ୩୮ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଛି। ସ୍ମୃତି ସଂସଦର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସଭାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଥିଲେ। ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ମୃତି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ କବି ଅମରେନ୍ଦ୍ର ମାଧବ ଦାଶଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ବସନ୍ତ ମୁଦୁଲି କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ଡକ୍ଟର ଶତ୍ରୁଘ୍ନ ପାଣ୍ଡବଙ୍କ ସଭାପତିତ୍ୱରେ 'ଓଡିଆ କବିତାରେ ବୈପ୍ଳବିକ ସ୍ୱର ଓ କବି ବସନ୍ତ ମୁଦୁଲି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ପ୍ରତି ପଞ୍ଚାୟତରେ ଆଧୁନିକ ପାଠାଗାର ଗଢ଼ିବାକୁ 'ଓସା'ର ଆହ୍ୱାନ




ଭୁବନେଶ୍ୱର, ୭।୧୨(ସମିସ): ବର୍ତ୍ତମାନ ଡିଜିଟାଲ ଯୁଗରେ ବଦଳିଛି ପାଠଗାରାର ପରିଭାଷା। ଏହା କେବଳ ପୁସ୍ତକର ଗ୍ରନ୍ଥାଗାର ଭାବେ ସୀମିତ ନ ରହି କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବସ୍ଥା ସହ ଗୋଷ୍ଠୀ ସାଧନ କେନ୍ଦ୍ର ରୂପେ ଉଭା ହେଉଛି। ଓଡ଼ିଶାର ପ୍ରତି ପଞ୍ଚାୟତରେ ଏହିଭଳି ଆଧୁନିକ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା କରିବା ପାଇଁ ପ୍ରବାସୀ ଓଡ଼ିଆ ସଂଗଠନ "ଦି ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍' (ଓସା) ପକ୍ଷରୁ ଆହ୍ୱାନ ଦିଆଯାଇଛି। ରବିବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଏକ ଦିନିକିଆ "ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୫' ଆୟୋଜନ କରି ଓସା ପକ୍ଷରୁ ଏହି ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ଓଡ଼ିଶା ପବ୍ଲିକ୍ ଲାଇବ୍ରେରୀ ଭିଜନ୍'। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଓସାର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। କର୍ଣ୍ଣାଟକର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉମା ମହାଦେବନ ଭିଡିଓ କନଫରେନ୍ସ ଜରିଆରେ ଯୋଗଦେଇଥିଲେ। କର୍ଣ୍ଣାଟକରେ ୫,୮୦୦ରୁ ଅଧିକ ପଞ୍ଚାୟତରେ ଆଧୁନିକ ପାଠାଗାର ଗଢ଼ାଯାଇଥିବା ମଡେଲ୍ ଉପସ୍ଥାପନ କରିଥିଲେ। ଓସା ଅଧ୍ୟକ୍ଷ ଡା. ଅଜୟ ମହାନ୍ତି ଓ ଆବାହକ ନିଶିକାନ୍ତ ସାହୁ ଓଡ଼ିଶାରେ ଆଧୁନିକ ପାଠାଗାର ବ୍ୟବସ୍ଥା କରିବାକୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ଯୁବ ନିଯୁକ୍ତି, ଦକ୍ଷତା ବିକାଶ, ଡିଜିଟାଲ୍ ସାକ୍ଷରତା ଓ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଲକ୍ଷ୍ୟ ପୂରଣରେ ପାଠାଗାରର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସର୍ବସାଧାରଣ ପାଠାଗାର ଆଇନ-୨୦୦୧ ଓ ଏମଜିଏନଆରଇଜିଏସ୍ ୨୦୧୮ ସର୍କୁଲାରର ଦ୍ରୁତ କାର୍ଯ୍ୟକାରିତା ଉପରେ ମଧ୍ୟ ଜୋର ଦିଆଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଗଣେଶ୍ୱର ବେହେରା, ଓସା ସଭାପତି ନାଗେଶ ରାଜନଲା (ଭିଡିଓ ବାର୍ତ୍ତା), ଶିକ୍ଷାବିତ୍, ପାଠାଗାର କର୍ମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## 'କ୍ୟାନସର ଭଲ୍ୟୁଣ୍ଟିୟର୍ସ ଅଫ୍ ଓଡ଼ିଶା'


ଭୁବନେଶ୍ୱର,୭।୧୨(ସମିସ): ଆର୍‌ସିଏମ୍‌ରେ "କ୍ୟାନସର୍ ଭଲ୍ୟୁଣ୍ଟିୟର୍ସ ଅଫ୍ ଓଡ଼ିଶା' (ସିଭିଓ)ର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ୨୦୨୪ରେ ଟ୍ରଷ୍ଟ ଭାବେ ପଞ୍ଜୀକୃତ




ଏହି ସଂଗଠନ ରାଜ୍ୟରେ କର୍କଟ ରୋଗୀ ଓ ତାଙ୍କ ପରିବାରକୁ ଘରେ ଘରେ ମାନସିକ ବଳ, କାଉନସେଲିଂ, ଆର୍ଥିକ ପରାମର୍ଶ ଓ ସେବା ଯୋଗାଇବାକୁ କାର୍ଯ୍ୟ କରୁଛି। ଏହି ସମ୍ମିଳନୀରେ ଡାକ୍ତର, ନର୍ସ, ସାମାଜିକ କର୍ମୀ ଓ ରାଜ୍ୟର ୧୨ଟି ଏନଜିଓର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରଫେସର ଡା. ବିଧୁ କଳ୍ପନା ମହାନ୍ତି, ସୁକାନ୍ତ ନନ୍ଦ ଓ ନିତାଇ ଗୌରାଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ସିଭିଓ ଓଡ଼ିଶାରେ ଏକ ସୁସଂଗଠିତ ସହାନୁଭୂତିଶୀଳ ନେଟୱର୍କ ଗଢ଼ି ତୋଳିବାକୁ ଦୃଢ଼ସଙ୍କଳ୍ପ କରିଛି। ଏହି ଐତିହାସିକ ପଦକ୍ଷେପ ରାଜ୍ୟର ହଜାର ହଜାର କର୍କଟ ରୋଗୀଙ୍କ ପାଇଁ ନିଶ୍ଚିତ ଏକ ବଡ଼ ସମ୍ବଳ ହେବ ବୋଲି ସିଭିଓ ଆଶା କରିଛି।

### ରକ୍ଷଣାବେକ୍ଷଣ ଅଭାବ; ଅନ୍ଧାରରେ ଧ୍ୱଜାକ୍ଷେତ୍ର

# ମହାପୁରୁଷଙ୍କ ଦେହରେ କଳଙ୍କି








ଭୁବନେଶ୍ୱର, ୭ ।୧୨(ସମିସ): ଜନତା ମଇଦାନ ନିକଟରେ ରହିଥିବା ମହାତ୍ମା ଗାନ୍ଧୀ ପାର୍କରେ ଥିବା ଧ୍ୱଜା କ୍ଷେତ୍ର ଦେଢ଼ ବର୍ଷକ ଭିତରେ ଛାରଖାର ହୋଇଗଲାଣି। ଧ୍ୱଜାକ୍ଷେତ୍ର ଲେଖା ହୋଇଥିବା ଅକ୍ଷର ଏବେ ଧ୍ୱଜାକ୍ଷତ୍ର ହୋଇପଡ଼ିବା ସହ ଆଲୋକୀକରଣ ଆଉ ନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ବରପୁତ୍ରଙ୍କ ଫଳକରେ କଳଙ୍କି ଲାଗିବା ସହ ଅନେକ ବରପୁତ୍ରଙ୍କ ମୁହଁ ଦେଖାଯାଉନାହିଁ ଏବଂ ଏହିପରି ବରପୁତ୍ରଙ୍କ ନାମ ଲିଭିବା ସହ ଜୟ ହିନ୍ଦ ସହ ଜାତୀୟ ସଙ୍ଗୀତ ଲେଖା ଆଉ ପଢ଼ି ହେଉନାହିଁ।

ବିଶେଷ କରି ଜବାହରଲାଲ ନେହୁରୁଙ୍କ ପ୍ରତିମୂର୍ତ୍ତିରେ କଳଙ୍କି ଲାଗିବା ସହ ଆମ୍ବେଦକର, ଚନ୍ଦ୍ରଶେଖର ଆଜାଦଙ୍କ ପ୍ରତିମୂର୍ତ୍ତିର ମଧ୍ୟ ସମାନ ଅବସ୍ଥା। ଠିକ୍ ଏହିପରି ପଣ୍ଡିତ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ଲକ୍ଷ୍ମଣ ନାୟକ, ରମାଦେବୀ, ରେଣ୍ଡୋ ମାଝୀଙ୍କ ପରି ୨୦ରୁ ଅଧିକ ସଂଖ୍ୟାରେ ରହିଥିବା ବରପୁତ୍ରଙ୍କ ଫଳକର ମଧ୍ୟ ସମାନ ଅବସ୍ଥା। ଏହି ବରପୁତ୍ରଙ୍କ ଫଳକ ତଳକୁ ଛୋଟ ଲାଇଟ୍ ଲାଗିଥିଲାବେଳେ ସେଥିରୁ ଗୋଟିଏ କିମ୍ବା ୨ ଟି ଜଳୁଥିବା ବେଳେ ଆଉ କିଛି ଜଳୁନାହିଁ। କିଛି ଲାଇଟ୍ ଭାଙ୍ଗି ପଡ଼ିଥିବା ବେଳେ ଆଉ କେଉଁ ବରପୁତ୍ରଙ୍କ ଆଗରେ ମୂଳରୁ ଲାଇଟ୍ ସହ ତାର ମଧ୍ୟ ନାହିଁ। ଫଳରେ ପାର୍କକୁ ଆସୁଥିବା ଲୋକମାନେ ରାତି ହେଲେ ବରପୁତ୍ରଙ୍କୁ ଦେଖି ପାରୁନାହାନ୍ତି କି ଜାତୀୟ ସଙ୍ଗୀତ ପଢ଼ି ପାରୁନାହାନ୍ତି।

ସ୍ୱାଧୀନତା ପୂର୍ବରୁ ପ୍ରଥମ କରି ୧୯୦୬ ମସିହାରେ ଆମ ଜାତୀୟ ପତାକା ଦେଖିବାକୁ କିପରି ଏବଂ କେଉଁଠି ଉତ୍ତୋଳନ ହୋଇଥିଲା ଏହି ସବୁର ତଥ୍ୟ ରହିଥିବା ଫଳକରେ ମଧ୍ୟ କଳଙ୍କି ଲାଗିଗଲାଣି। ଏଥିସହ ୧୯୦୭,୧୯୧୭, ୧୯୨୧, ୧୯୩୧ ଏବଂ ଦେଶ ସ୍ୱାଧୀନ ହେବା ପରେ ଜାତୀୟ ପତାକାର ଫଟୋ ରହିଛି। ହେଲେ ଅନ୍ୟ ଫଳକ କଥା ନକହିବା ଭଲ। ବିଶେଷ କରି ୧୯୧୭ ଏବଂ ୧୯୨୧ ମସିହା ଥିବା ଜାତୀୟ ପତାକାର ଫଳକ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହେବାକୁ ବସିଲାଣି। ଏହିପରି ଓଡ଼ିଆ ସହ ୨୨ଟି ବିଭିନ୍ନ ଭାଷାରେ ଲେଖାଯାଇଥିବା 'ଜୟ ହିନ୍ଦ୍' ଫଳକ ଆଉ କିଛି ଦେଖାଯାଉନାହିଁ। କେଉଁ ଭାଷା ସହ ଏହା କାହିଁକି ଲେଖାଯାଇଛି ଏହି ସବୁକୁ ଲୋକମାନେ ପଢ଼ିବାରୁ ବଞ୍ଚିତ ହେଉଛନ୍ତି।

ପୂର୍ବ ସରକାର ସମୟରେ ଭାରତର ଜାତୀୟ ପତାକା ପ୍ରତି ସମ୍ମାନ ଉଦ୍ଦେଶରେ ଗତ ମାର୍ଚ୍ଚ ମାସ ୭ ତାରିଖରେ ଏହି ଧ୍ୱଜା କ୍ଷେତ୍ରକୁ ଉଦ୍‌ଘାଟନ କରାଯାଇଥିଲା ୧୦୦ ଫୁଟ ଉଚ୍ଚରେ ଜାତୀୟ ପତାକାକୁ ଅବସ୍ଥାପିତ କରିଯିବା ବାଲୁକା ପଥରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲେଟରେ ସଜ୍ଜିତ ବରପୁତ୍ରଙ୍କ ସମେତ ଓଡ଼ିଆ ଓ ହିନ୍ଦୀ ଭାଷାରେ ଜାତୀୟ ସଙ୍ଗୀତ, ଜୟ ହିନ୍ଦ ଆଦି ଫ୍ୟାନେଲ ଗୁଡ଼ିକରେ ଲେଖା ଯାଇଥିଲା ଫଳରେ ପାର୍କକୁ ଆସୁଥିବା ଲୋକମାନେ ସ୍ୱାଧୀନତା ପୂର୍ବର ଏବଂ ପରର ଜାତୀୟ ପତାକା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଜାଣିପାରିବେ। ହେଲେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଡିଏ ନେଇଥିବାବେଳେ ଏହି ଧ୍ୱଜାକ୍ଷେତ୍ର ଏବେ ଧ୍ୱଜକ୍ଷତ୍ର ହୋଇ ପଡ଼ିଛି। ଫଳରେ ପାର୍କକୁ ଆସୁଥିବା ଲୋକାମାନେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଓଡ଼ିଆ ଅସ୍ମିତା କଥା କହୁଥିବା ବେଳେ ଏଠାରେ ଓଡ଼ିଆ ଅସ୍ମିତା ଗୁମୁରୀ କାନ୍ଦୁଛି। ରାସ୍ତାଠାରୁ ଅରମ୍ଭ କରି ହୋଡ଼ିଙ୍ଗ୍ ପର୍ଯ୍ୟନ୍ତ ସବୁ ସ୍ଥାନରେ ରଙ୍ଗ ମରାଯାଉଥିବା ବେଳେ ଧ୍ୱଜାକ୍ଷେତ୍ର ଉପରେ କେବେ ସରକାର ଅବା ଅଧିକାରୀଙ୍କ ନଜର ପଡ଼ିବ ବୋଲି ପାର୍କକୁ ବୁଲି ଆସିଥିବା ଲୋକେ କହିଛନ୍ତି।

ସକାଳ
THE SAKALA



# ଫୁଲନଖରା-ନିଆଳି ରାଜ୍ୟ ରାଜପଥ ବିପର୍ଯ୍ୟସ୍ତ

କଣ୍ଟାପଡ଼ା,୭।୧୨(ସମିସ):

ଜାତୀୟରାଜପଥ ନଂ ୧୬ର ଫୁଲନଖରା ଠାରୁ ଅଡଶପୁର, ନିଆଳୀ, ପୁରୀ ଜିଲ୍ଲାର ଚାରିଛକ, ଗୋପ, କୋଣାର୍କ, କାକଟପୁର ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଥିବା ଫୁଲନଖରା-ନିଆଳୀ ରାଜ୍ୟ ରାଜପଥ ନଂ ୬୦ ଗତ ୮ ମାସ ହେଲା ଖାଲଖମାରେ ଭର୍ତ୍ତି ହୋଇପଡିଛି। ଫଳରେ ଏହି ରାସ୍ତା ଦେଇ ଉପରୋକ୍ତ ସ୍ଥାନକୁ ଯାଉଥିବା ବସ୍, କାର, ଅଟୋ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ପଡି ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ସବୁଠାରୁ ବେଶି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁଇଚକିଆ ଯାନରେ ଯାଉଥିବା ଆରୋହୀମାନେ। ରାସ୍ତାରେ ଏମିତି ଖାଲ ହୋଇଛି ଯେ' ସାଧାରଣ ବାଇକ ଆରୋହୀ ରାତି




କଥା ଛାଡନ୍ତୁ ଦିନରେ ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହେବା ସହ ଗାଡ଼ି କ୍ଷତିଗସ୍ତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପୂର୍ତ୍ତ ବିଭାଗ ସ୍ଥାନୀୟ ପୁଲିସ ସବୁ ଜାଣିଥିଲେ ମଧ୍ୟ ସମସ୍ତେ ଚୁପ୍।

ତେବେ, ଏହି ରାସ୍ତାକୁ ୪ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ୨୪୫ କୋଟି ୧୪ ଲକ୍ଷର ଟଙ୍କାର ଟେଣ୍ଡର ସରକାର ଡାକିବା ପରେ ଠିକାଦାର ମାନେ ଟେଣ୍ଡର ପକାଇବା ଓ ଏହି ୪ ଲେନ୍ ରାସ୍ତା ପାଇଁ ବାଧକ ସାଜିଥିବା ଗଛ ଓ ବିଦ୍ୟୁତ ଖୁଣ୍ଟକୁ ନମ୍ବର କରି ପରେ ୨୪୫ କୋଟି ୧୪ ଲକ୍ଷ ଟଙ୍କାର ଟେଣ୍ଡରକୁ ବାତିଲ କରିବା ପଛର ରହସ୍ୟ କଣ ତାହା ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଯନ୍ତ୍ରୀଙ୍କୁ ପଚାରିଲେ କେହି ସଠିକ ଉତ୍ତର ଦେଇପାରୁ ନାହାଁନ୍ତି। ଫଳରେ ରାସ୍ତା ବ୍ୟବହାର କରୁଥିବା ପଥଚାରୀମାନେ ରାସ୍ତାର ଖାଲଖମାରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରେ ଯେଉଁ ପ୍ୟାଚ ପକା କାମ ଚାଲିଛି ତାହା ୫ ଦିନ ମଧ୍ୟରେ ଉଠି ଯାଉଛି।

## ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର

ବଡମ୍ବା/ନରସିଂହପୁର,୭।୧୨(ସମିସ): ନରସିଂହପୁର ବ୍ଲକ ବେଲନାଥ ମନ୍ଦିର ପରିସରରୁ ରବିବାର ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। କିଛିଦିନ ହୋଇଯିବ ଏହି ଅପରିଚିତ ମହିଳା ଏଣେତେଣେ ବୁଲିବୁଲି କରୁଥିଲା ବେଳେ କୌଣସି କାରଣରୁ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ବେଲନାଥ ମନ୍ଦିର ନିକଟରେ କ୍ଷତାକ୍ତ ଅବସ୍ଥାରେ ପଡ଼ିରହିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା ବେଳେ ଖବର ପାଇ ସରଧାପୁର ସମିତିସଭ୍ୟ ଶକ୍ତିପ୍ରସାଦ ମିଶ୍ର ନରସିଂହପୁର ପୁଲିସ ସହଯୋଗରେ ତାନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ



ଆଣିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ନରସିଂହପୁର ମୁକ୍ତି ସଂଗଠନର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବ୍ଲକ ବିଏସ୍ଓ ଜ୍ୟୋତିରଞ୍ଜନ ସାହୁ, ନରସିଂହପୁର ପୁଲିସ ପ୍ରଶାସନର ଶ୍ରୀକାନ୍ତ ଦାସ, ଡଲି ମହାରଣା ଏବଂ ମମତା ପ୍ରଧାନ ମହିଳାଙ୍କୁ ବଡ଼ ମେଡ଼ିକାଲକୁ ପଠାଇବାର ସମସ୍ତ ବନ୍ଦୋବସ୍ତ କରିଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର

ବଡମ୍ବା,୭।୧୨(ସମିସ): ବଡମ୍ବା ବ୍ଲକ ଗଡ଼ାପୋଖରୀ ପଞ୍ଚାୟତ ଖମାରସାହିସ୍ଥିତ ମୁଖ୍ୟରାସ୍ତା ଉପରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। କଟକ-ନରସିଂହପୁର ମୁଖ୍ୟରାସ୍ତା ଦେଇ କଟକରୁ ନରସିଂହପୁର ଜିଲିଣ୍ଡା ଥାନା ମର୍ଦମୁଖ ଗ୍ରାମକୁ ଫେରୁଥିବା ବେଳେ ରାସ୍ତାର ବାମପାଶ୍ୱର୍ରେ ଜଣେ ଅଜଣା ବ୍ୟକ୍ତି ନାଳ ଭିତରକୁ ଗଳି ପଡ଼ିଥିଲେ। ଗଡାପୋଖରୀ ଗ୍ରାମର ନିଗମ ନାୟକଙ୍କ ସହ ଆଖପାଖର କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ବଡମ୍ବା ଡାକ୍ତରଖାନାକୁ ପଠାଇଛନ୍ତି। ବଡମ୍ବା ଥାନା କର୍ମଚାରୀ ଯୁବକଙ୍କ ବାଇକ ଓ ଫୋନକୁ ଜବତ କରି ଥାନାକୁ ଆଣିଛନ୍ତି।

## ମାଙ୍କଡ଼ ଆକ୍ରମଣରେ ଶିକ୍ଷକ ଗୁରୁତର

ମାହାଙ୍ଗା,୭।୧୨(ସମିସ): ପଶୁଲୁଣ୍ଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଜିତେଶ କୁମାର ମହାନ୍ତି ମାଙ୍କଡ଼ ଉତ୍ପାତରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସେ କୁଆଁପାଳ ସାଲେପୁର ପୂର୍ତ୍ତ ସଡକରେ ସାଲେପୁର ଅଞ୍ଚଳକୁ ଯାଉଥିଲା ବେଳେ ଗୌଡପଡା ବଜାର ନିକଟରେ ହଠାତ ମାଙ୍କଡ ଆକ୍ରମଣ କରିବାରୁ ତାଙ୍କ ବାଇକ ସହ ଦୁର୍ଘଟଣା ହୋଇଥିଲା। ଏହି ଦୁର୍ଘଟଣା ଯୋଗୁ ତାଙ୍କ ହାତଗୋଡରେ ଗଭୀର ଆଘାତ ଲାଗିଥିବାରୁ ସେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ। ଏ ଅଞ୍ଚଳରେ ମାଙ୍କଡ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବ୍ୟାପକ ଫଳ ପନିପରିବା ଚାଷ ନଷ୍ଟ କରିବା ସହିତ୍ୟ ମୁଖ୍ୟ ରାସ୍ତାରେ ପଥଚାରୀଙ୍କ ପାଇଁ ବପଦ କାରଣ ହୋଇଛି। ଏହି ମାଙ୍କଡ ଦଳକୁ ଅନ୍ୟତ୍ର ଘଉଡ଼ାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ଯୁବକଙ୍କ ବିୟୋଗରେ ସ୍ମୃତିସଭା

ତ୍ରିଶୂଳିଆ,୭।୧୨(ସମିସ): ବାରଙ୍ଗ ଥାନା ମଧୁପୁର ପଞ୍ଚାୟତର ମଧୁବନ ଗ୍ରାମର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନଙ୍କ ଏକାଦଶରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଉକ୍ତ ସଭାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବାଙ୍କୀ ଡମପଡା ଜିଲ୍ଲା ପରିଷଦ ଆଶିଷ ସାହୁ, ବିଜୟ କୁମାର ପଣ୍ଡା,



ସୁରେଶ ମହାନ୍ତି, ରଞ୍ଜନ ଭଟ୍ଟ, ଟୁଲୁ ପ୍ରଧାନ, ବାଙ୍କ ବିହାରୀ ମାଝୀ, ପବିତ୍ର ପ୍ରଧାନ, ସନ୍ତୋଷ ନାୟକ ରାହୁଲଙ୍କ ଆତ୍ମାର ସଦଗତି କାମନାରେ ପାଇଁ ନିରବ ପ୍ରାର୍ଥନା କରିଥିଲେ।

## ନହଙ୍ଗ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସଫଳତା

ଭଦ୍ରେଶ୍ୱର,୭।୧୨(ସମିସ): ମାହାଙ୍ଗା ବ୍ଲକ ଭଉଁରିଆ ପଞ୍ଚାୟତସ୍ଥିତ ନହଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର




କୁନି ବୈଜ୍ଞାନିକମାନେ ବିଜ୍ଞାନମେଳାରେ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ ତତ୍ତ୍ୱାବଧାନରେ ୬ଟି ପ୍ରକଳ୍ପ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନୀତ ହୋଇଥିଲା। ସେଥିରୁ ୪ଟି ପକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ବିଜ୍ଞାନମେଳାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଜିଲ୍ଲା ସ୍ତରରେ ଆୟୋଜିତ ବିଜ୍ଞାନ ମେଳାରେ ୨ଟି ପ୍ରକଳ୍ପ ୧ମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ୧୦ମ ଶ୍ରେଣୀର ଛାତ୍ର ନକିବୁର ରହେମାନ ବିଜ୍ଞାନ ପ୍ରକଳ୍ପ "ସବୁଜ ଶକ୍ତିର ଉତ୍ପାଦନ ଓ ସଂରକ୍ଷଣ" ତଥା ୧୦ମ ଶ୍ରେଣୀର ଛାତ୍ରୀ ତନ୍ମୟୀ ଓଝାଙ୍କର ବିଜ୍ଞାନ ପ୍ରକଳ୍ପ "ଜଳ ସଂରକ୍ଷଣର ୭ଟି ଉପାୟ" ୧ମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ୧୦ମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ବେହେରାଙ୍କ ଦ୍ୱାରା ପ୍ରସ୍ତୁତ "ଗଣିତର ଯାଦୁକାରୀ ରହସ୍ୟ" ୨ୟ ସ୍ଥାନ ଓ ୭ମ ଶ୍ରେଣୀର ଛାତ୍ରୀ ମୋନାଲିସା ସାହୁଙ୍କ ବିଜ୍ଞାନ ପ୍ରକଳ୍ପ "୫ଜ ସୂତ୍ର ମାଧ୍ୟମରେ ପ୍ଲାଷ୍ଟିକ ଓ ବର୍ଯ୍ୟବସ୍ତୁର ପରିଚାଳନା" ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ୩ୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ମାହାଙ୍ଗା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏମାନଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନ ମୋହନ ସ୍ୱାଇଁ, ଆଲୁମନି କମିଟିର ସଭାପତି ଅନୀଲ ଜେନା, ପରିଚାଳନା କମିଟି ଓ ଆଲୁମନି କମିଟିର ସଭ୍ୟସଭ୍ୟାବୃନ୍ଦ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ମିଶ୍ର ଓ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଭାରପାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାପାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ କର୍ମଚାରୀ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ମାହାଙ୍ଗା ବ୍ଲକ୍ ଯାତ୍ରା କମିଟି ସଂଘର ବୈଠକ



ମାହାଙ୍ଗା,୭।୧୨(ସମିସ): ମାହାଙ୍ଗା ବ୍ଲକ ଯାତ୍ରାକମିଟି ସଂଘ ପକ୍ଷରୁ ବଣ୍ଣୁଆ ମହାପୁରୁଷ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ଯାତ୍ରା କମିଟି ସଭପତି ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୬ଟି ଯାତ୍ରା କମିଟି ବିଶେଶ୍ୱର ଯାତ୍ରାକମିଟି (ମାହାଙ୍ଗା), କାର୍ତ୍ତିକେଶ୍ୱର ପୂଜାକମିଟି (କୁଆଁପାଳ), ହରଗୌରୀ ପୂଜାକମିଟି (ଗୌଡ଼ପଡା), ଶିବାନୀ ଯାତ୍ରା କମିଟି (ଓଳାଶୁଣି), ଇଛାବଟ ଯାତ୍ରାକମିଟି (ଖର୍ଡାଙ୍ଗ), ମା ତାରିଣୀ ଯାତ୍ରାକମିଟି (ଆଲୁନଟା) ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ସଭାପତି ମିହିର ସାମଲ, କଟକ ଜିଲ୍ଲାର ସଂଘର ସମ୍ପାଦକ ମହେଶ୍ୱର ବେହେରା ମାଲିକଙ୍କ ଅହେତୁକ ଦର ବୃଦ୍ଧି ପାଇଁ ଯାତ୍ରା କମିଟି କ୍ଷତି ସହୁଥିବାରୁ କମିଟିକୁ ସୁହାଇଲା ଭଳି ଯାତ୍ରାପାର୍ଟି ବୁକିଂ କରିବା ଏବଂ ମାହାଙ୍ଗା କଳା ସଂସ୍କୃତିର ମାଟି ଓ ଗଣକବି ବୈଷ୍ଣବ ପାଣିଙ୍କ ମାଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯିବ ନାହିଁ ବୋଲି ସହମତି ପ୍ରକାଶ କରିଥିଲେ।

## ରତାପାଟ ବ୍ରିଗେଡ୍ ସୈନିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ବଡମ୍ବା,୭।୧୨(ସମିସ): ବଡମ୍ବା ବ୍ଲକ ରତାପାଟସ୍ଥିତ ଓଡିଶା ବ୍ରିଗେଡ ସ୍କୁଲ ଛାତ୍ରଛାତ୍ରୀ ଜିଲ୍ଲା ପାଇଁ ସମ୍ମାନ ସାଉଁଟି ଭୁବନେଶ୍ୱରରୁ ଫେରିଛନ୍ତି। ଓଡିଶା ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ଦ୍ୱାରା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ବୁଲବୁଲ ଉତ୍ସବ-୨୦୨୫ରେ ଓଡିଶା ବ୍ରିଗେଡ ସ୍କୁଲ ରତାପାଟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଗ୍ରୁପ ଲିଡର ଅଭିମନ୍ୟୁ ବେହେରା ଏବଂ ଫ୍ଲୋକ ଲିଡର ଶ୍ରଦ୍ଧାଞ୍ଜଳି ରାଉତଙ୍କ ତତ୍ତ୍ୱାବଧାନରେ




କୋଚରୁ ୬ ଜଣ ଛାତ୍ର ଏବଂ ବୁଲବୁଲରୁ ୭ ଜଣ ଛାତ୍ରୀ ଶିବିରରେ ଯୋଗଦେଇଥିଲେ। ଶିବିରରେ ଫ୍ଲକ ଲିଡର ମିତାଲି ମହାପାତ୍ର ସମସ୍ତ ପିଲାଙ୍କ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିଥିଲେ ସମଗ୍ର ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରୁ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରତାପାଟ ଓଡିଶା ବ୍ରିଗେଡ ସ୍କୁଲ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗ୍ରୁପ ପ୍ରତିଯୋଗିତାରେ ଆୟୋଜିତ ହୋଇଥିବା ରେଡ୍ ଫ୍ଲାଗ କ୍ଲବରେ ୩ୟ ଏବଂ ଯୋଗ ପ୍ରତିଯୋଗିତାରେ ୩ୟ ସ୍ଥାନ ଗ୍ରହଣ କରି କଟକ ଜିଲ୍ଲାର ସମ୍ମାନ ବୃଦ୍ଧି କରିଛନ୍ତି। ସେହିପରି ବ୍ୟକ୍ତିଗତ ପ୍ରତିଯୋଗିତାରେ ଅଙ୍କିତା ନାୟକ, ରାମ୍ପୱାକ୍ (ସ୍ୱର୍ଣ୍ଣ), ନୃତ୍ୟରେ (୨ଟି ସ୍ୱର୍ଣ୍ଣ) ଓ ମାସ୍କ ମେକିଙ୍ଗ (ସ୍ୱର୍ଣ୍ଣ) ମେଡାଲ ପାଇଛନ୍ତି। ସେହିପରି ସ୍ମିତି ପ୍ରଧାନ ରଙ୍ଗୋଲିରେ (ସ୍ୱର୍ଣ୍ଣ) ନୃତ୍ୟ (ରୌପ୍ୟ), ରାମ୍ପୱାକ (ରୌପ୍ୟ) ପାଇଛନ୍ତି। ରାଜସ୍ମିତା ଦାସ ନୃତ୍ୟରେ (ରୌପ୍ୟ) ପାଇଛନ୍ତି। ରଞ୍ଜନ ସିଂ ଚିତ୍ରାଙ୍କନ (ସ୍ୱର୍ଣ୍ଣ) ମାସ୍କ ମେକିଂ (ରୌପ୍ୟ) ମେଡାଲ ପାଇଛନ୍ତି ଈଶ୍ୱର ନାୟକ, ଦେବାଂଶୀ ପ୍ରିୟଦର୍ଶିନୀ ପ୍ରଧାନ ମୀନାବଜାର ୩ୟ ସ୍ଥାନ ଆଜି କୃତକାର୍ଯ୍ୟ ହୋଇ ସ୍କୁଲ ଫେରିଥିବା କ୍ଲବ ବୁଲବୁଲ ଟିମର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ଭବ୍ୟ ସ୍ୱାଗତ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଉପଦେଷ୍ଟାମଣ୍ଡଳୀ ଓ ସ୍ଥାନୀୟ ସରପଞ୍ଚ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

## ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟରେ ମୀନାବଜାର



ଫୁଲନଖରା,୭।୧୨(ସମିସ): ବାରଙ୍ଗ ବ୍ଲକ ଜିଗିନିପୁରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୀନାବଜାର ଅନୁଷ୍ଠିତ ହୋଇଯାଇଛି। ମୀନାବଜାରରେ ୨୫ରୁ ଉର୍ଦ୍ଧ୍ୱ ସୁଷମ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଭାପତି ଆଇନଜୀବୀ ଦିଲ୍ଲୀପ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭୁବନେଶ୍ୱର ହୋଟେଲ ମ୍ୟାନେଜମେଣ୍ଟର ଅଧ୍ୟାପକ ଅରୁଣ ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ, ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ, ଜୟସୂର୍ଯ୍ୟ ପତି ଓ ସଂପାଦକ ରଣଜିତ ପାତ୍ର ଜଙ୍କ୍ ଫୁଡ୍ ଠାରୁ ଛାତ୍ରଛାତ୍ରୀଙ୍କୁ ଦୂରେଇ ରଖିବାକୁ ଅଭିଭାବିକାଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ମାଣ୍ଡିଆ ଓ ପାଳଙ୍ଗ ଶାଗ ପ୍ରସ୍ତୁତ ଖାଦ୍ୟଗୁଡିକ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ବିଦ୍ୟାଳୟର ଅଧକ୍ଷା କୁଦରତୁନ୍ ନିଶା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିନୋଦ ପାତ୍ର, ସଂଧ୍ୟାରାଣୀ ବେହେରା, ନର୍ଗିସ ଖାନମ୍, ରୂପାଲି ସାମଲ, ବୈଜୟନ୍ତୀ ନାୟକ, ସ୍ୱାଗତିକା ମୂଳିଆ, ପ୍ରିୟଙ୍କା ଦାଶ ଓ ମିତାଲି ମଧୁସ୍ମିତା ଜେନା ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

● ଶଙ୍ଖାମେରୀ ପ୍ରିମିୟର୍ ଲିଗ୍

## ସିଆରେନ୍ ଇଲେଭେନ୍ ତାଳଚେର ଚାମ୍ପିଅନ




ବଡମ୍ବା,୭।୧୨(ସମିସ): ବଡ଼ମ୍ବା ବ୍ଲକ୍ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଶଙ୍ଖାମେରୀ ପ୍ରିମିୟର୍ ଲିଗ୍ ଫାଇନାଲ୍ ମ୍ୟାଚ୍‌ରେ ଇମେଜ ଇଲେଭେନ୍, ଭଦ୍ରକକୁ ହରାଇ ସିଆରେନ୍ ଇଲେଭେନ୍, ତାଳଚେର ଚାମ୍ପିଅନ ହୋଇଛି। ବିଜ୍ଞପ୍ରସାଦ ମ୍ୟାନ୍ ଅଫ ଦ ମ୍ୟାଚ୍ ହୋଇଥିବା ବେଳେ ଇମେଜ ଇଲେଭନ ଦଳର ହିମାଂଶୁ ଶେଖର ଧଳ ମ୍ୟାନ୍ ଅଫ ଦ ସିରିଜ୍ ଓ ହୀରାଲାଲ ମେଣ୍ଡିସ ବେଷ୍ଟ ବୋଲର ପୁରସ୍କାର ଅର୍ଜନ କରିଛନ୍ତି। ବିଧାୟକ ବିଜୟ ଦଳବେହେରା ମୁଖ୍ୟଅତିଥି, ବଡ଼ମ୍ବା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, କଟକ ସେବା ସଂଗଠନର ମୁଖ୍ୟ ପପୁ ପାତ୍ର, ଇଚ୍ଛାପୁର ସରପଞ୍ଚ ଚିନ୍ତାମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଖେଳକୁ ଜ୍ଞାନ ରଞ୍ଜନ ଏବଂ ସତ୍ୟନାରାୟଣ ସାବତ ପରିଚାଳନା କରିଥିବା ବେଳେ କମିଟିର ସନ୍ତୋଷ ବିଶ୍ୱାଳ, ନିଲୁଆ ନନ୍ଦ, ଜ୍ଞାନ ସ୍ୱାଇଁ, ତାପସ ପରିଚାଳନା କରିଥିଲେ।

## ସେତୁରେ ଦୁଇ ଗାଡ଼ି ମୁହାଁମୁହିଁ; ଦୁଇ ଗୁରୁତର

ତ୍ରିଶୂଳିଆ,୭ ।୧୨(ସମିସ): ସୁଭାଷ ସେତୁ ଉପରେ ସ୍କୁଟି-ପଲସର ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ରବିବାର ଅପରାହ୍ନ ୪ଟା ସମୟରେ କଟକରୁ ତ୍ରିଶୂଳିଆ ଅଭିମୁଖେ ଆସୁଥିବା ପଲସର ଓଡି ୦୫ଡି ୨୬୩୪ ଗାଡ଼ି ସହ ବିପରୀତ ଦିଗରୁ ଆସୁଥିବା ଓଡି ୦୫ଏଏଲ ୦୧୯୫ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟ ଗାଡ଼ି ଭାଙ୍ଗିରୁଜିଯିବା ସହ ଉଭୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବାରଙ୍ଗ ଥାନା ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମନ ମୋହିଲା ଘୋଡ଼ା ନାଚ ଓ ମେଲୋଡି



ବଡ଼ମ୍ବା,୭।୧୨(ସମିସ): ରତାପାଟ ଆଞ୍ଚଳିକ ମହାଲକ୍ଷ୍ମୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଘୋଡ଼ା ନାଚ ଓ ଗୀତ ଅଞ୍ଚଳ ମେଲୋଡିରେ ଦର୍ଶକ ମତୁଆଲା। ମହୋତ୍ସବ କମିଟିର ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ମାଳତୀ ସରପଞ୍ଚ ରତ୍ନାକର ବେହେରା, ରତାପାଟ ସରପଞ୍ଚ ମଗିରାମ ବେହେରା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଚତୁର୍ଥ ଦିବସରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ଘୋଡା ନାଚ ଓ ଗୀତ ମେଲୋଡିରେ ମୋହିତ ହୋଇଥିଲେ। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟପେୟ ସହ ରାମଦୋଳିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖେଳିବା ଷ୍ଟଲରେ ଭିଡ଼ ଜମିଛି। କମିଟିର ରବୀନ୍ଦ୍ର ଦାସ, ରବୀନ୍ଦ୍ର ସେଠୀ, ଦୁଃଶାସନ ପଲେଇ, ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ୍ତ ପଣ୍ଡା, ସୋମନାଥ ଖୁଣ୍ଟିଆ, ପ୍ରସନ୍ନ ପ୍ରଧାନ ମଞ୍ଚ କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ସମୀର ରାଉତ ସଂଯୋଜନାରେ ରତାପାଟ ଗ୍ରାମପଞ୍ଚାୟତ ହାଇସ୍କୁଲ ଛାତ୍ରୀମାନେ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ ପରିଚାଳନା କରିଥିଲେ।

## ସଦର ଥାନାଞ୍ଚଳ ଶାନ୍ତି କମିଟି ପକ୍ଷରୁ ବନ୍ଧୁମିଳନ

ଫୁଲନଖରା,୭।୧୨(ସମିସ): କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ବିଶାଳ ବନ୍ଧୁମିଳନ କାର୍ଯ୍ୟକ୍ରମ ଦାରୁଠେଙ୍ଗ ନିକଟବର୍ତ୍ତୀ ମା' ବନଦୁର୍ଗା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କଟକ ମହାନଗର ନିଗମର ମେୟର ସୁବାସ ସିଂହ ଚଳିତ ବର୍ଷ ବିଭିନ୍ନ ପୂଜାପାର୍ବଣରେ ଆଞ୍ଚଳିକ ଶାନ୍ତି କମିଟିର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ୪ଟି ୱାର୍ଡର ବିଭିନ୍ନ ସମସ୍ୟାକୁ ସମାଧାନ ନିମନ୍ତେ ଯଥାସାଧ ଚେଷ୍ଟା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବରେ ୪୮ ଭାଗ ମହନ୍ତ ବନମାଳି ଦାସ, ବରିଷ୍ଠ ଉପଦେଷ୍ଟା ପୀତବାସ ମହାପାତ୍ର, ଡ. ଶରତ ରଥ ଓ ଶ୍ରୀସନ୍ନ୍ୟାସୀଜୀ, ସଭାପତି ନିମାଇଁ



ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ସଂପାଦକ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସଂପାଦକ ନଳିନୀ ସେନାପତି, କୋଷାଧକ୍ଷ ସୁଶାନ୍ତ ମହାନ୍ତି ପ୍ରମୁଖ ଶାନ୍ତି କମିଟିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କର୍ପୋରେଟର ମମତା ମହାନ୍ତି, ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ ଓ ୪ନଂ ଜୋନ୍ ଜିଲ୍ଲା ପରିଷଦ ଆଶାଲତା ବେହେରା, ବାଦଲ ଜେନା, ଅନୀଲ ବେଉରା, ଦିଲ୍ଲୀପ ମହାରଣା, କବି ନାରାୟଣ ଜେନା, କୌଶିକ ଜେନା, କଳ୍ପତରୁ ଖୁଣ୍ଟିଆ, ସମରେନ୍ଦ୍ର ହାତୀ ଉପସ୍ଥିତ ଥିଲେ। ସଦର ଥାନାଞ୍ଚଳର ମହାଦେବ ପୂଜା କମିଟି, ଦୁର୍ଗାପୂଜା କମିଟି ଓ ଲକ୍ଷ୍ମୀପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ଶାନ୍ତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଦିଲ୍ଲୀପ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିଷମରା ଦନ୍ତା ଆତଙ୍କ: ବନ ବିଭାଗ ଚୁପ

ଟାଙ୍ଗୀ,୭ ।୧୨(ସମିସ):

ଟାଙ୍ଗୀ ଚୌଦ୍ୱାର ଅଞ୍ଚଳରେ ହାତୀପଲଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ହାତୀ ଆକ୍ରମଣରେ ଗୋଟିଏ ମାସରେ ଦୁଇ ଜଣଙ୍କ ଜୀବନ ଗଲାଣି। ବନ ବିଭାଗ ତତ୍ପରତା ଶିଥିଳ ଥିବା ଭଳି ମନେ ହେଉଛି। ନଭେମ୍ବର ଆଠ ତାରିଖରେ ହାତୀ ଆକ୍ରମଣରେ ଅଭୟପୁର ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହା ବିରୁଦ୍ଧରେ ସ୍ଥାନୀୟ ଅଞ୍ଚଳବାସୀ ଟାଙ୍ଗୀ ହରିପୁର ରାସ୍ତା ଅବରୋଧ



କରିଥିଲେ। ବୈରୀ ଡାଳିଯୋଡା ବନଖଣ୍ଡ ଅଧିକାରୀ ପହଞ୍ଚି ଟ୍ରାଙ୍କୁଲାଇଜ କରି ମଣିଷ ମରା ଦନ୍ତାକୁ ଏଠାରୁ ନେଇଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଦନ୍ତାକୁ ସେମାନେ ନ ନେବା ଫଳରେ ଗହଣ୍ଡା ଗ୍ରାମର ଜଣେ ଆଦିବାସୀ ଲୋକକୁ ଆକ୍ରମଣ କରି ମାରିଦେଇଥିବା ଦେଖିବାକୁ ମିଳିଥିଲା। ତେବେ ବର୍ତ୍ତମାନ ଧାନ ଫସଲ ଅମଳ ସମୟ। ଏହି ସମୟରେ ହାତୀଙ୍କ ଉତ୍ପାତରେ ଧାନ ଫସଲ ନଷ୍ଟ ହେବାରେ ଲାଗିଛି। ହାତୀ ଭୟରେ ଚାଷୀ ଆତଙ୍କିତ ହେଉଥିବା ଦେଖିବାକୁ ମିଳିଛି। ଦିନ ସମୟରେ ହାତୀପଲ ରାସ୍ତାରେ ଯାଉଥିବାରୁ ବାଟୋଇ ଯିବାକୁ ଭୟ କରୁଛନ୍ତି। ଏପରିକି ଅଞ୍ଚଳର ବିଭିନ୍ନ ବଜାରରେ ହାତୀ ଉତ୍ପାତ କରୁଥିବା ଜଣାପଡିଛି। ବିଶେଷକରି ସଫା, କରଞ୍ଜି, ଗରୁଡ଼ଗାଁ, ଶାଳଗାଁ, ବ୍ରହ୍ମପୁର, ଶଙ୍କରପୁର, ମହିଷାଲଣ୍ଡା, ମଙ୍ଗରାଜପୁର, କନ୍ହେଇପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ହାତୀ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ଉକ୍ତ ମଣିଷ ମରା ହାତୀକୁ ଟାଙ୍କୁଲାଇଜ କରି ନେଇଯିବାକୁ ସାମାଜିକ କର୍ମୀ ରକ୍ଷ୍ୟାନନ୍ଦ ସ୍ୱାଇଁ ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୭.୯୬
- ୟୁରୋ ୧୦୨.୭୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୧୨.୦୦
- ନିଫ୍ଟି ୨୬,୧୮୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ହୋଟେଲ, ଇଭେଣ୍ଟ ଆୟୋଜକ ନେଇପାରିବେନି ଆଧାର କାର୍ଡର ଭୌତିକ ଫଟୋକପି

# ନିଷିଦ୍ଧ ହେବ ଆଧାର କାର୍ଡର ଫଟୋକପି

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଆଗାମୀ ଦିନରେ ହୋଟେଲ, ଇଭେଣ୍ଟ ଆୟୋଜକ ଏବଂ ଏହି ଭଳି ସମାନ ପ୍ରକାରର ସଂସ୍ଥାଗୁଡ଼ିକ ଆଉ ଗ୍ରାହକଙ୍କଠାରୁ ଆଧାର କାର୍ଡର ଫିଜିକାଲ ବା ଭୌତିକ ଫଟୋକପି ନେଇପାରିବେନାହିଁ। ଏଭଳି କାର୍ଯ୍ୟକୁ ରୋକିବା ପାଇଁ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ନୂଆ ଆଧାର ନିୟମ ଆଣିବାକୁ ଯାଉଛି। ନୂତନ ନିୟମରେ ବିଭିନ୍ନ ସଂସ୍ଥାଙ୍କ ଦ୍ୱାରା ଆଧାର ଫଟୋକପି ରଖିବାର ଅଭ୍ୟାସ ବିଦ୍ୟମାନ ଆଧାର ଆଇନକୁ ଉଲ୍ଲଂଘନ କରୁଛି। ତେଣୁ ଆଧାର କାର୍ଡର ଫଟୋକପି ବ୍ୟବସ୍ଥା ନିଷିଦ୍ଧ ହେବ। କେନ୍ଦ୍ର ସରକାର ଖୁବ୍ ଶୀଘ୍ର ଆଧାର କାର୍ଡ ପାଇଁ ନୂଆ ଡିଜିଟାଲ୍ ଯାଞ୍ଚ ନିୟମ ଆଣିବେ।

ଏ ସମ୍ପର୍କରେ ୟୁଆଇଡିଏଆଇ ସିଇଓ ଭୁବନେଶ କୁମାର କହିଛନ୍ତି ଯେ, ସରକାର ଆଧାର ଯାଞ୍ଚର ଏକ ନୂତନ ତାଞ୍ଚାକୁ ଅନୁମୋଦନ ଦେଇଛନ୍ତି। ଯାହା ଆଧାର-ଆଧାରିତ ଯାଞ୍ଚ ପରିଚାଳନା କରୁଥିବା ସଂସ୍ଥାଗୁଡ଼ିକୁ - ହୋଟେଲ ଏବଂ ଇଭେଣ୍ଟ ଆୟୋଜକଙ୍କ ସମେତ ସିଷ୍ଟମରେ



**ୟୁଆଇଡିଏଆଇ ଆଣିବ ନୂଆ ଆଧାର ନିୟମ**

**ନୂତନ ଡିଜିଟାଲ୍ ଯାଞ୍ଚ ନିୟମ ଖୁବ୍ ଶୀଘ୍ର**

ପଞ୍ଜିକରଣ କରିବାକୁ ଏବଂ ଏକ ନୂତନ ଯାଞ୍ଚ ପ୍ରଯୁକ୍ତିବିଦ୍ୟାର ପ୍ରବେଶ ପାଇବାକୁ ବାଧ୍ୟତାମୂଳକ କରିଥାଏ। କୁମାର କହିଛନ୍ତି ଯେ ସିଷ୍ଟମ କ୍ୟୁଆର୍ କୋଡ୍ ସ୍କାନିଂ ମାଧ୍ୟମରେ କିମ୍ବା ବର୍ତ୍ତମାନ ବିକାଶଧୀନ ଏକ ନୂତନ ଆଧାର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଯାଞ୍ଚ କରିବାକୁ ଅନୁମତି ଦେବ। ନୂତନ ନିୟମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦନ କରାଯାଇଛି ଏବଂ ଶୀଘ୍ର ଏ ସମ୍ପର୍କରେ ସୂଚିତ କରାଯିବ। ଏହା ହୋଟେଲ, ଇଭେଣ୍ଟ ଆୟୋଜକଙ୍କ ଭଳି ଅଫ୍‌ଲାଇନ୍ ଯାଞ୍ଚ-ଖୋଜୁଥିବା ସଂସ୍ଥାଗୁଡ଼ିକର ପଞ୍ଜିକରଣକୁ ବାଧ୍ୟତାମୂଳକ କରିବ। ଉଦ୍ଦେଶ୍ୟ ହେଉଛି କାଗଜ-ଆଧାରିତ ଯାଞ୍ଚକୁ ନିରୁତ୍ସାହିତ କରିବା ବୋଲି ଶ୍ରୀ କୁମାର କହିଛନ୍ତି।

ପୁନଃନିର୍ମିତ ଯାଞ୍ଚ ପ୍ରକ୍ରିୟା କେନ୍ଦ୍ରୀୟ ଆଧାର ଡାଟାବେସ୍‌କୁ ଅନୁରୋଧଗୁଡ଼ିକୁ ପଠାଉଥିବା ମଧ୍ୟବର୍ତ୍ତୀ ସର୍ଭରରେ ବାଧା ଯୋଗୁଁ ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜଗୁଡ଼ିକର ସମାଧାନ କରିବ ବୋଲି ମଧ୍ୟ ଆଶା କରାଯାଉଛି। ଯେଉଁ ସଂସ୍ଥାଗୁଡ଼ିକୁ ଅଫଲାଇନ୍ ପ୍ରମାଣୀକରଣ ଆବଶ୍ୟକ ହୁଏ ସେମାନଙ୍କୁ ଏକ ଏପିଆଇ (ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍) ପ୍ରବେଶ ପ୍ରଦାନ କରାଯିବ, ଯାହା ସେମାନଙ୍କୁ ସେମାନଙ୍କ ସଫ୍ଟୱେରରେ ଯାଞ୍ଚ ସିଷ୍ଟମ୍ ଅନ୍ତର୍ଭୁକ୍ତ କରିବାକୁ ସକ୍ଷମ କରିବ।

ୟୁଆଇଡିଏଆଇ ବର୍ତ୍ତମାନ ଏକ ନୂତନ ଆପ୍ଲିକେସନ୍‌ର ବିଟା-ପରୀକ୍ଷଣ କରୁଛି ଯାହା ପ୍ରତ୍ୟେକ କାରବାର ପାଇଁ କେନ୍ଦ୍ରୀୟ ସର୍ଭର ସହିତ ସଂଯୋଗ ନକରି ଆପ୍-ଟୁ-ଆପ୍ ପ୍ରମାଣୀକରଣକୁ ସମର୍ଥନ କରିବ। ଏହି ସମାଧାନକୁ ବିମାନବନ୍ଦର ଏବଂ ବୟସ-ପ୍ରତିବନ୍ଧିତ ଜିନିଷ ବିକ୍ରି କରୁଥିବା ଖୁଚୁରା ଦୋକାନ ସମେତ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଇପାରିବ। କୁମାର ଗୁରୁତ୍ୱାରୋପ କରିଛନ୍ତି ଯେ ଅପଡେଟ୍ ହୋଇଥିବା ଯାଞ୍ଚ ଢାଞ୍ଚା ଗୋପନୀୟତା ସୁରକ୍ଷାକୁ ବୃଦ୍ଧି କରିବ ଏବଂ କାଗଜ-ଆଧାରିତ ଆଧାର ପରିଚାଳନା ସହିତ ଜଡ଼ିତ ବିପଦକୁ ଦୂର କରିବ। ଯାଞ୍ଚର ସହଜତା କାଗଜ ବ୍ୟବହାର ନକରି ଅଫଲାଇନ୍ ଯାଞ୍ଚକୁ ବୃଦ୍ଧି କରିବ ଏବଂ ଉପଯୋଗକର୍ତ୍ତାଙ୍କ ଗୋପନୀୟତା ବଜାୟ ରଖିବ କିମ୍ବା ଅପବ୍ୟବହାର ପାଇଁ ସେମାନଙ୍କର ଆଧାର ଡାଟା ଲିକ୍ ହେବାର କୌଣସି ବିପଦ ରହିବ ନାହିଁ ବୋଲି ସେ କହିଛନ୍ତି। ଆପ୍ ଆଗାମୀ ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନକୁ ସମର୍ଥନ କରିବ, ଯାହା ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ବ୍ୟବହାରକାରୀମାନେ ଅପଡେଟ୍ ହୋଇଥିବା ଠିକଣା ପ୍ରମାଣ ପତ୍ର ଅପଲୋଡ୍ କରିପାରିବେ ଏବଂ ସମାନ ଆପରେ ମୋବାଇଲ୍ ଫୋନ୍ ବିନା ପରିବାର ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିପାରିବେ।

## ଇଣ୍ଡିଗୋ ସଙ୍କଟ: ଆଶଙ୍କାରେ ପର୍ଯ୍ୟଟକ

**ଖ୍ରୀଷ୍ଟମାସ, ନବବର୍ଷରେ ଲାଗିବ ଝଟ୍‌କା**

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ସମ୍ପ୍ରତି ଘରୋଇ ବିମାନ କମ୍ପାନୀ ଇଣ୍ଡିଗୋ ଏୟାରଲାଇନ୍ସରେ ଦେଖାଦେଇଥିବା ସଙ୍କଟ ବିମାନ ଯାତ୍ରୀମାନଙ୍କ ପାଇଁ ଏକ ଦୀର୍ଘକାଳୀନ ସମସ୍ୟା ଭାବେ ଉଭା ହୋଇପାରେ। କାରଣ ଦେଶର ଦେଶର ବୃହତ୍ ବିମାନ କମ୍ପାନୀ ଇଣ୍ଡିଗୋ ପ୍ରସ୍ତୁତି ଏହାର ପରିଚାଳନା ସମସ୍ୟା ସହ ଯୁଝୁଛି। ଏମିତିକି ଇଣ୍ଡିଗୋ ସଙ୍କଟ ଅଢ଼େଇ ମାସ ପର୍ଯ୍ୟନ୍ତ ଲାଗିରହିପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ ବିମାନ କମ୍ପାନୀ କହିଛି ଯେ ନୂଆ ନିୟମ ଅନୁଯାୟୀ ଉଡ଼ାଣ ପରିଚାଳନା ୨୦୨୬ ଫେବୃଆରୀ ୧୦ ସୁଦ୍ଧା ହୋଇଯିବ।

**ରାଜସ୍ଥାନ ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ**

ଅପରପକ୍ଷେ ଇଣ୍ଡିଗୋର ଉଡ଼ାଣକୁ ନେଇ ସୃଷ୍ଟି ହୋଇଥିବା ସଙ୍କଟ ବର୍ତ୍ତମାନର ପର୍ଯ୍ୟଟନ ଋତୁରେ ରାଜସ୍ଥାନର ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରଭାବିତ କରିଛି। ପର୍ଯ୍ୟଟନ ଶିଳ୍ପର ବ୍ୟକ୍ତିମାନେ ରବିବାର କହିଛନ୍ତି ଯେ ଏହି ସଙ୍କଟ ଯୋଗୁଁ ପର୍ଯ୍ୟଟକଙ୍କ ଆଗମନରେ ହ୍ରାସ ପାଉଛି। ଏବଂ ଅନେକ କ୍ଷେତ୍ରରେ ହୋଟେଲ ଏବଂ ଟ୍ରାଭେଲ ଓ ଟୁର୍ ଅପରେଟରମାନଙ୍କୁ ପ୍ରଭାବିତ କରିଛି। ଏହା ଉଲ୍ଲେଖନୀୟ ଯେ ଡିସେମ୍ବରକୁ ରାଜସ୍ଥାନର ସବୁଠାରୁ ବ୍ୟସ୍ତ ପର୍ଯ୍ୟଟନ ଋତୁ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଶୀତକାଳୀନ ପର୍ଯ୍ୟଟନ ଋତୁ ସାଧାରଣତଃ ଡିସେମ୍ବରରେ ଶିଖରକୁ ଯାଇଥାଏ। ଯଦି ଇଣ୍ଡିଗୋ ଏୟାରଲାଇନ୍ସର ଏହି ସମସ୍ୟା ବର୍ତ୍ତମାନ ସମୟରେ ନ ସୁଧୁରେ ତେବେ ଖ୍ରୀଷ୍ଟମାସ ଏବଂ ନବବର୍ଷ ଛୁଟି ପାଇଁ ଯୋଜନା କରୁଥିବା ପର୍ଯ୍ୟଟକଙ୍କୁ ବଡ଼ ଝଟ୍‌କା ଲାଗିବ। ଅପରପକ୍ଷେ କମ୍ପାନୀ ସରକାରଙ୍କୁ ଏହାର ଉଡ଼ାଣ ଶୁଳ୍କ ମାନଦଣ୍ଡରେ ଛାଡ଼ ପାଇଁ ମଧ୍ୟ ଅନୁରୋଧ କରିଛି।

ଅପରପକ୍ଷେ ବିମାନ ଯାତ୍ରୀମାନେ ସବୁଠାରୁ ଅଧିକ କ୍ରୋଧିତ ଯେ ବିମାନ କମ୍ପାନୀଗୁଡ଼ିକ ସେମାନଙ୍କୁ ଉଡାଣ ନେଇ ସଠିକ୍ ସୂଚନା ପ୍ରଦାନ କରୁନାହାନ୍ତି। ସେମାନଙ୍କୁ କେବଳ ଆଉ ୧-୨ ଘଣ୍ଟା ଅପେକ୍ଷା କରିବାକୁ କୁହାଯାଉଛି। ପରିସ୍ଥିତି ଏପରି ହୋଇଛି ଯେ ମହିଳା, ପିଲା ଏବଂ ବୃଦ୍ଧଙ୍କ ସମେତ ଯାତ୍ରୀମାନେ ୧୦-୧୨ ଘଣ୍ଟା ଧରି ବିମାନବନ୍ଦରରେ ବିମାନ ପାଇଁ ଅପେକ୍ଷା କରୁଛନ୍ତି ଏବଂ ଶେଷରେ ସେମାନଙ୍କୁ ଜଣାଇ ଦିଆଯାଉଛି ଯେ ସେମାନଙ୍କର ଉଡ଼ାଣ ବାତିଲ କରାଯାଇଛି। ଇଣ୍ଡିଗୋର ସଙ୍କଟ ଯୋଗୁଁ ଅନ୍ୟ ବିମାନ କମ୍ପାନୀଗୁଡ଼ିକର ବିମାନ ଭଡ଼ା ଆକାଶଛୁଆଁ ହୋଇଛି।

## ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ଅଧାରୁ ଅଧିକ ଓଡ଼ିଶାରେ

ଭୁବନେଶ୍ୱର,୭।୧୨(ସମିସ): ଭାରତର ମୋଟ ବକ୍ସାଇଟ୍ ସଂରକ୍ଷଣର ଅଧାରୁ ଅଧିକ ଓଡ଼ିଶାରେ ଅଛି ଯାହା ଦେଶର ମୋଟ ପରିମାଣର ପ୍ରାୟ ୫୧ ପ୍ରତିଶତ। ଏହା ବିଶ୍ୱର କିଛି ସ୍ଥାନ ମଧ୍ୟରୁ ଗୋଟିଏ ଯେଉଁଠାରେ ଉଚ୍ଚମାନର, ବଡ଼ ପରିମାଣର ଗଚ୍ଛିତ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକରେ ରହିଛି। ତଥାପି ଏହି ଗଚ୍ଛିତ ସ୍ଥାନଗୁଡ଼ିକ ଅବ୍ୟବହୃତ ହୋଇ ରହିଛି। ଅନେକ ଖଣି କାର୍ଯ୍ୟକ୍ଷମ ହୋଇନାହିଁ, ଅନେକ ପ୍ରକଳ୍ପ ଦୀର୍ଘ ସମୟ ଧରି କ୍ଲିୟରାନ୍ସରେ ଫସି ରହିଛି, ଏବଂ ରାଜ୍ୟର ଖଣିଜ କ୍ଷେତ୍ରର ଏକ ବଡ଼ ଅଂଶ ସେମାନଙ୍କର ଜାତୀୟ ରଣନୈତିକ ଗୁରୁତ୍ୱ ସତ୍ତ୍ୱେ ବନ୍ଦ ରହିଛି। ଫଳସ୍ୱରୂପ, ଭାରତ ଆମଦାନୀ ହୋଇଥିବା ବକ୍ସାଇଟ୍ କିମ୍ବା ଆଲୁମିନା ଉପରେ ନିର୍ଭର କରିଚାଲିଛି, ଯାହାକି ଦେଶକୁ ବିରଳ-ମୃତ୍ତିକା କ୍ଷେତ୍ରରେ ଦୁର୍ବଳ କରିଥିବା ନିର୍ଭରତାକୁ ପ୍ରତିଫଳିତ କରେ। ଚୀନର ବିରଳ-ପୃଥିବୀ ଅଭିଜ୍ଞତା ବିଶ୍ୱକୁ ଦେଖାଇଛି ଯେ ସମ୍ପଦର ପ୍ରାଧାନ୍ୟ କିପରି ବିଶ୍ୱ ସ୍ତରରେ ପରିଣତ ହୁଏ। ଭାରତ ଆଲୁମିନିୟମରେ ସମାନ ନିର୍ଭରଶୀଳତା ବହନ କରିପାରିବ ନାହିଁ। ଓଡ଼ିଶାର ବକ୍ସାଇଟ୍ ଖଣି ଖୋଲିବା ଏକ ବିକଳ୍ପ ନୁହେଁ, ଏହା ଏକ ଜାତୀୟ ଜରୁରୀ ଅଟେ ବୋଲି "ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ମଧୁମିତା ଦାସ କହିଛନ୍ତି।

## ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟ ଘର : ମୁଫ୍ତ ବିଜିଳି ଯୋଜନା ଷ୍ଟଲରେ ତିନି ଅଲିମ୍ପିଆନ



ଭୁବନେଶ୍ୱର,୭।୧୨(ସମିସ): କଳିଙ୍ଗ ଷ୍ଟାଡିୟମ ପରିସରରେ ଲାଗିଥିବା ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟଘର : ମୁଫ୍ତ ବିଜିଳି ଯୋଜନା ସମ୍ପର୍କିତ ଷ୍ଟଲକୁ ଅଲିମ୍ପିଆନ ତଥା ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କି, ଶ୍ରାବଣୀ ନନ୍ଦ ଓ ଦୀପଗ୍ରେସ ଏକ୍କା ବୁଲି ଦେଖିବା ସହ ରୁଫଟପ୍ ସୋଲାର ସ୍ଥାପନ ସମ୍ପର୍କରେ ବୁଝିଥିଲେ। ଏହା ଏକ ଭଲ ସ୍କିମ୍ ସବୁଘରେ ଏହି ଯୋଜନାରେ ସାମିଲ ହୋଇ ନିଜ ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରିବା ସହ ସରକାରଙ୍କ ସବସିଡିର ଲାଭ ଉଠାଇପାରିବେ ବୋଲି ସେମାନେ ମତ ଦେଇଛନ୍ତି। ଏହି ଯୋଜନାକୁ ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଟିପିସିଓଡିଏଲର ପ୍ରୟାସକୁ ସେମାନେ ପ୍ରଶଂସା କରିବା ସହ ସମସ୍ତେ ସବୁଜ ଶକ୍ତିର ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉତ୍କଳ କଲେଜ ସ୍କୁଲ ସମ୍ପାଦକ ଡକ୍ଟର ହରି ପ୍ରସାଦ ପଟ୍ଟନାୟକ ମଧ୍ୟ ଷ୍ଟଲ ବୁଲିବା ସହ ଏହି ଯୋଜନା ମାଧ୍ୟମରେ କିପରି ସୁଲଭ ମୂଲ୍ୟରେ ଓ ସହଜରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇପାରିବ ସେ ବିଷୟରେ ବୁଝିଥିଲେ। ଉପଭୋକ୍ତା ମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡିର ଲାଭ ଉଠାଇ ଏହି ଯୋଜନାରେ ସାମିଲ ହୋଇପାରିବେ।

## ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର; ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବ

**୧୬,୪୮୨ କୋଟି ବ୍ୟୟବରାଦ ୨୦୨୬ ଡିସେମ୍ବର ସୁଦ୍ଧା ଶେଷ ହେବ**

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ନିର୍ମାଣ କରାଯିବ। ୬ ଲେନ୍ ବିଶିଷ୍ଟ ଏହି ଗ୍ରୀନଫିଲ୍ଡ କରିଡର ଛତିଶଗଡ଼, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରିବ। ଏହି କରିଡର ଛତିଶଗଡ଼ର ବନାଞ୍ଚଳ, ଓଡ଼ିଶାର ଖଣିଜ ସମୃଦ୍ଧ କ୍ଷେତ୍ର ଏବଂ ଆନ୍ଧ୍ରପ୍ରଦେଶର ପାର୍ବତ୍ୟାଞ୍ଚଳକୁ ଯୋଗାଯୋଗ ସୁବିଧା ଯୋଗାଇବ। ମୋଟ ୧୬,୪୮୨ କୋଟି ଟଙ୍କା ବ୍ୟୟବରାଦରେ ଏହି କରିଡର ନିର୍ମାଣ କରାଯାଉଛି। ୨୦୨୬ ଡିସେମ୍ବର ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଏନଏଚ-୨୬ର ବର୍ତ୍ତମାନର ଦୂରତା ୫୯୭ କିଲୋମିଟରରୁ ୪୬୫ କିଲୋମିଟରକୁ ହ୍ରାସ ପାଇବ। ଦୂରତା ପ୍ରାୟ ୧୩୨ କିଲୋମିଟର ହ୍ରାସ ପାଇବ ଏବଂ ସମୟ ପ୍ରାୟ ୭ ଘଣ୍ଟା ସଞ୍ଚୟ ହେବ। ଏହାଫଳରେ ସାଧାରଣ ଜନତାଙ୍କ ଯାତ୍ରା ଏବଂ ମାଲ ପରିବହନକାରୀଙ୍କ ପରିବହନ ଖର୍ଚ୍ଚ ହ୍ରାସ ପାଇବା ସହିତ ଯଥେଷ୍ଟ ଇନ୍ଧନ ସଞ୍ଚୟ ହେବ।

ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ନିର୍ମାଣ ହେବା ପରେ ରାୟପୁର-ବିଶାଖାପାଟଣା କରିଡର ଧମତାରି, କେଶକାଲ, କାଙ୍କେର (ଛତିଶଗଡ଼), ବୋରିଗୁମ୍ମା, ନବରଙ୍ଗପୁର, କୋରାପୁଟ (ଓଡ଼ିଶା), ଏବଂ ରାମଭଦ୍ରପୁରମ, ଆରାକୁ (ଆନ୍ଧ୍ରପ୍ରଦେଶ) ଭଳି ଆଦିବାସୀ ଏବଂ ଦୁର୍ଗମ ଜିଲ୍ଲାର ସଡ଼କ ଯୋଗାଯୋଗରେ ଏହା ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ଅଞ୍ଚଳଗୁଡ଼ିକୁ ପ୍ରମୁଖ ବଜାର ଏବଂ ଅତ୍ୟାବଶ୍ୟକ ସେବାର ନିକଟତର କରିବ। ଏହି କରିଡର ସେମାନଙ୍କୁ ମୁଖ୍ୟଧାରାର ଅର୍ଥବ୍ୟବସ୍ଥା ସହ ଅଧିକ ପ୍ରଭାବଶାଳୀ ଭାବରେ ଯୋଡ଼ିବାର ଲକ୍ଷ୍ୟ ରଖିଛି। ନୂତନ ପ୍ରବେଶ-ନିୟନ୍ତ୍ରିତ, ୬-ଲେନ୍ ରାୟପୁର-ବିଶାଖାପାଟଣା ଆର୍ଥିକ କରିଡର ପୁରୁଣା ୨-ଲେନ୍ ଏନଏଚ-୨୬ ରେ ଭିଡ଼କୁ ମଧ୍ୟ କମ କରିବ। ଯାତ୍ରାକୁ ଆରାମଦାୟକ ଏବଂ ସଡ଼କ ସୁରକ୍ଷାକୁ ଉନ୍ନତ କରିବ।

## ଆମାଜନର ଏକ୍ସିଡେ ଏସେନ୍ସିଆଲରେ ୪୦% ପର୍ଯ୍ୟନ୍ତ ସଞ୍ଚୟ

ଭୁବନେଶ୍ୱର,୭।୧୨: ଚଳିତ ଶୀତ ଋତୁରେ ଆମାଜନର ଏକ୍ସିଡେ ଏସେନସିଆଲ୍ ଷ୍ଟୋର, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ, ଗୁରମେଟ୍ କିରାଣା, ବେବିକେୟାର ଏବଂ ପେଟକେୟାର ବର୍ଗରେ ଏକ ବିସ୍ତୃତ ରେଞ୍ଜର ଉତ୍ପାଦ ପ୍ରଦାନ କରୁଛି। ଗ୍ରାହକମାନେ ଏହି ନୂତନ ଷ୍ଟୋରଫ୍ରଣ୍ଟରେ ବେବିଗିଫ୍ଟ ଏବଂ ପ୍ରିମିୟମ୍ ବେବିକେୟାର, ଇମ୍ୟୁନିଟି ଏସେନ୍ସିଆଲ୍, ରେଡି-ଟୁ-କୁକ୍ ଏବଂ କିଡ୍ସ ଉଇଣ୍ଟର ହେଲ୍ଥରୁ କ୍ୟୁରେଟେଡ୍ ପସନ୍ଦ ଅନ୍ୱେଷଣ କରିପାରିବେ। ଦ୍ରୁତ ଏବଂ ନିର୍ଭରଯୋଗ୍ୟ ଡେଲିଭରି ସହିତ, ଶୀତକାଳୀନ ଆବଶ୍ୟକୀୟ ଜିନିଷ କିଣିବା ଏବେ ଅଧିକ ସୁବିଧାଜନକ। ଗ୍ରାହକମାନେ ଆମାଜନ୍ ପେ ସହିତ ଅତିରିକ୍ତ ସଂଚୟର ମଜା ନେଇପାରିବେ, ଯେତେବେଳେ ପ୍ରାଇମ୍ ସଦସ୍ୟମାନେ ଅତିରିକ୍ତ ସୁବିଧା ପାଇଁ ହଜାର ହଜାର ଉତ୍ପାଦ ଉପରେ ସମାନ ଦିନରେ ଡେଲିଭରୀର ଲାଭ ଉଠାଇପାରିବେ।

## ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ଉଦ୍‌ଯାପିତ

# ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ପୁରୀ,୭।୧୨(ସମିସ): ପୁରୀରେ ଚାଲିଥିବା ତିନିଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ସମ୍ମିଳନୀରେ ଯୋଗଦେଇ ଥିଲେ ୭୦ ଜଣ ଏନର୍ଜି ଲିଡର। ୨୧ ଜଣ ବୈଷୟିକ ବିଶେଷଜ୍ଞ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଶକ୍ତି କ୍ଷେତ୍ରରେ ବିଭିନ୍ନ ବିଷୟକୁ ନେଇ କହିଥିଲେ ମାନସ ମଲ୍ଲିକ। ପ୍ରଥମ ଥର ପାଇଁ ଓଡ଼ିଶାରେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରାଯାଇଥିଲା। ନୀତି ଆୟୋଗ ସିଇଓ ମଧ୍ୟ ଉପସ୍ଥିତି ରହି ପ୍ରତ୍ୟେକ ବର୍ଷ ଏଭିଳି ସମ୍ମିଳନୀ କରାଯିବ ନେଇ ପରାମର୍ଶ ଦେଇଛନ୍ତି। ତେବେ ସବୁ ରାଜ୍ୟର ଶକ୍ତି ମନ୍ତ୍ରୀଙ୍କ ସହ ଆଲୋଚନା ପରେ ପୁରୀ ସମିଟ୍‌ର ନିର୍ଯ୍ୟାସ ଉପରେ ସମ୍ପୂର୍ଣ୍ଣ ଘୋଷଣା କରାଯିବ। ସମିଟ୍‌ରେ ୭ ରାଜ୍ୟର ମନ୍ତ୍ରୀଙ୍କ




ସହ ଆଲୋଚନା ହୋଇଥିବା ବେଳେ ବାକି ରାଜ୍ୟ ସହ ଆଲୋଚନା କରି ରିପୋର୍ଟ ପ୍ରସ୍ତୁତ କରାଯିବ। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ଜିରୋ ନେଟ୍ ମିଶନକୁ ସଫଳ କରିବା ପାଇଁ ଓଡ଼ିଶା ତାର ବଡ଼ ଅବଦାନ ରଖିଛି। ବିକଶିତ ଓଡ଼ିଶା ୨୦୩୬ ସନ୍ଦର୍ଭରେ ଗ୍ରୀନ ଏନର୍ଜି ହବ୍ ହେବାକୁ ଯାଉଛି ଓଡ଼ିଶା। ପ୍ରତ୍ୟେକ ବର୍ଷ ଏହି ଆୟୋଜନ କରାଯିବା ସହ ସମସ୍ତ ରାଜ୍ୟରେ ଶକ୍ତି କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ଆଲୋଚନା କରାଯାଇ ନିଷ୍କର୍ଷ ବାହାରିବ। ପ୍ରଥମକରି ଆୟୋଜିତ ଏହି ସମ୍ମିଳନୀରେ ୪ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରରେ ଆଇଆଇଟି ସହଯୋଗରେ ହେବ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ। ଶକ୍ତି ଗବେଷଣା ଓ ନୂଆ ଉଦ୍ଭାବନକୁ ନେଇ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ କାର୍ଯ୍ୟ କରିବ। ଭାରତୀୟ ସୌର ଶକ୍ତି ନିଗମ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ, ଓଡ଼ିଶା ସବୁଜ ଶକ୍ତି ବିକାଶ ନିଗମ ଏବଂ ଓଡ଼ିଶା ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା ମଧ୍ୟରେ ନବୀକରଣୀୟ-ଶକ୍ତି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମନ୍ୱିତ କରିବା ଲାଗି ସ୍ୱାକ୍ଷରିତ ହୋଇଛି। ପୋର୍ଟ ସେକ୍ଟର ଏନର୍ଜି ଉପରେ ଗୁରୁତ୍ୱ ଦିଆଯିବା ସହ ପବନରୁ ଶକ୍ତି ଉତ୍ପାଦିତ ହେବା ଉପରେ ମଧ୍ୟ ଫୋକସ ଦିଆଯାଉଛି। ବିଗତ ଦିନରେ ରକ୍ଷଣା ବେକ୍ଷଣ ଅଭାବରୁ ପୁରୀରେ ଥିବା ୧୧ଟି ପବନ ଚାଳିତ ପଙ୍ଖା ଖରାପ ହୋଇଛି। କୋରାପୁଟ, ନବରଙ୍ଗପୁର ଭଳି ଜାଗାରେ ମଧ୍ୟ ପବନ ଚାଳିତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଅବସରରେ ସୂଚନା ଦେଇଛନ୍ତି।

### ଲୋକାଲସର୍କଲ୍ସ ସର୍ଭେ ରିପୋର୍ଟ; ପ୍ରତି ୧୦ରୁ ୪ଟି ପରିବାର କରୁଛନ୍ତି ଜଙ୍କଫୁଡ୍ ଅର୍ଡର

# କ୍ୱିକ୍ କମର୍ସ ଆପ୍‌ରେ ୩୯% ପରିବାର ମଗାଉଛନ୍ତି ଜଙ୍କ୍‌ଫୁଡ୍

ନୂଆଦିଲ୍ଲୀ,୭।୧୨(ଏଜେନ୍ସି): ଦେଶର ସହରାଞ୍ଚଳରେ ଜଙ୍କ୍ ଫୁଡ୍ କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି। ପ୍ରାୟ ୩୯% ପରିବାର ଏମିତି ରହିଛନ୍ତି ଯେଉଁମାନେ କି ନିୟମିତ ଭାବରେ କ୍ୱିକ୍ କମର୍ସ ଆପ୍‌ରୁ ମୃଦୁ ପାନୀୟ(ସଫ୍ଟ ଡ୍ରିଙ୍କ୍), ବିସ୍କୁଟ, ଚିପ୍ସ ଏବଂ ନୁଡୁଲ୍ସ ଭଳି ଜିନିଷ କିଣୁଛନ୍ତି। ଲୋକେ ଏତେମାତ୍ରାରେ ଜଙ୍କ୍‌ଫୁଡ୍ (ତେଲ ମସଲା ଲୁଣି ଚଟପଟା ଖାଦ୍ୟ) କିଣୁଛନ୍ତି, ଯାହା ରୋଗ ସୃଷ୍ଟି କରିବାର ମୁଖ୍ୟ କାରଣ ହେଉଛି। ଅର୍ଥାତ୍ ପ୍ରତି ୧୦ରୁ ୪ଟି ପରିବାର ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ତେବେ ବଡ଼ କଥା ହେଉଛି ଏହି ଖାଦ୍ୟ ଅର୍ଡର କରୁଥିବା ଲୋକଙ୍କ ମଧ୍ୟରେ ପିଲା ଏବଂ ଯୁବବର୍ଗଙ୍କ ସଂଖ୍ୟା ସର୍ବାଧିକ ରହିଛନ୍ତି। ବିଶେଷ କରି ଜେନ୍-ଜିଙ୍କୁ ଏହା ବେଶି ଆକୃଷ୍ଟ କରୁଛି, ଯାହା ଏମାନଙ୍କ ମଧ୍ୟରେ ମୋଟାପଣ, ମଧୁମେହ ଏବଂ ହୃଦରୋଗ ପରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବା ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ଏହା କୁହାଯାଇଛି।

କ୍ୱିକ୍ କମର୍ସ ପ୍ଲାଟଫର୍ମରେ ବିକ୍ରି ହେଉଥିବା ଅଧାରୁ ଅଧିକ ପ୍ୟାକେଜ୍ ହୋଇଥିବା ଖାଦ୍ୟ ସାମଗ୍ରୀରେ ହାଇ ଫ୍ୟାଟ୍(ଉଚ୍ଚ ଚର୍ବିଯୁକ୍ତ), ସୁଗାର(ଶର୍କରା) ଏବଂ ସଲ୍ଟ(ଲବଣ) କିମ୍ବା ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡ୍ ଅଧିକ ମାତ୍ରାରେ ରହୁଛି। କୋଭିଡ-୧୯ ପରଠାରୁ ଅଲ୍ଟ୍ରା-ପ୍ରୋସେସ୍ଡ ଫୁଡର ବିକ୍ରି ମୂଲ୍ୟ ୧୦%ରୁ ଅଧିକ ବୃଦ୍ଧି ପାଇଛି। ପିଲାଙ୍କଠାରୁ ଆରମ୍ଭ କରି ଯୁବବର୍ଗଙ୍କର ଏହିସବୁ ଜିନିଷପ୍ରତି ଆଗ୍ରହ ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି। ସର୍ଭେରେ ପ୍ରତି ୧୦ ଜଣ ମଧ୍ୟରୁ ୯ ଜଣ ଅଭିଭାବକ ଜଙ୍କଫୁଡ୍ ଉପରେ ରେଡ୍ ୱାର୍ଣ୍ଣିଂ ଲଗାଇବାକୁ ଦାବି କରିଛନ୍ତି। ଯାହା ଦ୍ୱାରା ପିଲାମାନେ ସ୍ୱାସ୍ଥ୍ୟ ପାଇଁ କ'ଣ କ୍ଷତିକାରକ ତାହା ବୁଝିପାରିବେ। ତେବେ ବର୍ତ୍ତମାନ



ଅଧିକାଂଶ ଆପ୍ ଏସବୁ ସାମଗ୍ରୀ ଉପରେ ଏପରି ସୂଚନା ଦେଉ ନାହାନ୍ତି। ଏହି ପ୍ଲାଟଫର୍ମଗୁଡ଼ିକରେ ବିକ୍ରି ହେଉଥିବା ପ୍ରତି ଦୁଇଟି ଜିନିଷ ମଧ୍ୟରୁ ଗୋଟିଏରେ ଜଙ୍କ୍ କିମ୍ବା ଏଚଏଫଏସଏସ ଯୁକ୍ତ ଖାଦ୍ୟ ରହୁଛି। ଏହି ଜିନିଷଗୁଡ଼ିକ ପିଲାମାନେ ପ୍ରାୟତଃ ଅର୍ଡର କରିଥାନ୍ତି। ଏଥିରେ ବିସ୍କୁଟ, ଥଣ୍ଡା ପାନୀୟ, ଚିପ୍ସ, ନୁଡୁଲ୍ସ, ଚକୋଲେଟ ଏବଂ ଆଇସକ୍ରିମ ଭଳି ସାମଗ୍ରୀ ସାମିଲ। ସବୁଠାରୁ ବଡ଼ କଥା ହେଉଛି ଅନଲାଇନ୍ ପ୍ଲାଟଫର୍ମରେ ପ୍ରଚୁର ବିଜ୍ଞାପନ ରହୁଥିବାରୁ ପିଲାମାନଙ୍କ ପାଇଁ ଏସବୁ ଦୂରେଇ ରହିବା କଷ୍ଟକର ହୋଇପଡୁଛି। ତେଣୁ ଲୋଭରେ ପଡ଼ି ସେମାନେ ଏସବୁ ଖାଦ୍ୟ ମଗାଉଛନ୍ତି।

୨୦୨୪ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଦେଶର ୨୭୭ଟି ଜିଲ୍ଲାରେ ୪୬,୦୦୦ ରୁ ଅଧିକ ଲୋକଙ୍କ ଉପରେ ଲୋକାଲସର୍କଲ୍ସ ସର୍ଭେ କରିଥିଲା। ଏଥିମଧ୍ୟରୁ ୩୯% ଅଭିଭାବକ କହିଛନ୍ତି ଯେ ସେମାନଙ୍କ ପିଲାମାନେ ନିୟମିତ ଭାବରେ ଏହି ଏସବୁ ଜଙ୍କଫୁଡ୍ ଅର୍ଡର କରୁଛନ୍ତି। ଗତ ବର୍ଷ, ଆଇସିଏମଆର୍ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ନ୍ୟୁଟ୍ରିସନ୍ (ଏନ୍ଆଇଏନ୍) ଏଭଳି ଖାଦ୍ୟକୁ ନେଇ ଚିନ୍ତା ପ୍ରକଟ କରିଥିଲା। ସଂସ୍ଥା ସ୍ପଷ୍ଟ ଭାବରେ କହିଥିଲା ଯେ ଅଲ୍ଟ୍ରା ପ୍ରୋସେସଡ ଫୁଡ୍‌ରେ ଫାଇବର ଏବଂ ପୋଷକ ତତ୍ତ୍ୱ କମ୍ ଥାଏ, କିନ୍ତୁ ଶର୍କରା, ଲବଣ ଏବଂ ତେଲର ମାତ୍ରା ଅଧିକ ଥାଏ। ଏଗୁଡ଼ିକର ସ୍ୱାଦ ଖୁବ୍ ଚଟପଟା ଓ ସାରା ଦେଶରେ ସହଜରେ ମିଳିଯାଉଛି। ତେଣୁ ଲୋକମାନେ ଏହାକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରୁଛନ୍ତି। ଅର୍ଥନୈତିକ ସର୍ଭେରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଅସ୍ୱାସ୍ଥ୍ୟକର ଖାଦ୍ୟ ଭାରତରେ ୫୬% ରୁ ଅଧିକ ରୋଗର ମୂଳ କାରଣ। ଯେଉଁଥିରେ ଜଙ୍କଫୁଡ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

## ଟ୍ରମ୍ପଙ୍କ ନାଁରେ ରାସ୍ତାର ନାମକରଣ କରିବ ଭାରତ !

ହାଇଦ୍ରାବାଦ,୭।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେବେଠାରୁ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହୋଇଛନ୍ତି ସେବେଠାରୁ ଭାରତ ଉପରେ ଚାପ ପକାଇ ଆସୁଛନ୍ତି। ରାଗ ସୁଝାଇବାକୁ ଯାଇ ଅନ୍ୟ ଦେଶ ଅପେକ୍ଷା ଭାରତ ଉପରେ ଲଗାଇଛନ୍ତି ଅଧିକ ଟାରିଫ୍ ବା ବାଣିଜ୍ୟ ଶୁଳ୍କ। ତଥାପି ଭାରତ ସରକାର ଆମେରିକା ବିରୁଦ୍ଧରେ ନା କୌଣସି କଡ଼ା ମନ୍ତବ୍ୟ ଦେଉଛନ୍ତି ନା ଟାରିଫ୍‌ରେ ପ୍ରତି ଜବାବ ଦେଉଛନ୍ତି। ତେଲେଙ୍ଗାନା ସରକାର ରାଜ୍ୟରେ ଥିବା ଆମେରିକୀୟ କନସୁଲେଟ୍ ଜେନେରାଲଙ୍କ ରାସ୍ତାକୁ ଡୋନାଲ୍ଡ ଟ୍ରମ୍ପଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ହାଇଦ୍ରାବାଦରେ ଥିବା ୟୁନାଇଟେଡ୍ ଷ୍ଟେଟ୍ସ କନସୁଲେଟ୍ ଜେନେରାଲ୍ ନିକଟରେ ଥିବା ହାଇ-ପ୍ରୋଫାଇଲ୍ ରାସ୍ତାକୁ ଏବେ ଡୋନାଲ୍ଡ ଟ୍ରମ୍ପ୍ ଆଭିନ୍ୟୁ କୁହାଯିବ।

ଏ ନେଇ ତେଲେଙ୍ଗାନା ସରକାର ପ୍ରଥମେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ଏବଂ ଆମେରିକୀୟ ଦୂତାବାସକୁ ଚିଠି ଲେଖି ଯୋଜନା ବିଷୟରେ ଅବଗତ କରିବେ। ତା ପରେ ପ୍ରକ୍ରିୟା ଅନୁସାରେ ଏସବୁ କାମ ହେବ। ଚଳିତ ବର୍ଷ ପ୍ରାରମ୍ଭରେ, ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଦିଲ୍ଲୀରେ ବାର୍ଷିକ ଆମେରିକା-ଭାରତ ରଣନୈତିକ ସହଭାଗିତା ମଞ୍ଚ ସମ୍ମିଳନୀକୁ ସମ୍ବୋଧିତ କରିବା ସମୟରେ, ପ୍ରମୁଖ ବିଶ୍ୱସ୍ତରୀୟ କର୍ପୋରେସନମାନଙ୍କ ନାମରେ ହାଇଦ୍ରାବାଦର ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡ଼ିକର ନାମକରଣ କରିବାକୁ ପ୍ରସ୍ତାବ ଦେଇଥିଲେ। ପ୍ରକୃତରେ ତେଲେଙ୍ଗାନା ସରକାର ରାଜ୍ୟର ଅନେକ ରାସ୍ତାର ନାମକରଣ ଏବଂ ପୁନଃନାମକରଣ ଅନେକ ପ୍ରସିଦ୍ଧ ବ୍ୟକ୍ତି ଓ ସଂସ୍ଥାଙ୍କ ନାଁରେ କରିବାକୁ ଯୋଜନା ରଖିଛନ୍ତି। ରାଜ୍ୟ ସରକାର ଏହି ପ୍ରସ୍ତାବ ସେହି ଯୋଜନାରେ ଏକ ଅଂଶ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ପାରିବାରିକ ମାହୋଲ ସୁଖଦ ଓ ଶାନ୍ତିପୂର୍ଣ୍ଣ ହେବ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୨୩- ଜର୍ମାନୀ ଓ ଆମେରିକା ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୩୫- ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଜନ୍ମ।
- ୧୯୪୧- ଆମେରିକା ଓ ବ୍ରିଟେନ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୭୬- ଆମେରିକାର ନେଭାଡାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୪- ପାକିସ୍ତାନ ସାହିନ୍-୧ ମିସାଇଲ୍‌ର ସଫଳ ପରୀକ୍ଷା କଲା।
- ୨୦୦୯- ଇରାକରେ ବାଗଦାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୨୭ ଲୋକଙ୍କ ପ୍ରାଣହାନି।



## ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍

ବଜାରରେ ଆସବାବପତ୍ର, ଫୋନ, ଗାଡ଼ି, ପୋଷାକ ଆଦି ଅନେକ ସେକେଣ୍ଡ ହ୍ୟାଣ୍ଡ ଜିନିଷ ମିଳିଥାଏ। ହେଲେ ସେକେଣ୍ଡ ହ୍ୟାଣ୍ଡ ଖାଦ୍ୟ କଥା ଶୁଣି ଅନେକ ଆଚମ୍ବିତ ହୋଇପାରନ୍ତି। ଏମିତି ଏକ ସ୍ଥାନ ଅଛି, ଯେଉଁଠି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ମିଳିଥାଏ। ପଗ୍‌ପଗ୍ ବା ସେକେଣ୍ଡହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ନାମରେ ପରିଚିତ ଏହି ବ୍ୟଞ୍ଜନ ଫିଲିପାଇନ୍ସର ବସ୍ତିଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ଲୋକପ୍ରିୟ ଖାଦ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି। ଚୀନ୍‌ର ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ବାଓଜୋ ବ୍ରଦର୍ ନିକଟରେ ଏହାକୁ ଚାଖିବା ପରେ ସେ ଏହି ଡିସ୍‌ର ଭିଡିଓ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫିଲିପାଇନ୍ସର ଧନୀ ଲୋକେ ଖାଦ୍ୟ ଖାଇ ସାରିବା ପରେ ଯେଉଁ ଚିକେନ୍ ବଳକା ରହିଯାଏ, ତାକୁ ସଫା କରି ସେଥିରେ ମସଲା ଲେପ ଦେଇ ଡିପ୍ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ ଚିକେନ୍ ଭାବେ ବିକ୍ରି କରାଯାଏ। ଗରିବଶ୍ରେଣୀର ଲୋକଙ୍କ ପାଇଁ ପ୍ରୋଟିନ୍‌ର ଏହା ଏକ ଶସ୍ତା ଉତ୍ସ। ୧୯୬୦ରେ ଫିଲିପାଇନ୍ସ ଯେତେବେଳେ ଅତ୍ୟଧିକ ଋଣ ସଙ୍କଟ, ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ସେତେବେଳେ ଏଇ ଡିସ୍‌ର ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ ରହୁଥିବା ଲୋକେ କାର୍ଯ୍ୟ ସନ୍ଧାନରେ ସହରକୁ ପଳାଇଲେ। ସହରରେ ସେମାନେ ବଳକା ଖାଦ୍ୟ ଓ ଫିଙ୍ଗା ଯାଉଥିବା ଖାଦ୍ୟ ସନ୍ଧାନରେ ରହିଲେ। ଏହା ପରବର୍ତ୍ତୀ ସମୟରେ ପଗ୍‌ପଗ୍ ରୂପ ନେଇଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ସଂଗ୍ରହକାରୀମାନେ ଭୋରରୁ ଉଠି ଡଷ୍ଟବିନ୍‌ଗୁଡ଼ିକରୁ ଡବା ବନ୍ଦ ହୋଇ ପଡ଼ିଥିବା ଚିକେନ୍ ଆଣି ଏହାକୁ ପ୍ରସ୍ତୁତ କରୁଥିବା ଲୋକଙ୍କୁ ବିକ୍ରି କରି ଦିଅନ୍ତି। ଏହାକୁ ସେମାନେ ସଫା କରି ଏଥିରେ ବିଭିନ୍ନ ମସଲା ମିଶାଇ ଏହାକୁ ପୁଣି ଥରେ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ ଭାବେ ବିକ୍ରି କରିଥାନ୍ତି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ୨୦ରୁ ୩୦ଟଙ୍କା ମଧ୍ୟରେ ହୋଇଥାଏ। ବାଓଜୋ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, 'ଏହା ଦୁନିଆର ଅସାମନତା। ଧନୀ ଲୋକମାନେ ଯାହାକୁ ଖାଇ ନ ପାରି ଫୋପାଡ଼ି ଦେଉଛନ୍ତି ଗରିବ ଲୋକଙ୍କ ପାଇଁ ତାହା ଆବଶ୍ୟକତା ପାଲଟି ଯାଉଛି।'

## ୱାଶିଂ ମେସିନ୍ କରୁଛି ଏମିତି କାମ


ସାମାଜିକ ଗଣମାଧ୍ୟମରେ ଅନେକ ଫଟୋ, ଭିଡିଓ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଚୀନ୍‌ର ଏକ ନିଆରା ୱାଶିଂ ମେସିନ୍‌ର ଭିଡିଓ ଭାଇରାଲ ହୋଇଛି। ଏହା ବିଶ୍ୱର ପ୍ରଥମ ତିନୋଟି ଡ୍ରମ୍ ଯୁକ୍ତ ୱାଶିଂ ମେସିନ୍। ସବୁଠୁ ବଡ଼ କଥା ହେଲା, ଏଥିରେ ମୋଜା, ଅନ୍ତଃବସ୍ତ୍ର ଧୋଇବା ପାଇଁ ଅଲଗା ବ୍ୟବସ୍ଥା ରହିଛି। ଏହି ୱାଶିଂ ମେସିନ୍‌କୁ ନେଇ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ତାଙ୍କର ୱାଶିଂ ମେସିନ୍‌କୁ ଦେଖାଇଛନ୍ତି। ଏଥିରେ ସେ କହିଛନ୍ତି, ଚୀନ୍‌ରେ ୱାଶିଂ ମେସିନ୍ ଏପରି ହୋଇଥାଏ। ଆମେ ଚୀନ୍ ଲୋକ ବିଶ୍ୱାସ କରୁ, ଅନ୍ତଃବସ୍ତ୍ର ଓ ମୋଜା ଆଦିକୁ ସାଧାରଣ ପୋଷାକ ସହ ମିଶାଇ ଧୋଇବା ଉଚିତ ନୁହେଁ। ଏଗୁଡ଼ିକୁ ଅଲଗା ଧୋଇବା ଉଚିତ। ଲିଡର ଥ୍ରୀ ଟବ୍ ନାମରେ ପରିଚିତ ଏହି ୱାଶିଂ ମେସିନ୍ ହାୟର କମ୍ପାନିର ବୋଲି ଜଣାପଡ଼ିଛି। ଏହାକୁ ବିଶ୍ୱର ପ୍ରଥମ ତିନି ଡ୍ରମ୍ ବିଶିଷ୍ଟ ୱାଶିଂ ମେସିନ୍ କୁହାଯାଉଛି। କମ୍ପାନି ଏହାକୁ ଏପରି ଡିଜାଇନ୍ କରିଛି, ତିନୋଟି ଡ୍ରମ୍‌ର ପାଣି କିମ୍ବା ସର୍ଫ ପରସ୍ପର ସହ ଯେମିତି ମିଶିବନି। ହାୟର୍ ଲିଡର୍ ୱାଶିଂ ମେସିନ୍ ମିନିଟକରେ ୧୪୦୦ ଥର ଘୂରିଥାଏ। ଏଥିସହ ଏଥିରେ ପୋଷାକ ମଧ୍ୟ ଶୀଘ୍ର ଶୁଖିଥାଏ। ଏହି ମେସିନ୍‌କୁ ଚଳାଇବା ପାଇଁ ୧୮୫୦ ୱାଟର୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ଚୀନ୍‌ରେ ଏହାର ମୂଲ୍ୟ ୬୧,୧୧୫ ଟଙ୍କା ରହିଛି। ଏବେ ଏହା କେବଳ ଚୀନ୍‌ରେ ବିକ୍ରି ହେଉଛି।





## 'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା !

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲକୁ ଏବେ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଅବଶ୍ୟ ଏହି ଫିଲ୍ମରୁ ଦୀପିକା ପାଦୁ୍ୟକୋନ୍ ବାଦ୍ ପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଦୀପିକାଙ୍କ କେତେକ ସର୍ତ୍ତ ପାଇଁ ସେ ଏହି ଫିଲ୍ମରୁ ଓହରି ଯାଇଥିଲେ। ତେବେ ଦୀପିକା ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ତାଙ୍କ ଭଳି ଜଣେ ଆଗଧାଡ଼ିର ନାୟିକା ସନ୍ଧାନରେ ଥିଲେ। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହୋଇଥିବାରୁ ଦୀପିକାଙ୍କ ସ୍ଥାନ ଆଲିଆ ଭଟ୍ଟ, ସାଇ ପଲ୍ଲବୀ କିମ୍ବା ଅନୁଷ୍କା ସେଟ୍ଟୀ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସେହିଭଳି ଦର୍ଶକେ ପ୍ରଭାସ-ଅନୁଷ୍କାଙ୍କ ଯୋଡ଼ିକୁ ପସନ୍ଦ କରୁଥିବାରୁ ସେ ଏଥିରେ ସ୍ଥାନ ପାଇ ପାରନ୍ତି ବୋଲି ଅନୁମାନ କରାଯାଉଥିଲା। ଏବେ ଦୀପିକାଙ୍କ ସ୍ଥାନ ପ୍ରିୟଙ୍କା ଚୋପ୍ରା ନେବେ ବୋଲି ଜଣାପଡ଼ିଛି। ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ପ୍ରଭାସଙ୍କ ବିପକ୍ଷରେ ଏପରି ଜଣେ ଅଭିନେତ୍ରୀ ଚାହୁଁଥିଲେ ଯିଏ କି ତାଙ୍କ ଷ୍ଟାର୍ ପାୱାର୍‌କୁ ମ୍ୟାଚ୍ କରୁଥିବ। ଏଥିପାଇଁ ସେ ପ୍ରିୟଙ୍କାଙ୍କୁ ବାଛିଥିବା ଜଣାପଡ଼ିଛି। ଏହାବାଦ୍ ପ୍ରିୟଙ୍କା ଗ୍ଲୋବାଲ ଷ୍ଟାର୍ ହୋଇଥିବାରୁ 'କଲ୍‌କୀ ୨' ପାଇଁ ସେ ଭଲ ବିକଳ୍ପ ହେବେ ବୋଲି ନାଗ ଅଶ୍ୱିନ୍ ଭାବୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପ୍ରିୟଙ୍କା ଏବେ ମହେଶ ବାବୁଙ୍କ 'ବାରାଣସୀ' ଫିଲ୍ମରେ କାମ କରୁଛନ୍ତି। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ପ୍ରଭାବ ଯୋଗୁଁ 'କଲ୍‌କୀ ୨' ପାଇଁ ପ୍ରିୟଙ୍କାଙ୍କୁ ଅଫର୍ ଦିଆଯାଇଥିବା କୁହାଯାଉଛି। ତେବେ ପ୍ରିୟଙ୍କା ଏଥିରେ କାମ କରିବା ପାଇଁ ରାଜି ଅଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ।



## ପୌଷ ମାସର ମହତ୍ତ୍ୱ


**ମାର୍ଗଶିର ପୂର୍ଣ୍ଣିମା ଶେଷ ପରେ ଆରମ୍ଭ ହୋଇଛି ପୌଷ ମାସ। ଧାର୍ମିକ ଦୃଷ୍ଟିରୁ ଏହି ମାସ ଖୁବ୍ ଗୁରୁତ୍ୱ ବହନ କରେ। ଏହି ମାସ ଭଗବାନ ସୂର୍ଯ୍ୟ ଏବଂ ଭଗବାନ ବିଷ୍ଣୁ ପୂଜା ଲାଗି ବିଶେଷ ମହତ୍ତ୍ୱ ରଖେ।**

ହିନ୍ଦୁ ଧର୍ମରେ ପୌଷ ମାସର ବିଶେଷ ମହତ୍ତ୍ୱ ଅଛି। ଧାର୍ମିକ ମାନ୍ୟତା ଅଛି, ପୌଷ ମାସରେ ଆରାଧନା, ଦାନ, ପୁଣ୍ୟ ଏବଂ ବ୍ରତ କରିବା ଦ୍ୱାରା ଧନଧାନ୍ୟ, ଐଶ୍ୱର୍ଯ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ପ୍ରତିଦିନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା କ୍ୟାରିୟରରେ ଉନ୍ନତି, ମାନସିକ ଶାନ୍ତିର ବରଦାନ ମିଳିଥାଏ।

ତେବେ ଏହି ମାସରେ କିଛି କଥା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଏହି ମାସରେ ଆମିଷ ଓ ମାଦକ ଦ୍ରବ୍ୟ ସେବନ କରିବା ଅନୁଚିତ। ସେହିପରି ପୌଷ ମାସରୁ ଖର ମାସ ବି ଆରମ୍ଭ ହୁଏ। ଏହି ସମୟରେ ଶୁଭକାର୍ଯ୍ୟ କରିବାକୁ ମନା କରାଯାଏ। ତେଣୁ ଏହି ମାସରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି ଶୁଭକାର୍ଯ୍ୟ କରାଯାଏ ନାହିଁ।

ଉକ୍ତ ମାସରେ ସୂର୍ଯ୍ୟ ପୂଜାର ମହତ୍ତ୍ୱ ବେଶି। ପୌଷ ମାସରେ ପଡୁଥିବା ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା, ଏକାଦଶୀରେ ସୂର୍ଯ୍ୟ ପୂଜା ଲାଗି ଉତ୍ତମ। ସେହିପରି ଏହିମାସରେ ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଉଚିତ। ତା'ସହ ସୂର୍ଯ୍ୟମନ୍ତ୍ର ଜପ କରିବା ଶୁଭ। ଏଭଳି କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ବୃଦ୍ଧି ପାଏ ଏବଂ ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ।

## ସ୍ୱସ୍ତି



## ନାମ ଜପ କରୁଥିଲେ...

**ନାମ ଜପ ସବୁ ସମୟରେ ସବୁ ସ୍ଥାନରେ କରାଯାଇପାରିବ। ହେଲେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ବୈଦିକ ମନ୍ତ୍ର ଶୁଦ୍ଧ ଆସନ ଏବଂ ଉଚିତ ନିୟମ ଆବଶ୍ୟକ କରେ। ତେବେ ଖଟ ଉପରେ ବସି ମନ୍ତ୍ର ଜପ କରିବା ଠିକ୍ ନା ଭୁଲ୍, ଜାଣିବା ସେ ସମ୍ପର୍କରେ ... ।**

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ନାମ ତଥା ମନ୍ତ୍ର ଜପକୁ ମୂଳ ବୋଲି କୁହାଯାଏ। ଏହା କେବଳ ମନକୁ ଶାନ୍ତ କରି ନ ଥାଏ, ବରଂ ଆଧ୍ୟାତ୍ମିକ ଶକ୍ତି ଏବଂ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରେ। ରାମ-ରାମ, ରାଧା-କୃଷ୍ଣ, ଶିବ-ଶିବ, ହରେ କୃଷ୍ଣ ଆଦି ନାମ ଜପକୁ ଯେକୌଣସି ସ୍ଥାନ ଓ ସମୟରେ କରାଯାଇପାରିବ। ଶାସ୍ତ୍ର ଓ ସନ୍ଥଙ୍କ ଅନୁସାରେ, ଭଗବାନ ନାମ ଜପରେ କୌଣସି ଶୁଦ୍ଧି ବାଧ୍ୟତାମୂଳକ ନୁହେଁ। ଥକ୍କାପଣ, ରୋଗ, ଆରାମ, ଯାତ୍ରା ଆଦି ସ୍ଥିତିରେ ନାମ ଜପ ପୂର୍ଣ୍ଣ ଫଳ ପ୍ରଦାନ କରେ। ଆଳସ୍ୟ ଯୋଗୁଁ ଖଟ ଉପରେ ବସି ନାମ ଜପ କରିବା ଠିକ୍ ନୁହେଁ। ହେଲେ ସକାଳୁ ଆସନ ଉପରେ ବସି ନାମ ଜପ କରିବା ଅଧିକ ପ୍ରଭାବଶାଳୀ ହୋଇଥାଏ।

ତେବେ ମାନସିକ ରୂପରେ ଅସ୍ଥିର ଥିଲେ, ଚିଡଚିଡା କିମ୍ବା ଅତି ଥକ୍କା ଅନୁଭବ କରୁଥିଲେ, ନାମ ଜପ ପ୍ରଭାବଶାଳୀ ହୁଏ ନାହିଁ। ସେହିପରି ନାମ ଜପ ବେଳେ ନିଦ ଲାଗୁଥିଲେ ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ। ଫଳରେ ନାମ ଜପା ଅଧୁରା ରହିବାର ଆଶଙ୍କା ବୃଦ୍ଧି ପାଏ। ଅନ୍ୟପଟେ ନାମ ଜପ ଭାବ ଆଧାରିତ ହୋଇଥିବା ବେଳେ ମନ୍ତ୍ର ଜପ ଶକ୍ତି ଆଧାରିତ ହୋଇଥାଏ। ଏଥିରେ ଉଚ୍ଚାରଣ, ଆସନ, ଦିଗ ଓ ଶୁଦ୍ଧି ପାଳନ କରିବା ଜରୁରି।



## ଉପହାରରେ କେଉଁ ଜିନିଷ ଦେବେ ନାହିଁ

ବାସ୍ତୁ ଶାସ୍ତ୍ର ଅନୁସାରେ, ଉପହାର ଦେବା ସମୟରେ କୌଣସି ଜିନିଷର କେବଳ ସୁନ୍ଦରତା କି ଉପଯୋଗିତା ନୁହେଁ, ବରଂ ତାହାର ପ୍ରଭାବକୁ ମଧ୍ୟ ଦୃଷ୍ଟିରେ ରଖିବା ଉଚିତ। ବେଳେବେଳେ ଅଜାଣତରେ ଦିଆଯାଉଥିବା ଉପହାର ଅବସାଦ, ଆର୍ଥିକ କ୍ଷତି ଏବଂ ମାନସିକ ଅସ୍ଥିରତାର କାରଣ ହୋଇପାରେ। ବାସ୍ତୁ ଅନୁସାରେ, କେଉଁ ଉପହାର ଦେବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



**ଧାରୁଆ ଜିନିଷ:** ବାସ୍ତୁ ଶାସ୍ତ୍ର ଅନୁସାରେ, କାହାକୁ ଛୁରି, କଇଁଚି ଭଳି ଧାରୁଆ ବା ତୀକ୍ଷ୍ଣ ଜିନିଷ ଦେବାକୁ ହାନିକାରକ ବୋଲି କୁହାଯାଇଛି। କୁହାଯାଏ, ଏହି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ଦୂରତ୍ୱ ସୃଷ୍ଟି ହୁଏ।

**ପର୍ସ:** ପର୍ସ ଆକର୍ଷଣୀୟ ଓ ଉପଯୋଗୀ ଉପହାର ଲାଗିଲେ ବି ବାସ୍ତୁ ମାନ୍ୟତା ଅନୁସାରେ, ଏହାକୁ ଉପହାରରେ ଦେବା ଅଶୁଭ। ଏହା ଦ୍ୱାରା ଉପହାର ଦେବା ବ୍ୟକ୍ତି ଓ ପାଇବା ବ୍ୟକ୍ତି ଉଭୟଙ୍କର ଆର୍ଥିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହା ସହ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହୋଇପାରେ।

**ଘଣ୍ଟା:** ଘଣ୍ଟା ସାଧାରଣ ଉପହାର ସମସ୍ତଙ୍କୁ ଲାଗିଲେ ବି ବାସ୍ତୁ ଶାସ୍ତ୍ରରେ ଏହା ଉପଯୋଗୀ ଉପହାର ନୁହେଁ। ଏହାକୁ ଉପହାରରେ ଦେବା ଦ୍ୱାରା ଜୀବନରେ ବାଧା ଏବଂ ନକାରାତ୍ମକତା ବୃଦ୍ଧି ପାଏ। ତେଣୁ ବାସ୍ତୁ ଅନୁସାରେ, ଏହି ଉପହାର ଦେବାକୁ ବାରଣ କରାଯାଏ।

**ଜୋତା-ଚପଲ:** ବାସ୍ତୁ ଶାସ୍ତ୍ର ଜୋତା ଚପଲକୁ ଅଶୁଦ୍ଧ ଶ୍ରେଣୀରେ ରଖିଛି। ଏହାକୁ ଉପହାର ଦେବା ଦ୍ୱାରା ମତଭେଦର କାରଣ ସାଜେ। ଅନେକ ମାନ୍ୟତାନୁସାରେ, ଉକ୍ତ ଉପହାର ଚିନ୍ତା ଓ ବିବାଦର ସଙ୍କେତ ଦେଇଥାଏ।

## ଘରେ ଗଙ୍ଗା ଜଳ ରଖିବାର ନିୟମ

ହିନ୍ଦୁଧର୍ମରେ ଗଙ୍ଗା ଜଳକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଙ୍ଗା ଜଳର ପ୍ରୟୋଗ ହୋଇଥାଏ। ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ, ଗଙ୍ଗା ଜଳକୁ ସାଇତି ରଖିବା ଦ୍ୱାରା ଆଦୌ ଖରାପ ହୋଇ ନ ଥାଏ।

- ଗଙ୍ଗା ଜଳକୁ ସର୍ବଦା ତମ୍ବା ନଚେତ୍ ପିତ୍ତଳ ପାତ୍ରରେ ରଖିବା ଉଚିତ।
- ଏହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିବାକୁ ଶୁଭ ବୋଲି କୁହାଯାଇଛି।
- ଅନ୍ଧକାର ତଥା ଅପରିଷ୍କାର ସ୍ଥାନରେ ଗଙ୍ଗା ଜଳ ରଖନ୍ତୁ ନାହିଁ।
- ଏହାକୁ କେବେ ବି ଅପବିତ୍ର ହାତରେ ସ୍ପର୍ଶ କରନ୍ତୁ ନାହିଁ।
- ପ୍ଲାଷ୍ଟିକ୍ ପାତ୍ରରେ ଗଙ୍ଗା ଜଳ ରଖିବା ଦ୍ୱାରା ଏହାର ପ୍ରଭାବ ହ୍ରାସ ପାଏ।










## ଦିନକ ପରେ ବାରବାଟୀ ଲଢ଼େଇ

# ଭୁବନେଶ୍ୱରରେ ତାରକା କ୍ରିକେଟର୍‌ଙ୍କ ମେଳି

ଭୁବନେଶ୍ୱର, ୭ ।୧୨ (ସମିସ)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ହୋଇଛି ଦିନିକିଆ ସିରିଜ। ୨-୧ରେ ବିଜୟ ସହ ଟିମ୍ ଇଣ୍ଡିଆ ଏବେ ଟି-୨୦ ସିରିଜ ଖେଳିବାକୁ ଭୁବନେଶ୍ୱରରେ ଆସି ପହଞ୍ଚିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପର୍ଯ୍ୟାୟକ୍ରମେ ରବିବାର ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ଅପରାହ୍ଣ ୩ଟାରେ ବିଶାଖାପାଟଣାରୁ ବିମାନ ଯୋଗେ ଉଭୟ ଦଳର ଅଧିକାଂଶ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇଥିଲେ। ଏହାପରେ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ବିମାନବନ୍ଦରରୁ ହୋଟେଲ ମେ ଫେୟାରକୁ ଅଣାଯାଇଥିଲା। ଅପରାହ୍ଣ ୩ଟା ୩୦ରେ ପ୍ରଥମେ ଭାରତୀୟ ଖେଳାଳିଙ୍କ ବସ୍ ଓ ପରେ ଦକ୍ଷିଣ ଆଫ୍ରିକାର ଟିମ୍ ବସ୍ ହୋଟେଲରେ ପ୍ରବେଶ କରିଥିଲା। ଏହାପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଲକ ବର୍ମା, କୁଲଦୀପ୍ ଯାଦବ, ୱାଶିଂଟନ ସୁନ୍ଦର, ଅର୍ଶଦୀପ୍ ସିଂହ, ବୋଲିଂ ପ୍ରଶିକ୍ଷକ ମର୍ନେ ମୋର୍କେଲ ପ୍ରମୁଖ ହୋଟେଲ ମଧ୍ୟକୁ ପ୍ରବେଶ କରିଥିଲେ। ପରେ ଦକ୍ଷିଣ ଆଫ୍ରିକା ଖେଳାଳିମାନଙ୍କୁ ହୋଟେଲ ମଧ୍ୟକୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଭ୍ରମଣକାରୀ ଦଳର ଖେଳାଳିଙ୍କ ମଧ୍ୟରେ ଅଧିନାୟକ ଆଇଡେନ ମାର୍କରମଙ୍କ ସହ

### ଆଜି ଅଭ୍ୟାସ

ଟେମ୍ବା ବଭୁମା, ଟୋନି ଡି ଜୋରଜୀ, କୋର୍ବିନ ବୋଷ୍ଟ, ମାର୍କୋ ଜାନସେନ, ଲୁନଗି ଏନଗିଡି, ଡେୱାଲ୍ଡ ବ୍ରେଭିସ ପ୍ରମୁଖ ରହିଥିଲେ। ଦୁଇ ଦଳରେ ଏକାଧିକ ଟି-୨୦ ସ୍ପେଶାଲିଷ୍ଟ ଖେଳାଳି ରହିଥିବାରୁ ଏବେ ଭୁବନେଶ୍ୱରରେ ଷ୍ଟାର୍ କ୍ରିକେଟର୍‌ଙ୍କ ମେଳି ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକଥର ଭଳି ଏଥର ମଧ୍ୟ ପାରମ୍ପରିକ ନୃତ୍ୟର ତାଳେ ତାଳେ ଫୁଲ ପକାଇ ଚନ୍ଦନ ଲଗାଇ ଖେଳାଳିଙ୍କୁ ହୋଟେଲରେ ଭବ୍ୟ ସ୍ୱାଗତ କରାଯାଇଥିଲା।

### ଏକାକୀ ଝାଳ ବୁହାଇଲେ ପାଣ୍ଡ୍ୟା

ଭାରତୀୟ ଦଳର ପ୍ରମୁଖ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ବାରବାଟୀରେ ଅଭ୍ୟାସ କରିଛନ୍ତି। ଦିନିକିଆ ସିରିଜ ଖେଳୁ ନ ଥିବା ପାଣ୍ଡ୍ୟା ଶନିବାରଠୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ତେଣୁ ସେ ରବିବାର ସନ୍ଧ୍ୟାରେ ହାର୍ଦ୍ଦିକ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ୧୫-୨୦ ମିନିଟ୍ ଧରି ନେଟ୍ସରେ ପେସ୍ ବୋଲିଂ କରିବା ପରେ ପ୍ୟାଡ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରମାନଙ୍କୁ ଧରି ଦୀର୍ଘସମୟ ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।



### ଦିନରେ ବୁମରା, ସନ୍ଧ୍ୟାରେ ସାମସନ, ରାତିରେ ସୂର୍ଯ୍ୟକୁମାର

ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯାଉଥିବାରୁ ଏଥର ଖେଳାଳିଙ୍କ ଓଡ଼ିଶା ଆଗମନକୁ ନେଇ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ପୂର୍ବଥର ଭଳି ଏଥର ଖେଳାଳିମାନେ ଏକାଠି ନ ଆସି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦିନିକିଆ ସିରିଜ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ରାତିରେ ଆସି ପ୍ରଥମେ ପହଞ୍ଚିଥିଲେ। ଏହାପରେ ଶନିବାର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ। ସେହିଭଳି ରବିବାର ଅପରାହ୍ଣରେ ପ୍ରଥମେ ଷ୍ଟାର୍ ବୋଲର ଯଶପ୍ରୀତ ବୁମ୍‌ରା ଆସିଥିଲେ। ଏହାପରେ ସନ୍ଧ୍ୟାରେ ୱିକେଟ୍‌କିପର ସଞ୍ଜୁ ସାମସନ ଓ ରାତିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଶୁବମନ ଗିଲ୍, ଅଭିଷେକ ଶର୍ମା, ଅକ୍ଷର ପଟେଲ, ଶିଭମ ଦୁବେଙ୍କ ସହ ଅନ୍ୟ କିଛି ଖେଳାଳି ଭୁବନେଶ୍ୱର ଆସିଥିଲେ। ସୂର୍ଯ୍ୟଙ୍କ ସହ ପତ୍ନୀ ଦେବିଶା ସେଟ୍ଟୀ ସାଥୀରେ ଆସିଛନ୍ତି।








### ● ଜୁନିଅର ପୁରୁଷ ହକି ବିଶ୍ୱକପ୍

## ସେମିରେ ଭାରତ ପରାସ୍ତ

ଚେନ୍ନଇ, ୭ ।୧୨ (ଏଜେନ୍ସି): ତାମିଲନାଡୁରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତର ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ୫-୧ ଗୋଲ୍‌ରେ ଭାରତକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ପରାଜୟ ସହ ଭାରତର ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଛି। ଡିସେମ୍ବର ୧୦ ତାରିଖରେ ଫାଇନାଲ ମୁକାବିଲା ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ସ୍ପେନର ମୁକାବିଲା ହେବ। ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପେନ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଥିଲା।

## ନୋରିସ ବର୍ଷର ଶ୍ରେଷ୍ଠ ଚାଳକ

ଆବୁଧାବି, ୭ ।୧୨ (ଏଜେନ୍ସି): ମ୍ୟାକଲରେନ୍ସର ଲଣ୍ଡୋ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ବିବେଚିତ ହୋଇଛନ୍ତି। ରବିବାର ଏଠାରେ ଶେଷ ହୋଇଥିବା ଆବୁଧାବି ଗ୍ରାଁପିରେ ନୋରିସ ୩ୟ ସ୍ଥାନରେ ରହିଥିଲେ। ୨୦୨୫ରେ ୭ଟି ଟାଇଟଲ୍ ଜିତିଥିବା ନୋରିସ ୪୨୩ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛନ୍ତି। ଚାରିଥରର ଚାମ୍ପିଅନ ରେଡ୍ ବୁଲ୍ସର ମାକ୍ସ ଭର୍ଷ୍ଟାପେନ ୪୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନୋରିସଙ୍କ ବିଜୟ ସହ ମ୍ୟାକଲରେନ୍ସ ୧୭ ବର୍ଷ ପରେ ଶ୍ରେଷ୍ଠ ଚାଳକ ଟାଇଟଲ୍ ଜିତିଛି।

## କିର୍ଷ୍ଟେନ ନାମିବ୍ୟାର ପରାମର୍ଶଦାତା

ନୂଆଦିଲ୍ଲୀ, ୭ ।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଗ୍ୟାରୀ କିର୍ଷ୍ଟେନଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଗ୍ୟାରୀ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି। ଟି-



୨୦ ବିଶ୍ୱକପ୍‌ରେ ନାମିବ୍ୟା ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଫେବୃଆରୀ ୧୦ରେ ନେଦରଲାଣ୍ଡସ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ୫୮ ବର୍ଷୀୟ ଗ୍ୟାରୀଙ୍କ ପ୍ରଶିକ୍ଷଣରେ ଭାରତ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏହି ମହାନ କ୍ରିକେଟର୍ ବର୍ତ୍ତମାନ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର କୋଚିଂ ଷ୍ଟାଫ୍ ଗ୍ରୁପ୍‌ରେ ରହିଛନ୍ତି।

## କିଟ୍‌ରେ ଜାତୀୟ ଭଲିବଲ୍ ପାଇଁ ଚୟନ ଶିବିର



ଭୁବନେଶ୍ୱର,୭ ।୧୨(ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୧୬ରୁ ୨୧ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ୪୯ତମ ଜାତୀୟ ଜୁନିଅର ନ୍ୟାସନାଲ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କନିଷ୍ଠ ରାଜ୍ୟ ବାଳକ ଓ ବାଳିକା ଭଲିବଲ ଦଳ ଚୟନ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା ଓ ଏଥିରୁ ୨୦ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ଚୟନ କରାଯାଇଛି। ଏମାନେ କିଟ୍‌ରେ ଆୟୋଜନ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ଓ ଏଥିରୁ ଚୂଡାନ୍ତ ୧୨ ଜଣିଆ ବାଳକ ଓ ବାଳିକା ଦଳ ଚୟନ ହେବ। ଏହି ଦୁଇଟି ଦଳ ଜୁନିଅର ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ।

## ସିମାଞ୍ଚଳମ୍‌ରେ କୋହଲି

ବିଶାଖାପାଟଣା, ୭ ।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି 'ସିରିଜର ଶ୍ରେଷ୍ଠ ଖେଳାଳି' ପୁରସ୍କାର ଜିତିବା ପରେ ବିରାଟ କୋହଲି ଭଗବାନ ବିଷ୍ଣୁଙ୍କୁ ଆଶୀର୍ବାଦ ନେଇଛନ୍ତି। ବିଶାଖାପାଟଣାରେ ୩ୟ ଦିନିକିଆ ପରେ କୋହଲି ରବିବାର ସ୍ଥାନୀୟ ସିମାଞ୍ଚଳମ ପାହାଡ଼ର ୩୦୦ ମିଟର ଉଚ୍ଚତାରେ ଥିବା ଶ୍ରୀ ବରାହ ଲକ୍ଷ୍ମୀ ନରସୀମା ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ଧଳା ଟି-ସାର୍ଟ ପରିଧାନ କରିଥିବା କୋହଲି ହାତରେ ଫୁଲ ମାଳ ଧରି ମନ୍ଦିର ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ପ୍ରାର୍ଥନା କରୁଥିବାର ଦେଖିବାକୁ ମିଳିଥିଲା। ଏହି ପର୍ବତକୁ ଭଗବାନ ବିଷ୍ଣୁଙ୍କ ଚତୁର୍ଥ ଅବତାର 'ଭଗବାନ ନରସିଂହ'ଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରାଯାଏ।



## ମନ୍ଧାନା-ପଲାଶଙ୍କ ବିବାହ ଭାଙ୍ଗିଲା

ମୁମ୍ବଇ, ୭ ।୧୨ (ଏଜେନ୍ସି): ଦୀର୍ଘ ୧୫ ଦିନ ଧରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲଙ୍କ ମଧ୍ୟରେ ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ଆଉ ହେବନାହିଁ ବୋଲି ସ୍ପଷ୍ଟ ହୋଇଛି। ଉଭୟ ମନ୍ଧାନା ଓ ପଲାଶ ରବିବାର ସାମାଜିକ ଗଣମାଧ୍ୟମରେ ଆନୁଷ୍ଠାନିକ ଭାବେ ବିବାହ ଭାଙ୍ଗିଥିବା ନେଇ ଘୋଷଣା କରିଛନ୍ତି। ନଭେମ୍ବର ୨୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ମନ୍ଧାନାଙ୍କ ଘରେ ଏହି ବିବାହ ଅନୁଷ୍ଠିତ ହୋଇଥାନ୍ତା। ମେହେନ୍ଦି ଓ ହଳଦୀ ରୀତିନୀତି ମଧ୍ୟ ସମାପ୍ତ ହୋଇଯାଇଥିଲା। କିନ୍ତୁ ବିବାହ ଦିନ ସ୍ମୃତିଙ୍କ ବାପାଙ୍କ ଦେହ ଖରାପ ହୋଇଥିବା ନେଇ ବିବାହକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହି ବିବାହ ଏବେ ଭାଙ୍ଗିଥିବା ନେଇ ଉଭୟ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ରବିବାର ପ୍ରଥମେ ମନ୍ଧାନା ଇନଷ୍ଟାଗ୍ରାମରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ 'ଗତ କିଛିଦିନ ଧରି ମୋ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଭିନ୍ନ କଥା ସାମ୍ନାକୁ ଆସିଛି। ମୁଁ ଭାବୁଛି ଏହା ସ୍ପଷ୍ଟ କରିବା ମୋ ପାଇଁ ଉପଯୁକ୍ତ। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ବିବାହ ବନ୍ଦ ହୋଇଛି। ଉଭୟ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଲୋକମାନଙ୍କୁ ଅନୁରୋଧ କରୁଛି।' ମନ୍ଧାନାଙ୍କ ଠିକ୍ ପରେ ପରେ ପଲାଶ ମଧ୍ୟ ଇନଷ୍ଟାଗ୍ରାମରେ ଷ୍ଟୋରୀ ଅପଡେଟ୍ କରି ତାଙ୍କ ବିବାହ ଭାଙ୍ଗିଥିବା କଥା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ବିରୁଦ୍ଧରେ ମିଥ୍ୟା ଓ ମାନହାନୀଜନକ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପଲାଶ କହିଛନ୍ତି। ପ୍ରକାଶଯୋଗ୍ୟ, ଯେ ମନ୍ଧାନାଙ୍କୁ ଚିଟିଂ କରିଥିବା ନେଇ ପଲାଶଙ୍କ ନାମରେ ଏକ ମେସେଜ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ଯେଉଁଥିରେ ପଲାଶ ଅନ୍ୟଜଣେ ଯୁବତୀଙ୍କ ସହ ଚାଟ୍ କରୁଥିବାର ଦେଖିବାକୁ ମିଳିଥିଲା।

### ଆସେସ୍ ସିରିଜ: ଇଂଲଣ୍ଡର କ୍ରମାଗତ ପରାଜୟ

# ଗାବା ଟେଷ୍ଟରେ ଅଷ୍ଟ୍ରେଲିଆର ବାଜିମାତ୍

ବ୍ରିସବେନ, ୭ ।୧୨ (ଏଜେନ୍ସି)

ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ଆସେସ୍ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଇଂଲଣ୍ଡକୁ ମାତ୍ ଦେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୬୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟକ ଷ୍ଟିଭେନ ସ୍ମିଥ ୨୩ ଓ ଜେକ୍ ୱେଦରାଲ୍ଡ ୧୭ ରନ କରି ଅପରାଜିତ ରହିଥିଲେ। ଓପନର୍ ଟ୍ରାଭିସ ହେଡ୍ ୨୨ ଓ ମାର୍ନସ ଲାବୁଶ୍ନେନ ୩ ରନ କରି ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଏବେ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟେଷ୍ଟ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ପୂର୍ବରୁ ଏହି ଦିବା-ରାତ୍ର ପିଙ୍କ୍ ବଲ୍ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଜୋ ରୁଟ୍ (୧୩୮ ରନ)ଙ୍କ ଶତକ



ବଳରେ ୩୩୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୫ଟି ଅର୍ଦ୍ଧଶତକ ସହାୟତାରେ ପ୍ରଥମ ପାଳିରେ ୫୧୧ ରନର ବିଶାଳ ସ୍କୋର କରିଥିଲା। ଏହାପରେ ୧୧୭ ରନ ପଛରେ ଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୪୧ ରନ କରି ରବିବାର ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୫୦ ରନର ଲଢୁଆ ପାଳି ଖେଳିଥିଲେ। ବୋଲିଂରେ ମାଇକେଲ୍ ନେସର୍ ୫ଟି ୱିକେଟ୍ ନେଇ ଇଂଲଣ୍ଡର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS